DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୨୩/୨୦୨୩ (୧୬ ପୃଷ୍ଠା) Bhubaneswar, Monday, October 23/2023 Page 16 ₹ 7.00

୪୯ଶ ଭାଗ ୩୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 329 ମୂଲ୍ୟ ₹୭/-



**ରମାନାଥନଙ୍କୁ ଟାଇଟଲ**

ରାମକୁମାର ରମାନାଥନ ଆଇଟିଏଫ୍ ଧରୱାଡ ପୁରୁଷ ୱାର୍ଲ୍ଡ ଟେନିସ ଟୁର୍ ଚାମ୍ପିୟନ ହୋଇଛନ୍ତି।

୧୪

୧୦

**ତାରାଙ୍କ ପ୍ରେମରେ କାର୍ତ୍ତିକ**

ବଲିଉଡ୍ ତାରକା କାର୍ତ୍ତିକ ଆର୍ଯ୍ୟନ ଏବଂ ତାରା ସୁତାରିଆ ଏକାଠି ଡିନର ଡେଟ୍‌ରେ ଦେଖାଯିବା ପରେ ଉଭୟେ ଡେଟ୍ କରିଥିବା ଚର୍ଚ୍ଚା ହେଉଛି।



### ପାର୍ବଣ ଶୁଭେଚ୍ଛା

ପବିତ୍ର ମହାନବମୀ ଓ ଦଶହରା ଅବସରରେ ଧରିତ୍ରୀ ପରିବାର ତା'ର ଅଗଣିତ ପାଠିକାପାଠକ, ଲେଖିକାଲେଖକ, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁମାନଙ୍କୁ ଶାରଦୀୟ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି।

### ଧରିତ୍ରୀର ଛୁଟି

ମହାନବମୀ ଓ ଦଶହରା ଉପଲକ୍ଷେ ଧରିତ୍ରୀ କାର୍ଯ୍ୟାଳୟ ଅକ୍ଟୋବର ୨୩ ଓ ୨୪ ତାରିଖ (ସୋମବାର, ମଙ୍ଗଳବାର) ବନ୍ଦ ରହିବ। ଏହାର ପରବର୍ତ୍ତୀ ସଂସ୍କରଣ ୨୬ ତାରିଖ ଗୁରୁବାର ସକାଳେ ପ୍ରକାଶ ପାଇବ।

### ଆଜିର ସମ୍ପାଦକୀୟ

ଯୁଦ୍ଧପ୍ରିୟ ନେତା

### ଆଜିର ମନ୍ତବ୍ୟ

"ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ କାନାଡା ଅଧିକାରୀମାନେ ଅଯଥା ହସ୍ତକ୍ଷେପ କରୁଥିବାରୁ ବର୍ତ୍ତମାନ ଦୁଇ ଦେଶର ସମ୍ପର୍କ କଠିନ ସମୟ ଦେଇ ଗତିକରୁଛି।

**-ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ**



ଭକ୍ତିମୟ ପରିବେଶ ଭିତରେ ରବିବାର ଭୁବନେଶ୍ୱର ଶହୀଦନଗରସ୍ଥିତ ପୂଜା ମଣ୍ଡପରେ ଦୁର୍ଗତିନାଶିନୀ ମା' ଦୁର୍ଗାଙ୍କ ମହାଷ୍ଟମୀ ପୂଜା କରାଯାଉଛି। **(ଫଟୋ- ବିକାଶ ନାୟକ)**

# ପୁଣି ପୋଲିସକୁ ହାଣିଲେ ଅବସରପ୍ରାପ୍ତ ଯବାନ

**ବାଙ୍କୀ,୨୨।୧୦**
**(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

କଟକ ଜିଲା ବାଙ୍କୀ ବଜାରରେ ଗତ ସେପ୍ଟେମ୍ବର ୧ତାରିଖରେ ଖଣ୍ଡା ବୁଲାଇ ଆତଙ୍କ ଖେଳାଇବା ସହ ପୋଲିସକୁ ଆକ୍ରମଣ କରିଥିବା ଅଭିଯୁକ୍ତ ଅବସରପ୍ରାପ୍ତ ଯବାନଙ୍କୁ ଧରିବାକୁ ଯାଇ ପୋଲିସକୁ ପୁଣି ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଯବାନଙ୍କ ଖଣ୍ଡାଚୋଟରେ ପୋଲିସ ଏସ୍‌ଆଇ ସମ୍ବିତ ସ୍ୱାଇଁ ଏବଂ କନ୍‌ଷ୍ଟେବଲ ଉତ୍ତମ କୁମାର କର ଆହତ ହୋଇଛନ୍ତି। ଉଭୟଙ୍କୁ ପ୍ରଥମେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଗୁରୁତର ଏସ୍‌ଆଇ ସ୍ୱାଇଁଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଅଭିଯୁକ୍ତ ଯବାନ ଫେରାର ଥିବାବେଳେ ତାଙ୍କର ଏଭଳି ଆକ୍ରମଣରେ ସ୍ଥାନୀୟ ଲୋକେ ଭୟଭୀତ ରହିଛନ୍ତି। ☞ପୃଷ୍ଠା-୪

# ବାତ୍ୟା ଆଶଙ୍କା: ଓଡ଼ିଶାରେ ପବନ, ବର୍ଷା

**ଭୁବନେଶ୍ୱର, ୨୨।୧୦**
**(ଅସମାପିକା ସାହୁ)**

ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଅବପାତରେ ପରିଣତ ହୋଇଛି। ରବିବାର ସନ୍ଧ୍ୟା ସୁଦ୍ଧା ଏହା ପାରାଦୀପଠାରୁ ଦକ୍ଷିଣରେ ୫୨୦ କି.ମି. ଦୂରରେ କେନ୍ଦ୍ରୀଭୂତ ରହିଛି। ୬ ଘଣ୍ଟାରେ ଗଭୀର ଅବପାତରେ ପରିଣତ ହେବା ପରେ ଉତ୍ତର ଆଡ଼କୁ ଗତି କରିବା ଆଶଙ୍କା ରହିଛି। ସୋମବାର ମଧ୍ୟରାତ୍ରି ସୁଦ୍ଧା ଏହା ଦୁର୍ବଳ ବାତ୍ୟାର ରୂପ ନେଇପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହି ବାତ୍ୟାର ନାଁ ରହିବ 'ହମୁନ୍'। ଦୁଇଦିନ ପର୍ଯ୍ୟନ୍ତ ଏହା ବଙ୍ଗୋପସାଗରରେ ଉତ୍ତର-ଉତ୍ତରପୂର୍ବ ଦିଗରେ ଗତି କରି ବାଂଲାଦେଶ-ପଶ୍ଚିମବଙ୍ଗ ଉପକୂଳ ମୁହାଁ ହେବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ରରେ ପବନର ବେଗ ସର୍ବାଧିକ ୮୦ କିମି ରହିବା ସହ ୨୬ ତାରିଖ ଯାଏ ସମୁଦ୍ର ଅଧିକ ଅଶାନ୍ତ ରହିବ। ସେ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି। କିନ୍ତୁ ଓଡ଼ିଶା ଉପରେ ଏହାର ବିଶେଷ ପ୍ରଭାବ ରହିବ ନାହିଁ। କିନ୍ତୁ ସୋମବାରଠାରୁ ରାଜ୍ୟରେ ବର୍ଷା ଆରମ୍ଭ ହେବ। ☞ପୃଷ୍ଠା-୪

# ଭାରତର ୫ମ ବିଜୟ

## ବିଶ୍ୱକପ୍‌ରେ ୨୦ ବର୍ଷ ପରେ ହାରିଲା ନ୍ୟୁଜିଲାଣ୍ଡ



ରନ୍ ନେବା ଅବସରରେ ବିରାଟ କୋହଲି।

**ଧର୍ମଶାଳା,୨୨।୧୦**

ମହମ୍ମଦ ଶାମିଙ୍କ ୫ ଉଇକେଟ ସଫଳତା ଓ ବିରାଟ କୋହଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ୯୫ ରନ୍ ବଳରେ ବିଶ୍ୱକପ୍‌ର ୨୧ତମ ମ୍ୟାଚ୍‌ରେ ଟେବୁଲ ଟପ୍ପର ନ୍ୟୁଜିଲାଣ୍ଡକୁ ୪ ଉଇକେଟରେ ପରାସ୍ତ କରିଛି ଭାରତ। ଚଳିତ ବିଶ୍ୱକପ୍‌ରେ ଭାରତର ଏହା କ୍ରମାଗତ ପଞ୍ଚମ ବିଜୟ ହୋଇଥିବା ବେଳେ ନ୍ୟୁଜିଲାଣ୍ଡ ପ୍ରଥମ ପରାଜୟ ବରଣ କରିଛି। ଏହାସହ ଦୀର୍ଘ ୨୦ ବର୍ଷ ପରେ ଦିନିକିଆ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଜୟ ହାସଲ କରିଛି ଭାରତ। ଶେଷ ଥର ପାଇଁ ୨୦୦୩ କ୍ରିକେଟ ବିଶ୍ୱକପ୍‌ରେ ଭାରତ ଜିତିଥିଲା। ଏହି ବିଜୟ ସହିତ ଭାରତ ପଏଣ୍ଟ ଟେବୁଲର ପ୍ରଥମ ସ୍ଥାନରେ ପହଞ୍ଚିଥିବା ବେଳେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ସ୍ଥାନକୁ ଖସିଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୫୦ ଓଭରରେ ସମସ୍ତ ☞ପୃଷ୍ଠା-୪







PATRA BIG FESTIVAL SALE
PATRA
NOW AT
At - Charbhati Chowk,
Near 4C Ground,
Dhanupali, Sambalpur
Mobile : 8093004351
VIP ROAD, PURI
Near Priyadarshini Handloom,
Mobile : 9938060499
EMI STARTS Rs.3990/-
Buy 55" LED & above & Get Bean Bag worth Rs.5,990/- Absolutely FREE
EMI STARTS Rs.2490/-
Buy Air Conditioner & Get a Mini Bar Fridge worth Rs.13,490/- Absolutely FREE
EMI STARTS Rs.5990/-
Buy Side By Side Refrigerator & Get 10KG TL WM worth Rs.29,990/- Absolutely FREE
EMI STARTS Rs.1590/-
Buy frost free Refrigerator & get 10ltr Geyser worth Rs.10,490/- Absolutely FREE
EMI STARTS Rs.1690/-
Buy Front Load Washing Machine & get 750wt., 3j Mixer grinder Worth Rs.5,390/- Absolutely FREE
EMI STARTS Rs.1550/-
Buy Top Load Washing Machine & get Gas Stove Rs.5,490/- Absolutely FREE
EMI STARTS Rs.750/-
Buy Micro Oven & get Dinner Set Rs.1990/- Absolutely FREE
Upto 60% Off EMI STARTS Rs.990/-
Ear Phone FREE Worth Rs.399/-
EMI STARTS Rs.2499/-
Neck Band FREE Worth Rs.1999/-
EMI STARTS Rs.1899/-
EMI STARTS Rs.3159/-
Get A 12000 MAH Powerbank worth Rs. 1,999/-
EMI STARTS Rs.3990/-
EMI STARTS Rs.1082/-
GRAB YOUR'S TODAY
up to 24 Months EMI & Cashbacks*
43" Buy 1 Get 1
Special Combo Price 34,990/-
Upto 60% Off
UPGRADE YOUR FURNITURE
Office & Home Furniture
UPTO 60% OFF
Available At : Cuttack, Bhubaneswar, Balasore, Dhenkanal, Keonjhar
Jharsuguda, Baragarh, Jajpur Road, Jagatsinghpur, Berhampur
Contact - 9040032644
0 DOWN PAYMENT
UP TO 24 EMI
CASH BACK UP TO 20,000*
X CHANGE & SAVE UP TO 10,000*
1 EMI FREE
ASSUREED GIFT
5% INSTANT DISCOUNT* SBI card
#Min. Trxn.: ₹25,000; Max. Discount: ₹4,500 per card. Also valid on EMI Trxns. Validity: 12 Oct - 25 Nov 2023. T&C Apply.
T & C Apply. Indicated offers are Brands & Model Specific
Call us : 9040035044, 9937544443
PATRA PROTEKT Secure Your Product with extended Warranty
Special Gift for Bajaj EMI Card Holders
BAJAJ FINSERV Cash Back upto Rs.10,500/-
HDB FINANCIAL SERVICES Upto 10000/- Cashback* Win Assured Voucher 40000/-
IDFC FIRST Bank Upto 15000/- Cashback*
HDFC BANK Upto 12000/- Cashback*
kotak
PATRA ELECTRONICS
PURI : VIP ROAD (NEAR PRIYADARSHINI HANDLOOM) PH : 9938060499, CHANDIKHOL : NEAR CANARA BANK, PH : 9938060899, BOLANGIR: KHADALPADA,NEARIDBIBANK,PH:9178919222, JALESWAR: NAYABAZAR,PH:9163690709, HANSPAL: PURICANALROAD,Nh5,PH:9778224244, BARGARH: BANDHUTIKIRCHHAK,PH:9777220955, SAMBALPUR: AAINTHAPALICHHAK,PH:9777362111, DHANUPALI,CHARBATICHOWK,NEAR 4C GROUND, PH : 8093004351 JHARSUGUDA: BEHERAMALL ROAD , PH : 9040075526, ROURKELA : UDIT NAGAR, G.M MALL, PH : 8260524244,8260424244, ANGUL : BUS STAND, PH : 9178128333, DHENKANAL: SASANI CHHAK, PH : 9777272111, KEONJHAR : THANA CHHAK, GADADHAR COMPLEX, PH : 9861024244, JAJPUR ROAD: CHORDA BY PASS, PH : 9692474244, BARIPADA : MURGABADI GOLEI, PH : 8260024244, BALASORE : FAKIR MOHAN GOLEI, PH : 7853074244, 9861724244, BERHAMPUR : DALUA SAHI CHHAK, PH : 9040075527, KHORDHA : PALLAHAT CHHAK, PH : 9040014044, JAGATSINGHPUR: BUS STAND, PH : 9861120454, BHUBANEWSAR:BARAMUNDA, 9040026744, BAPUJINAGAR, Ph: 9040035444 , SAHEED NAGAR, Ph : 8984074244, PATIA, Ph : 9437020420, KHANDAGIRI, Ph : 9438803734, CUTTACK : CDA, Ph : 9437061055, CHAULIAGANJ, Ph:9777268111, BADAMBADI, Ph:9437579644

## ପାର୍ବଣ ଭିଡ଼ରେ ପୋଲିସକୁ ଚ୍ୟାଲେଞ୍ଜ | ମଣ୍ଡପରେ ମହିଳାଙ୍କଠାରୁ ଲୁଟ୍

ଭୁବନେଶ୍ୱର,୨୨।୧୦ (ସତ୍ୟଜିତ୍ ରାଉତ)

ଦୁର୍ଗାପୂଜା ପାଇଁ ସବୁଠି ଉତ୍ସବର ପରିବେଶ। ଏଥିପାଇଁ ରାଜଧାନୀ ମଧ୍ୟ ଚଳଚଞ୍ଚଳ ହୋଇଛି। ଆକର୍ଷଣୀୟ ତୋରଣ ଓ ମା'ଙ୍କ ଆଶିଷ ଲାଭ ପାଇଁ ଶନିବାରଠାରୁ ବିଭିନ୍ନ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ତେବେ ଏହି ଭିଡ଼ର ସୁଯୋଗ ନେଇ ଅପରାଧୀ ମଧ୍ୟ ସକ୍ରିୟ ହୋଇ ଉଠିଛନ୍ତି। କମିଶନରେଟ୍ ପୋଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କୁହାଯାଉଥିଲେ ମଧ୍ୟ ଏହାକୁ ଲୁଟେରା ଖାତିର କରୁନାହାନ୍ତି। ପୂଜା ମଣ୍ଡପକୁ ଆସୁଥିବା ମହିଳା ଶ୍ରଦ୍ଧାଳୁଙ୍କୁ ଟାର୍ଗେଟ କରି ସୁନାଚେନ୍ ଝାମ୍ପି ନେଇଯାଉଛନ୍ତି। ଅଷ୍ଟମୀ ଅବସରରେ ରବିବାର ବମିଖାଲ ପୂଜା ମଣ୍ଡପରେ ୪ ମହିଳା ଶ୍ରଦ୍ଧାଳୁଙ୍କଠାରୁ ୧୦ ଭରିର ସୁନାଚେନ୍ ଲୁଟ୍ କରିନେଇଥିବା ଅଭିଯୋଗ ହୋଇଛି। ପୂର୍ବାହ୍ନ ୧୦ଟା ୩୦ରୁ ୧୦ଟା ୪୫ ମଧ୍ୟରେ ଏକ ମହିଳା ଗ୍ୟାଙ୍ଗ୍ ଶ୍ରଦ୍ଧାଳୁ ବେଶରେ ଏହି ଅପରାଧ ଘଟାଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ପୋଲିସ ସୁରକ୍ଷା ସହ ପୂଜା ମଣ୍ଡପରେ ସିସିଟିଭି ଲଗାଯାଇଥିଲେ ସୁଦ୍ଧା ଲୁଟେରାମାନେ ଲୁଟ୍ କରି ଚାଲିଯାଉଛନ୍ତି। ଆଗକୁ ନବମୀ ଏବଂ ଦଶହରା ଥିବାବେଳେ ପୋଲିସ କିପରି ଲୁଟେରାଙ୍କୁ କାବୁ କରିବ ତାହା ଚିନ୍ତାର ବିଷୟ ପାଲଟିଛି।



ବମିଖାଲ ପୂଜାମଣ୍ଡପରେ ଶ୍ରଦ୍ଧାଳୁ ଲିଲି ଦାସ ମହିଳାଙ୍କ ପାଇଁ ହୋଇଥିବା ସ୍ୱତନ୍ତ୍ର ଧାଡ଼ିରେ ଛିଡ଼ା ହୋଇଥିଲେ। ହେଲେ ୧୦ ମିନିଟ୍ ମଧ୍ୟରେ ତାଙ୍କର ୫ଭରି ସୁନାଚେନ୍ ଚୋରି ହୋଇଯାଇଥିଲା। ଅନ୍ୟ ମହିଳାମାନଙ୍କର ମଧ୍ୟ ସମାନ ଭାବେ ଲୁଟ୍ ହୋଇଥିବା କୁହାଯାଉଛି। ଏନେଇ ଗୋଟିଏ ଅଭିଯୋଗ ହୋଇଥିବାବେଳେ ପୋଲିସ ଛାନ୍‌ଭିନ୍ ଆରମ୍ଭ କରିଛି। ମଣ୍ଡପର ବିଭିନ୍ନ ଦିଗରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରି ଲୁଟେରାଙ୍କୁ ଚିହ୍ନଟ କରିବାକୁ ପୋଲିସ ପ୍ରୟାସ ଆରମ୍ଭ କରିଛି। ମହିଳା ପୋଲିସ ମୁତୟନ ହୋଇ ନ ଥିବାରୁ ଏଭଳି ଲୁଟ୍ ଘଟଣା ଘଟିଥିବା ଅଭିଯୋଗ ହୋଇଛି। ବମିଖାଲ ପୂଜା କମିଟି ସମ୍ପାଦକ ଅଜୟ ପ୍ରଧାନ କହିଛନ୍ତି, ସୁରକ୍ଷା ଦୃଷ୍ଟିରୁ ଆମେ ୧୨ଟି ସିସିଟିଭି ବ୍ୟବସ୍ଥା କରିଛୁ। ଭଲ୍ୟୁଣ୍ଟରମାନେ ସଜାଗ ଅଛନ୍ତି। ମହିଳା ପୋଲିସ ମଣ୍ଡପରେ ନ ଥିବାରୁ ଏହି ଘଟଣା ଘଟିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ରାଜଧାନୀର ଅନ୍ୟ ପୂଜା ମଣ୍ଡପରେ ମଧ୍ୟ ଏକାଧିକ ଚୋରି ଓ ଲୁଟ୍ ହୋଇଥିବା କୁହାଯାଉଛି। ସୋମବାରଠାରୁ ଥାନାରେ ଏହି ଅଭିଯୋଗ ସଂଖ୍ୟା ବଢ଼ିପାରେ ବୋଲି କୁହାଯାଉଛି।

ପ୍ରକାଶ ଯେ, ପୂଜାରେ ସୁରକ୍ଷା ପାଇଁ ପୋଲିସ ପକ୍ଷରୁ ୩୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଏଥିସହ ୧୨ ଅତିରିକ୍ତ ଡିସିପି, ୨୩ ଏସିପି, ୪୧ ଇନ୍‌ସପେକ୍ଟର ସହ ଅନ୍ୟ କର୍ମଚାରୀମାନେ ମଧ୍ୟ ଦାୟିତ୍ୱରେ ଅଛନ୍ତି। ସେପଟେ ଶୁକ୍ରବାର ସନ୍ଧ୍ୟାରେ କେତେଜଣ ଦୁର୍ବୃତ୍ତ ରସୁଲଗଡ଼ସ୍ଥିତ ଏସ୍‌ପ୍ଲାନେଡ୍ ମଲ୍ ନିକଟ ରାସ୍ତାକଡ଼ରେ ପାର୍କିଂ ହୋଇଥିବା ଅଜିତାଭ ମହାନ୍ତିଙ୍କ କାର୍ କାଚ ଭାଙ୍ଗି ୨୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଓ ଗୋଟିଏ ଲାପଟପ୍ ଚୋରିକରି ନେଇଥିଲେ। ତେବେ ଆଗକୁ ଆଉ ୩ ଦିନ ଅଧିକ ଭିଡ଼ ହେବାକୁ ଥିବାବେଳେ ଅପରାଧୀଙ୍କ ପାଇଁ ପୋଲିସ ଚିନ୍ତାରେ ପଡ଼ିଛି। ଏମାନଙ୍କୁ ଚିହ୍ନଟ କରି ଗିରଫ କରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ହୋଇଛି। ଭୁବନେଶ୍ୱର ଡିସିପି ପ୍ରତୀକ ସିଂ କହିଛନ୍ତି, ପୂଜାରେ ଅଧିକ ଭିଡ଼ ହେବା ଦୃଷ୍ଟିରୁ ଆମ ପକ୍ଷରୁ ସବୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ମଣ୍ଡପରେ ଅଧିକ ଭିଡ଼ ଦୃଷ୍ଟିରୁ ସୁରକ୍ଷା ପାଇଁ ସ୍ପେଶାଲ ପୋଲିସ ଟିମ୍ ଓ ଭଲ୍ୟୁଣ୍ଟର ମୁତୟନ ହୋଇଛନ୍ତି। ଚୋରି, ଲୁଟ୍ ଆଦି ଘଟଣା ଉପରେ ଆମେ ଧ୍ୟାନ ଦେଉଥିବା ବେଳେ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରାଯାଉଛି। ମଣ୍ଡପଗୁଡ଼ିକୁ ସିସିଟିଭି ନଜରରେ ରଖାଯାଇଛି। ତେବେ ଅଳଙ୍କାର ପିନ୍ଧି ମା'ଙ୍କ ଦର୍ଶନ ପାଇଁ ଆସୁଥିବା ମହିଳା ଶ୍ରଦ୍ଧାଳୁମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରାଯାଉଛି ବୋଲି ଡିସିପି ସିଂ କହିଛନ୍ତି।

## ୨୨୦ ଓଏଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର)

ଓଏଏସ୍ ଅଫିସର ସ୍ତରରେ ରାଜ୍ୟ ସରକାର ଏକ ବଡ଼ ଧରଣର ଅଦଳବଦଳ କରିଛନ୍ତି। ୨୨୦ ଓଏଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ବଦଳି ସହ ସମସ୍ତ ଅଧିକାରୀଙ୍କୁ ବିଭାଗ ଦ୍ୱାରା ସେଣ୍ଟ୍ରାଲୀ ରିଲିଭ୍ କରାଯାଇଛି। ଆସନ୍ତା ୨୫ ତାରିଖ ସୁଦ୍ଧା ନିଜ ନୂଆ ସ୍ଥାନରେ ଯୋଗଦେବାକୁ ସେମାନଙ୍କ ଉକ୍ତ ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଛି। ପୂଜା ଛୁଟି ଥିବା ସତ୍ତ୍ୱେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏହି ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ସେପ୍ଟେମ୍ବର ୧୨ ଓ ଅକ୍ଟୋବର ୧୩ରେ ଯେଉଁ ଓଏଏସ୍ ଅଧିକାରୀଙ୍କ ବଦଳି କରାଯାଇଥିଲା ସେମାନଙ୍କୁ ମଧ୍ୟ ସେଣ୍ଟ୍ରାଲୀ ରିଲିଭ୍ କରାଗଲା ବୋଲି ଉଲ୍ଲେଖ ରହିଛି।

## ସରୋଜଙ୍କ ପରିବାରକୁ ଭେଟିଲେ ଧର୍ମେନ୍ଦ୍ର



ଭୁବନେଶ୍ୱର,୨୨।୧୦(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ କେନ୍ଦୁଢିପ ଗାଁରେ ମୃତ ଯବାନ ସରୋଜ କୁମାର ଦାସଙ୍କ ବାସଭବନକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ସରୋଜ କୁମାର ଦାସଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଧର୍ମେନ୍ଦ୍ର ଟୁଇଟ୍ କରି କହିଛନ୍ତି ଯେ, ସେ ଏହି ଅଞ୍ଚଳର ବୀରପୁତ୍ର ଥିଲେ। ରାଷ୍ଟ୍ର ପାଇଁ ତାଙ୍କ ସେବାକାର୍ଯ୍ୟ, ସମର୍ପଣ ଭାବନା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

## ଧରିତ୍ରୀ ସ୍ତମ୍ଭ ଲେଖକ ଦ୍ୱିତୀ ସାହୁ ସମ୍ମାନିତ | 'ଝିଅ କେବଳ ଝିଅ ନୁହେଁ' ଲେଖା ପାଇଁ ସମ୍ବର୍ଦ୍ଧିତ

ରାୟଗଡ଼ା,୨୨।୧୦(ଆଶିଷ ରଞ୍ଜନ ପଣ୍ଡା)

ଲିଙ୍ଗଗତ ବୈଷମ୍ୟ ଆଧାରିତ ସ୍ତମ୍ଭ ରଚନା କରିଥିବାରୁ ରାୟଗଡ଼ାର ସ୍ତମ୍ଭକାର ଦ୍ୱିତୀଚନ୍ଦ୍ର ସାହୁଙ୍କୁ ଲାଡଲି ମିଡ଼ିଆ ଆୱାର୍ଡରେ ସମ୍ମାନିତ କରାଯାଇଛି। ରାଜସ୍ଥାନର ଜୟପୁର ସହରରେ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ ଶନିବାର ପିପୁଲ୍‌ସ ଫାଷ୍ଟ ଓ ୟୁଏନ୍‌ଏଫପିଏ ମିଳିତ ସହଯୋଗରେ ଆୟୋଜିତ ଲାଡ୍‌ଲି ମିଡିଆ ଓ ଆଡଭରଟାଇଜ୍‌ମେଣ୍ଟ ଆୱାର୍ଡ ସମାରୋହରେ ଦ୍ୱିତୀଙ୍କୁ ସମ୍ମାନିତ କରାଯାଇଛି। ଲିଙ୍ଗଗତ ବୈଷମ୍ୟ ଆଧାରିତ ସ୍ତମ୍ଭ, ଓ ରେଡିଓ ଫିଚର ଆଦି ବିଭିନ୍ନ ଫିଚର, ଖବର, ଡକ୍ୟୁମେଣ୍ଟାରି ବର୍ଗରେ ଭାରତବର୍ଷରେ ପ୍ରାର୍ଥୀ ଚୟନ କରାଯାଇଥିଲା। ଦୈନିକ ଖବରକାଗଜ 'ଧରିତ୍ରୀ' ସମ୍ପାଦକୀୟ ପୃଷ୍ଠାରେ ଦ୍ୱିତୀଙ୍କ ପ୍ରକାଶିତ ସ୍ତମ୍ଭ 'ଝିଅ କେବଳ ଝିଅ ନୁହେଁ' ପାଇଁ ପୂର୍ବ ଭାରତ ପ୍ରାନ୍ତରୁ ତାଙ୍କୁ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜୟପୁରସ୍ଥିତ ବାବା ଆମ୍‌ଟେ ଦିବ୍ୟାଙ୍ଗ ବିଶ୍ୱବିଦ୍ୟାଳୟ କୁଳପତି ଡ. ଦେବ ସ୍ୱରୂପ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ୟୁଏନ୍‌ଏଫ୍‌ପିଏର ଚିଫ୍ ପଲିସି ଓ ପାର୍ଟନର ଜୟଦେବ ବିଶ୍ୱାସ, ରାଜସ୍ଥାନ ମହିଳା ସଶକ୍ତୀକରଣର ପ୍ରମୁଖ ସ୍ୱର ପାଲଟିଥିବା ଭୌରାଦେବୀଙ୍କ ସମେତ ଦେଶର ପ୍ରମୁଖ ବ୍ୟକ୍ତିମାନେ ଅତିଥି ଭାବେ ଯୋଗ ଦେଇଥିଲେ। ପୁନଃ ଥଇଥାନ ଯୋଜନା କ୍ରମରେ ସରକାରୀ ଚାକିରିରେ ନିଯୁକ୍ତି ଦେବାରେ ଭାରତୀୟ ପରିବାରର ଥିବା ଏକମାତ୍ର ବିବାହିତା କନ୍ୟା ସନ୍ତାନମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ନେଇ 'ଧରିତ୍ରୀ'ରେ ନଭେମ୍ବର ୨୧, ୨୦୨୨ରେ ପ୍ରକାଶିତ 'ଝିଅ କେବଳ ଝିଅ ନୁହେଁ' ପାଇଁ ଦ୍ୱିତୀଙ୍କ ସ୍ତମ୍ଭ ଜୁରୀମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇ ପୁରସ୍କାର ଲାଗି ଚୟନ କରାଯାଇଥିଲା।



ସ୍ତମ୍ଭକାର ଦ୍ୱିତୀଚନ୍ଦ୍ର ସାହୁଙ୍କୁ ସମ୍ମାନିତ କରାଯାଉଛି।







SCAN TO AVAIL THE GIFT OFFERS
Hero 112 MILLION** MADE OF TRUST
WORLD'S NO.1 22 YEARS IN A ROW≠ MOTORCYCLE & SCOOTER COMPANY
INDIA'S FIRST 5 YEAR WARRANTY* *Conditions apply
ଆଧାର ଆଧାରିତ^ ଲୋନ୍ ଏବଂ କ୍ୟାଶ୍ EMI
କୌଣସି ହାଇପୋଥିକେସନ୍ ନାହିଁ^
Flipkart ରେ ମଧ୍ୟ ଉପଲବ୍ଧ
Hero GoodLife ଲାଭ ₹6500## ପର୍ଯ୍ୟନ୍ତ
• For Corporate & Govt enquiries please contact: institutionalsales@heromotocorp.com • Select models are available at CSD/CPC authorised dealerships

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. **As per the cumulative dispatch number till March 2023. ≠Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empanelled dealers on Wheels of Trust platform. ^Finance offer is at the sole discretion of the Financier, subject to its respective T&Cs. Available at select dealerships. *Offer amount and combination of offer may vary for model/variant and states and it is applicable on select models only. For more details, please visit your nearest authorised Hero outlet. ##Available on purchase of Hero Good Life membership. Applicable on select models only.

Exchange Powered By Wheels of Trust^^
ସର୍ବୋତ୍ତମ ରିସେଲ୍ ମୂଲ୍ୟ ପାଇଁ ସ୍କାନ୍ କରନ୍ତୁ

**Authorized Dealers: Bhubaneswar: Rohan Hero,** Ph: 9289922474, **Bharat Hero,** Ph: 7799766378, **DD Hero,** Ph: 0674-2747448 / 9439650824, **Arundhati Hero,** Ph: 9289923183, **Cuttack: JMG Hero,** Ph: 9289922178, **Sunny Hero,** Ph: 9289922697, **Essen Hero,** Ph: 9289923078, **Angul: Parbati Hero,** Ph: 9289922902, **Balasore: Neelam Hero,** Ph: 9289922519, **Baripada: Aditya Hero,** Ph: 7799766370, **Bhadrak: Sanjib Hero,** Ph: 9289922608, **Chandikhol: S. K. Hero,** Ph: 9289922900, **Jajpur Road: Soumik Hero,** Ph: 9289922611, **Jaleswar: Sai Hero,** Ph: 9289922844, **Jatni: Vishal Hero,** Ph: 9289922984, **Keonjhar: Supreme Hero,** Ph: 9289922182, **Nayagarh: Bhagabati Hero,** Ph: 9289922687, **Puri: Sanjib Hero,** Ph: 9289923107, **Behrampur: Lakshmi Motors, Dharma Nagar,** Ph: 9289923187, **Lakshmi Automotives, Gajapati Nagar,** Ph: 9289922184, **Jeypore: Supreme Hero,** Ph: 9289922183, **Phulbani: Narayani Hero,** Ph: 9289922991, **Raygada: Ajit Hero,** Ph: 9289922819, **Bargarh: Aakash Hero,** Ph: 9289922181, **Bhawanipatna: Arundhati Hero,** Ph: 9289922837, **Bolangir: Arundhati Hero,** Ph: 9289923033, **Jharsuguda: Vijaylaxmi Hero,** Ph: 9289922595, **Rourkela: Dua Hero,** Ph: 9289922179, **Sambalpur: Sri Shyam Hero,** Ph: 9289922484, **Sonepur: Jai Jawan Hero,** Ph: 9289922800, **Sundergarh: Robotech Hero,** Ph: 9289923063, **Dhenkanal: Som Hero,** Ph: 9289922614, **Talcher: Tarini Hero,** Ph: 9289922736. **Authorized HeroSure Dealers: Bhubaneshwar:** Arundhati Motobikes, Ph- 7682841658, **Rourkela:** Dua Motors , Ph - 6372753989.

WT.5654.2023ODI

## ଗଣ୍ଡରେ ପଡ଼ି ଡାକ୍ତରୀ ଛାତ୍ରଙ୍କ ମୃତ୍ୟୁ

ସୋରଡ଼ା,(ଲମ୍ବୋଦର ପାଣିଗ୍ରାହୀ): ସୋରଡ଼ା ବ୍ଲକ ଭଗବାନପୁର ଗ୍ରାମ ନିକଟ ହୁଲୁହୁଲା ଜଳ ଗଣ୍ଡସ୍ଥଳକୁ ବଣଭୋଜି ପାଇଁ ଆସିଥିବା ବ୍ରହ୍ମପୁର ବିଜିପୁର ଅଞ୍ଚଳର ଡାକ୍ତରୀ ଛାତ୍ର ରାକେଶ କୁମାର ପାଢ଼ୀଙ୍କ ଅକାଳ ମୃତ୍ୟୁ ହୋଇଛି। ରାକେଶ ଓ ଅନ୍ୟ ୩ ଜଣ ସାଙ୍ଗ ରବିବାର ଭୋଜି କରିବାକୁ ଯାଇଥିଲେ। ଅପରାହ୍ନରେ ଗଣ୍ଡରେ ଗାଧୋଉଥିଲା ବେଳେ ରାକେଶଙ୍କ ଗୋଡ ଖସି ଯିବାରୁ ସେ ଗଣ୍ଡରେ ପଡ଼ିଯାଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ଖୋଜି ବାହାର କରିଥିଲେ। ଥାନାଧିକାରୀ ଅନିଲ କୁମାର ପରିଡା ପହଞ୍ଚି ରାକେଶଙ୍କୁ ସୋରଡ଼ା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢଗଢମାଳି**
**ଛୁଞ୍ଚିମୁନ ପରି ଯାଉଚି ଗଳି।**

ଢଗଢମାଳି ମଣିଷର ଚରିତ୍ରକୁ ସହଜରେ ପରିପ୍ରକାଶ କରିଥାଏ। ଏଥିରେ କୁହାଯାଉଥିବା କଟୂକ୍ତିମାନ ଦେହ ଓ ମନକୁ ଆକ୍ତାମାକ୍ତା କରିଦେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଢମ କହୁଛୁ କେତେ**
**ତୋର କଥାକି ଅଜଣା ମତେ।**

ଢମ ଗପୁଥିବା ବା ବଢ଼େଇ କରି କହୁଥିବା ସ୍ତ୍ରୀଲୋକର ପ୍ରକୃତ ଧନ ଦରବର ଚିତ୍ର। ନିଜେ ଯେତେ ନୁହେଁ ତାହାକୁ ଅତିରଞ୍ଜିତ କରି ଅନ୍ୟ ଆଗରେ ଗପିବା ଦ୍ୱାରା ନିଜର ଗୁମର ପଦାରେ ପଡିଯାଇଥାଏ। ଫଳରେ ଲୋକହସା ହେବାହିଁ ସାର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଏଲ୍ଏସି: ଚାଇନା ବଢ଼ାଉଛି ସାମରିକ ଭିତ୍ତିଭୂମି

## ପେଣ୍ଟାଗନ୍ ରିପୋର୍ଟରେ ପ୍ରଘଟ

**ଭାରତ-ଚାଇନା ମଧ୍ୟସ୍ଥ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି)ରେ ଗତବର୍ଷ ବେଜିଂ ସାମରିକ ବଳ ଓ ଭିତ୍ତିଭୂମି ବୃଦ୍ଧି ଘଟାଇଥିଲା। ସୈନ୍ୟ ଉପସ୍ଥିତି ବଢ଼ାଇବାର ଏହି ଧାରା ଏବେ ମଧ୍ୟ ଲାଗିରହିଛି। ଆମେରିକୀୟ ପ୍ରତିରକ୍ଷା ବିଭାଗ ସଦ୍ୟ ଜାରି କରିଥିବା ଏକ ରିପୋର୍ଟରୁ ଏହା ପ୍ରଘଟ ହୋଇଛି। ଭାରତ ପାଇଁ ଏହା ଚିନ୍ତା ବୃଦ୍ଧିର କାରଣ ବୋଲି ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ଦେଉଛନ୍ତି।**



ୱାଶିଂଟନ୍,୨୨।୧୦(ପି.ଟି.)

ଭାରତ ସହ ଉତ୍ତେଜନା ଲାଗିରହିଥିବାବେଳେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍ଏସି) ନିକଟରେ ଚାଇନା ଅଧିକ ସୈନ୍ୟ ମୁତୟନ କରିବା ସହ ଭିତ୍ତିଭୂମି ନିର୍ମାଣ ବଢ଼ାଇଛି। ଡୋକ୍ଲାମ ନିକଟରେ ଚାଇନ ଯୁଦ୍ଧାସ୍ତ୍ର ମହଜୁଦ୍ ରଖିବା ଲାଗି ଭୂତଳ ଷ୍ଟୋରେଜ୍ ନିର୍ମାଣ କରିଛି। ପାଙ୍ଗୋଙ୍ଗ ହ୍ରଦ ଉପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ସହ ଏଲ୍ଏସି ନିକଟରେ ଦ୍ୱୈତ (ସାମରିକ ଓ ବେସାମରିକ) ଉଦ୍ଦେଶ୍ୟରେ ବ୍ୟବହାରଯୋଗ୍ୟ ବିମାନବନ୍ଦର ଏବଂ ଏକାଧିକ ହେଲିପ୍ୟାଡ୍ ନିର୍ମାଣ କରିଛି ବେଜିଂ। ଆମେରିକାର ପେଣ୍ଟାଗନ୍ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଏଲ୍ଏସି ପାର୍ଶ୍ୱରେ ୨୦୨୨ରେ ବେଜିଂ ସାମରିକ ଭିତ୍ତିଭୂମିର ବିକାଶ ଜାରି ରଖିଥିଲା। ସେଥିରେ ଭୂତଳ ଷ୍ଟୋରେଜ୍ ସମେତ ଏଲ୍ଏସିର ସମସ୍ତ ୩ ସେକ୍ଟରରେ ନୂଆ ରାସ୍ତା, ଭୁଟାନ ନିକଟ ବିବାଦୀୟ ଅଞ୍ଚଳରେ ନୂଆ ଗ୍ରାମ ଅନ୍ତର୍ଭୁକ୍ତ। ଏଥିସହିତ ସୀମାରେ ଚାଇନା ଏକ ସୀମା ରେଜିମେଣ୍ଟ ସାଙ୍ଗକୁ ଜିନ୍ଜିଆଙ୍ଗ ଏବଂ ତିବ୍ବତୀୟ ମିଲିଟାରୀ ଡିଷ୍ଟ୍ରିକ୍ଟର ୨ଟି ଡିଭିଜନ ମୁତୟନ କରିଛି ଏବଂ ୪ଟି ମିଳିତ ସେନା ବ୍ରିଗେଡ୍ (ସିଏବି)କୁ ରିଜର୍ଭରେ ରଖିଛି। ଏହା ବ୍ୟତୀତ ପୂର୍ବାଞ୍ଚଳ ସେକ୍ଟରରେ ବେଜିଂ ୩ଟି ସିଏବି ଏବଂ ସେଣ୍ଟ୍ରାଲ ସେକ୍ଟରରେ ଅନ୍ୟ ୩ଟି ସିଏବିକୁ ମହଜୁଦ୍ ରଖିଥିଲା। ଯଦିଓ ବର୍ତ୍ତମାନ ସେମାନଙ୍କ ମଧ୍ୟରୁ ସିଏବିକୁ ପ୍ରତ୍ୟାହାର କରାଯାଇଛି, ତେବେ ଅଧିକାଂଶ ସୈନ୍ୟ ଏଲ୍ଏସି ନିକଟରେ ମୁତୟନ ରହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବ ଲଦାଖର କେତେକ ଫ୍ରିକ୍ସନ ପଏଣ୍ଟରେ ଭାରତୀୟ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ମୁହାଁମୁହିଁ ସ୍ଥିତି ଲାଗିରହିଥିଲା। ବହୁ ପର୍ଯ୍ୟାୟ କୂଟନୈତିକ ଏବଂ ସାମରିକ ଆଲୋଚନା ପରେ ବହୁ ଅଞ୍ଚଳରୁ ଉଭୟ ପକ୍ଷ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରି ନେଇଥିଲେ ମଧ୍ୟ ଉତ୍ତେଜନା ଥମିନାହିଁ।

ଭାରତ ଓ ଚାଇନା ମଧ୍ୟରେ ନିର୍ଦ୍ଦିଷ୍ଟ ସୀମାରେ ଚିହ୍ନଟ ହୋଇ ନ ଥିବାରୁ ଦୀର୍ଘଦିନ ହେଲା ବିବାଦ ଲାଗିରହିଛି। ଚାଇନା ସୈନ୍ୟମାନେ ଅନେକ ସମୟରେ ଭାରତୀୟ ଅଞ୍ଚଳ ମଧ୍ୟକୁ ପଶିଆସି, ଉକ୍ତ ଅଞ୍ଚଳକୁ ନିଜର ବୋଲି ଦାବି କରିବା ଫଳରେ ଉତ୍ତେଜନା ଦେଖାଦେଉଛି। ଗତ କିଛିବର୍ଷ ହେଲା ଉଭୟ ଦେଶ ଏଲ୍ଏସି ନିକଟସ୍ଥ ସେମାନଙ୍କ ପାର୍ଶ୍ୱରେ ଭିତ୍ତିଭୂମି ନିର୍ମାଣ ବଢ଼ାଇଚାଲିଥିବାବେଳେ ଅନେକ ସମୟରେ ଏହାକୁ ନେଇ ଉଭୟ ସେନା ମଧ୍ୟରେ ମୁହାଁମୁହିଁ ସ୍ଥିତି ଉପୁଜୁଥିବା ଆମେରିକା ପ୍ରତିରକ୍ଷା ବିଭାଗ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୂଚନା ଅଧିକାର ସହାୟତା କେନ୍ଦ୍ର ଉଦ୍‌ଘାଟିତ

ଚୌଦ୍ୱାର,୨୨।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ଅଧୀନ ୧୩ନଂ. ୱାର୍ଡର ପାଇକରାପୁର ଗ୍ରାମରେ ସୂଚନା ଅଧିକାର ସହାୟତା କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ସୂଚନା ଅଧିକାର ଆଇନ ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ, କାଉନସିଲର ସୁଜାତା ସାହୁ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସହ ଆବାହକ ଶ୍ରୀକାନ୍ତ ପାକଳ, ରୋହନ ମହାନ୍ତି, ପ୍ରତାପ ଜେନା, ଅକ୍ଷୟ ଭୂୟାଁ, ମନୋଜ ସାହୁ, ସୁରେଶ କୁମାର ରାଉତରାୟ, ଭୀମସେନ ବିଶ୍ୱାଳ, ବୁଲ୍‌ବୁଲ୍ ସାହୁ ପ୍ରମୁଖ ସୂଚନା ଅଧିକାର କର୍ମୀ ଯୋଗଦେଇଥିଲେ। ସହାୟତା କେନ୍ଦ୍ର ଦ୍ୱାରା ସାଧାରଣ ଲୋକ କିଭଳି ଉପକାର ପାଇବେ ଓ ସଙ୍ଗଠନ ତରଫରୁ କିପରି ସହାୟତା ଯୋଗାଇ ଦିଆଯିବ ସେ ସମ୍ପର୍କରେ ବକ୍ତାମାନେ କହିଥିଲେ। କାଉନ୍‌ସିଲର ଅଜୟ କୁମାର ବେହେରା, ନିଗମ ସାହୁ, ଶରତ ନାୟକ, ଆଶିଷ ଧଳ, ପ୍ରତାପ ବେହେରା, ପପୁ ଭଦ୍ର, ଧନେଶ୍ୱର ରଥଙ୍କ ସମେତ ବହୁ ସୂଚନା ଅଧିକାର କର୍ମୀ ଉପସ୍ଥିତ ଥିଲେ। ନଗେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ଗାଡ଼ି ଧକ୍କାରେ ବାପା ମୃତ, ପୁଅ ଆହତ

ସଇଁତଳା, ୨୨।୧୦ (ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗୀର ଜିଲା ସଇଁତଳା ଥାନା ବେଲଗାଁ ଫାଣ୍ଡି ଅନ୍ତର୍ଗତ ପିପୃଟ ଗ୍ରାମ ନିକଟରେ ରବିବାର ସନ୍ଧ୍ୟାରେ ସଡକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ଆହତ ହୋଇଛନ୍ତି। ମୃତକ ହେଲେ କରମତଲା ପଞ୍ଚାୟତ ଝିମନପାଲି ଗ୍ରାମର ଲକ୍ଷ୍ମଣ ଭୋଇ (୪୫)। ତାଙ୍କ ପୁଅ ଅନୀଲ ଭୋଇ (୨୦) ଆହତ ହୋଇଛନ୍ତି। ଉଭୟେ ଦୁର୍ଗାପୂଜା ଦେଖିବା ପାଇଁ ବାଇକ ଯୋଗେ ଶିଶକେଲା ଯାଉଥିଲେ। ଜାତୀୟ ରାଜପଥ ୨୬ ପିପୃଟ ନିକଟରେ ସେମାନଙ୍କୁ କୌଣସି ଗାଡ଼ି ଧକ୍କା ଦେଇ ପଳାଇ ଯାଇଥିଲା। ଉଭୟେ ବାଇକରୁ ଛିଟିକି ରାସ୍ତାରେ ପଡ଼ିଥିଲେ। ଖବର ପାଇ ସଇଁତଳା ଥାନା ପୋଲିସ ଉଭୟଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ହେଲେ ସେଠାରେ ଡ଼ାକ୍ତର ଲକ୍ଷ୍ମଣଙ୍କୁ ମୃତ ଘୋଷଣା କରିଥିଲେ।

# ଫୁଡ୍ ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଚଢାଉ, ୧ କୁଇଣ୍ଟାଲରୁ ଅଧିକ ଖାଦ୍ୟ ନଷ୍ଟ

ଭୁବନେଶ୍ୱର, ୨୨।୧୦। (ବନ୍ଦନା ସେଠୀ)

ଦୁର୍ଗାପୂଜା ପାଇଁ ରାଜଧାନୀ ଭୁବନେଶ୍ୱରରେ ଉତ୍ସବର ମାହୋଲ ଲାଗି ରହିଛି। ଲୋକେ ମେଢ଼ ବୁଲା ସହ ଖିଆପିଆ କରି ମଉଜ କରୁଛନ୍ତି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ ପୂଜା ମଣ୍ଡପ ତଥା ଏହାର ଆଖପାଖରେ ଚଟ୍‌ପଟି ଖାଦ୍ୟ ଖାଇବାକୁ ବେଶି ପସନ୍ଦ କରିଥାନ୍ତି। ଅସ୍ୱାସ୍ଥ୍ୟକର ଖାଦ୍ୟ ଖାଇ ଲୋକେ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ରହିଛି। ତେଣୁ ନାଗରିକଙ୍କ ଖାଦ୍ୟ ନିରାପତ୍ତାକୁ ଦୃଷ୍ଟିରେ ରଖି ବିଏମ୍‌ସି ପକ୍ଷରୁ ପୂଜା ମଣ୍ଡପ ତଥା ଆଖପାଖରେ ପଡିଥିବା ବିଭିନ୍ନ ଷ୍ଟଲ ଓ ଦୋକାନ ଉପରେ ଚଢାଉ କରାଯାଉଛି। ଶନିବାର ବିଏମ୍‌ସିର ଫୁଡ୍ ଏନ୍‌ଫୋର୍ସମେଣ୍ଟ ଟିମ୍ ବରମୁଣ୍ଡା, ନୟାପଲ୍ଲୀ, ରସୁଲଗଡ, ଶହୀଦନଗର, ଝାରପଡା ଆଦି ଅଞ୍ଚଳରେ ଥିବା ଦୋକାନ ଉପରେ ଚଢାଉ କରି ୫୦ରୁ ୬୦ କେଜି ଖରାପ ଖାଦ୍ୟ ନଷ୍ଟ କରିଥିଲା। ସେହିପରି ରବିବାର ମଧ୍ୟ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ୮୦ରୁ ୯୦ଟି ଖାଦ୍ୟ ଦୋକାନ ଉପରେ ଚଢାଉ କରି ପାଖାପାଖି କୁଇଣ୍ଟାଲ ଖାଦ୍ୟ ନଷ୍ଟ କରିଦିଆଯାଇଛି।



## ପ୍ରଥମ ପୃଷ୍ଠାରୁ...

### ଭାରତର ୫ମ ...

ଉଇକେଟ ହରାଇ ୨୭୩ ରନ୍ କରିଥିବା ବେଳେ ଭାରତ ୪୮ ଓଭରରେ ୬ ଉଇକେଟ ହରାଇ ୨୭୪ ରନ୍ କରିଥିଲା। ହାର୍ଦ୍ଦିକ ପାଣ୍ଡ୍ୟା ଆହତ ଥିବାରୁ ଭାରତ ଦୁଇଟି ପରିବର୍ତ୍ତନ ସହିତ ଓହ୍ଲାଇଥିଲା। ପାଣ୍ଡ୍ୟାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଓ ଶାର୍ଦ୍ଦୁଳ ଠାକୁରଙ୍କ ସ୍ଥାନରେ ମହମ୍ମଦ ଶାମି ଏହି ମ୍ୟାଚ୍ ଖେଳିଥିଲେ। ଟସ୍ ଜିତି ଭାରତ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଯଶ୍‌ପ୍ରୀତ୍ ବୁମ୍‌ରା ଆରମ୍ଭରୁ ଠିକ୍ ଲାଇନ୍ ଲେନ୍ଥରେ ବୋଲିଂ କରି ମ୍ୟାଚ୍‌କୁ ଭାରତ ନିୟନ୍ତ୍ରଣରେ ରଖିଥିଲେ। ଚତୁର୍ଥ ଓଭରରେ ଖାତା ଖୋଲିବା ପୂର୍ବରୁ ଡେଭନ୍ କନ୍‌ୱେଙ୍କୁ ଆଉଟ୍ କରିଥିଲେ ମହମ୍ମଦ ସିରାଜ। ଚଳିତ ବିଶ୍ୱକପ୍‌ରେ ନିଜର ପ୍ରଥମ ମ୍ୟାଚ୍ ଖେଳୁଥିବା ମହମ୍ମଦ ଶାମି ନିଜ ପ୍ରଥମ ବଲରେ ଅନ୍ୟତମ ଓପନର ୱିଲ ୟଙ୍ଗଙ୍କୁ ବୋଲ୍ଡ କରି ଆଉଟ କରିଥିଲେ। ୧୯ ରନ୍‌ରେ ଦୁଇ ଉଇକେଟ ହରାଇବା ପରେ ନ୍ୟୁଜିଲାଣ୍ଡ ପକ୍ଷରୁ ରାଚିନ୍ ରବୀନ୍ଦ୍ର (୭୫) ଓ ଡାରିଲ୍ ମିଚେଲ୍ (୧୩୦) ଇନିଂସ ସମ୍ଭାଳିଥିଲେ। ରବୀନ୍ଦ୍ର ୮୭ ବଲ୍ ଖେଳି ୬ ଚୌକା ଓ ୧ ଛକା ମାରିଥିଲେ। ଅନ୍ତିମ ଓଭରରେ ଆଉଟ ହେବା ପୂର୍ବରୁ ମିଚେଲ ୧୨୭ ବଲ୍ ଖେଳି ୯ ଚୌକା ଓ ୫ ଛକା ମାରିଥିଲେ। ଉଭୟ ତୃତୀୟ ଉଇକେଟରେ ୧୫୯ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ବିଶ୍ୱକପ୍‌ରେ ନିଜର ପ୍ରଥମ ଶତକ ହାସଲ କରିଥିବା ମିଚେଲ୍ ଦିନିକିଆରେ ନିଜର ସର୍ବୋଚ୍ଚ ସ୍କୋର ମଧ୍ୟ ରେକର୍ଡ କରିଥିଲେ। ଏହି ଭାଗୀଦାରି ଚାଲିଥିବା ସମୟରେ ଏକଦା ନ୍ୟୁଜିଲାଣ୍ଡ ୩୦୦ରୁ ଅଧିକ ରନ୍ ସ୍କୋର କରିବା ଭଳି ପ୍ରତୀୟମାନ ହେଉଥିଲା। ତେବେ କମ୍‌ବ୍ୟାକ୍ ମ୍ୟାନ୍ ମହମ୍ମଦ ଶାମିଙ୍କୁ ବଡ ଶଟ୍ ଖେଳିବାକୁ ଯାଇ ରାଚିନ୍ ରବୀନ୍ଦ୍ର ଆଉଟ ହେବା ପରେ ନ୍ୟୁଜିଲାଣ୍ଡ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏକଦା ୨୦୩ ରନ୍‌ରେ ୩ ଉଇକେଟ ହରାଇଥିବା ନ୍ୟୁଜିଲାଣ୍ଡ ଅନ୍ତିମ ୭ ଉଇକେଟ ୭୦ ରନ୍‌ରେ ହରାଇଥିଲା। ରବୀନ୍ଦ୍ରଙ୍କ ଉଇକେଟ ପତନ ପରେ ନ୍ୟୁଜିଲାଣ୍ଡର ମଧ୍ୟକ୍ରମ ଓ ନିମ୍ନ ମଧ୍ୟକ୍ରମ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। କେବଳ ଗ୍ଲେନ୍ ଫିଲିପ୍ସ(୨୩)ଙ୍କୁ ଛାଡିଲେ ଅନ୍ୟ କୌଣସି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। କମ୍‌ବ୍ୟାକ୍ କରିଥିବା ମହମ୍ମଦ ଶାମି ୫ ଉଇକେଟ ନେଇ ନ୍ୟୁଜିଲାଣ୍ଡ ବିପର୍ଯ୍ୟୟର ନାୟକ ସାଜିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଶାମି ୫୪ ରନ୍ ଦେଇ ୱିଲ ୟଙ୍ଗ, ରାଚିନ୍ ରବୀନ୍ଦ୍ର, ଡାରିଲ୍ ମିଚେଲ୍, ମିଚେଲ ସାଣ୍ଟନର ଓ ମ୍ୟାଟ୍ ହେନ୍‌ରୀଙ୍କ ଉଇକେଟ ହାସଲ କରିଥିଲେ। କୁଲଦୀପ ଯାଦବ ୨, ମହମ୍ମଦ ସିରାଜ ଓ ଯଶ୍‌ପ୍ରୀତ ବୁମ୍‌ରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟାର୍ଗେଟ ରନ୍‌ର ପିଛା କରୁଥିବା ଭାରତ ପକ୍ଷରୁ ଅଧିନାୟକ ରୋହିତ ଶର୍ମା ଓ ଶୁବମାନ ଗିଲ୍ ପ୍ରଥମ ଉଇକେଟରେ ୭୧ ରନ୍ ଯୋଡି ଏକ ଭଲ ଆରମ୍ଭ କରିଥିଲେ। ରୋହିତ ପୁଣି ଥରେ ଅର୍ଦ୍ଧଶତକ ହାସଲରୁ ବଞ୍ଚିତ ହୋଇଥିଲେ ମଧ୍ୟ ୪୦ ବଲ୍‌ରୁ ୪୬ ରନ୍ ସ୍କୋର କରିଥିଲେ। ଏହା ମଧ୍ୟରେ ୪ଟି ଲେଖାଏ ଛକା ଓ ଚୌକା ସାମିଲ ଥିଲା। ଅନ୍ୟତମ ଓପନର ଶୁବମାନ ଗିଲ୍ ୨୬ ରନ୍ ସ୍କୋର କରିଥିଲେ। ୫ ରନ୍ ମଧ୍ୟରେ ଉଭୟ ଓପନର ଲୋକି ଫର୍ଗୁସନଙ୍କ ବଲରେ ଆଉଟ ହେବା ପରେ ଶ୍ରେୟସ୍ ଆୟର (୩୩) ଓ ବିରାଟ କୋହଲି(୯୫) ମ୍ୟାଚ୍ ସମ୍ଭାଳିଥିଲେ। ଉଭୟ ତୃତୀୟ ଉଇକେଟରେ ୫୨ ରନ୍ ଯୋଡିଥିଲେ। ଟ୍ରେଣ୍ଟ ବୋଲ୍ଟଙ୍କ ଶର୍ଟ ବଲ୍ ରଣନୀତିରେ ଫସି ଆୟର ଆଉଟ ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଲୋକେଶ ରାହୁଲ ୨୭ ରନ୍ କରି ଦଳୀୟ ସ୍କୋର ୧୮୨ ରନ୍‌ରେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ରନ୍‌ଆଉଟ ହେବା ବେଳକୁ ଭାରତକୁ ବିଜୟ ପାଇଁ ୮୩ ରନ୍ ଆବଶ୍ୟକ ଥିଲା। ପରାଜୟ ଆଶଙ୍କା ସୃଷ୍ଟି ହୋଇଥିବା ବେଳେ ରବୀନ୍ଦ୍ର ଜାଡେଜା(୩୯) ଓ ବିରାଟ କୋହଲି ଷଷ୍ଠ ଉଇକେଟରେ ୭୮ ରନ୍ ଯୋଡି ନ୍ୟୁଜିଲାଣ୍ଡ ହାତରୁ ବିଜୟ ଛଡାଇ ଆଣିଥିଲେ। ବିଜୟ ପାଇଁ ୫ ରନ୍ ଆବଶ୍ୟକ ଥିବା ବେଳେ କୋହଲି ଶତକ ପୂରଣ କରିବା ଚକ୍କରରେ ନିଜର ଉଇକେଟ ହରାଇଥିଲେ ମଧ୍ୟ ଜାଡେଜା ବିଜୟସୂଚକ ଚୌକା ମାରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ୍ ୨ ଉଇକେଟ ନେଇଥିବା ବେଳେ ମିଚେଲ ସାଣ୍ଟନର, ମ୍ୟାଟ ହେନ୍‌ରୀ ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ବାତ୍ୟା ଆଶଙ୍କା: ...

ଉପକୂଳରେ ପବନ ସହ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଏବଂ ମାଲକାନଗିରି ସହିତ ଉପକୂଳ ଓଡ଼ିଶାର କିଛି ଜିଲାରେ ବର୍ଷା ହେବାର ଆଶଙ୍କା ରହିଛି। ମଙ୍ଗଳବାର କେନ୍ଦୁଝର, ମୟୂରଭଞ୍ଜ, ଢେଙ୍କାନାଳ ସହିତ ଉତ୍ତର ଉପକୂଳ ଓଡ଼ିଶାର ଅଧିକାଂଶ ଜିଲା, ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ଜିଲା ଏବଂ ବାକିସବୁ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବ। ଏଥିସହିତ ବୁଧବାର ୨୫ ତାରିଖରେ ମୟୂରଭଞ୍ଜ ଓ ଢେଙ୍କାନାଳ ସହିତ ଉପକୂଳ ଓଡ଼ିଶାର କିଛି ଜିଲା ଏବଂ ଗୁରୁବାର ୨୬ରେ ମୟୂରଭଞ୍ଜ, ବାଲେଶ୍ୱର ଓ ଭଦ୍ରକ ଜିଲାରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ପୁଣି ପୋଲିସକୁ ହାଣିଲେ...

- ଅଭିଯୁକ୍ତଙ୍କୁ ଧରିବାକୁ ଯାଇଥିବାବେଳେ ଆକ୍ରମଣ
- ଗୁରୁତର ଏସ୍ଆଇ କଟକ ଏସ୍‌ସିବି ସ୍ଥାନାନ୍ତର
- ଗତମାସରେ ଖଣ୍ଡା ବୁଲାଇ ଆତଙ୍କ ସୃଷ୍ଟି କରିଥିଲେ

ମିଳିଥିବା ସୂଚନା ଅନୁସାରେ, କଟକ ଜିଲା ଡମପଡ଼ା ବ୍ଲକ ଅନ୍ତର୍ଗତ ହରିରାଜପୁର ଗ୍ରାମର ଅବସରପ୍ରାପ୍ତ ଯବାନ ସରୋଜ ଦାସ ଓରଫ୍ ଟିପୁ ରବିବାର ପୂର୍ବାହ୍ନ ୧୦ଟାରେ ବାଙ୍କୀ ଏନ୍ଏସି ଅନ୍ତର୍ଗତ ଗଣେଶ ବଜାର ନିକଟରେ ଠିଆ ହୋଇଥିବା ପୋଲିସକୁ ଖବର ମିଳିଥିଲା। ବାଙ୍କୀ ଥାନା ଏସ୍ଆଇ ସ୍ୱାଇଁ ଏବଂ କନ୍‌ଷ୍ଟେବଲ କର ସେଠାକୁ ଯାଇ ଅଭିଯୁକ୍ତ ସରୋଜଙ୍କୁ ଧରିବାକୁ ଚେଷ୍ଟା କରୁଥିବାବେଳେ ସେ ପାଖରେ ରଖିଥିବା ଏକ ଖଣ୍ଡାରେ ପୋଲିସକୁ ଆକ୍ରମଣ କରିଥିଲେ। ଫଳରେ ଉଭୟ ଏସ୍ଆଇ ଏବଂ କନ୍‌ଷ୍ଟେବଲ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟ ପୋଲିସଙ୍କୁ ଉଦ୍ଧାର କରି ବାଙ୍କୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏସ୍ଆଇ ସ୍ୱାଇଁଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜଣେ ଅବସରପ୍ରାପ୍ତ ଯବାନଙ୍କ ଏଭଳି ବାରମ୍ବାର ଆକ୍ରମଣ ପୋଲିସ ସହ ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ମୁଣ୍ଡବିନ୍ଧାର କାରଣ ସାଜିଛି। ପ୍ରକାଶ ଯେ, ଅଭିଯୁକ୍ତ ଯବାନ ସରୋଜଙ୍କ ଟ୍ରକ୍ ବାଲି ପରିବହନରେ ଲାଗିଥିଲା। ତେବେ ବାଲିଘାଟ ନିଲାମଧାରୀ ବାଲି ପରିବହନ କରୁଥିବା ଗାଡ଼ିକୁ ୱାଇଫର୍ମ ଦେଉ ନ ଥିବାବେଳେ ତହସିଲ୍‌ଦାର ଫାଇନ୍ କାଟି ସରୋଜଙ୍କ ଟ୍ରକ୍ ଜବତ କରିଥିଲେ। ଏନେଇ ସେ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ବି କେହି ଶୁଣିଲେ ନାହିଁ। ଏପରି କି ଟ୍ରକ୍ କିଣାରେ ଠକେଇର ଶିକାର ହୋଇଥିବା ସମ୍ପର୍କରେ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସେଥିରେ ମଧ୍ୟ ନ୍ୟାୟ ପାଇଲେନି। ଫଳରେ ସେ ଗତ ସେପ୍ଟେମ୍ବର ୧ରେ ବାଙ୍କୀ ବଜାରର ଜନଗହଳି ସ୍ଥାନରେ ହାତରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରିଥିଲେ। ଏପରି କି ତାଙ୍କୁ କାବୁ କରିବାକୁ ଯାଇଥିବା ପୋଲିସକୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିବାକୁ ଗୋଡ଼ାଇଥିଲେ। ହେଲେ ସୌଭାଗ୍ୟବଶତଃ ଏସ୍ଆଇ ସୁଶାନ୍ତ ଷଡ଼ଙ୍ଗୀ ଆକ୍ରମଣରୁ ବର୍ତ୍ତିଯାଇଥିଲେ। ସେପ୍ଟେମ୍ବର ୫ତାରିଖରେ ଅଭିଯୁକ୍ତ ସରୋଜଙ୍କୁ ଧରିବାକୁ ଯାଇ ବାଙ୍କୀ ଥାନାର ମହିଳା ଏସ୍ଆଇ ମଧୁସ୍ମିତା ବେହେରା ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ପୋଲିସ ସାଦା ପୋଷାକରେ ଉଦ୍ୟମ କରିବା ବେଳେ ଅଭିଯୁକ୍ତ ଏସ୍ଆଇ ମଧୁସ୍ମିତାଙ୍କୁ ଅଭିଯୁକ୍ତ ଆକ୍ରମଣ କରିଥିଲେ। ଜଣେ ଅବସରପ୍ରାପ୍ତ ଯବାନ ବାରମ୍ବାର ଏଭଳି ଆକ୍ରମଣ କରୁଥିବାବେଳେ ତାଙ୍କୁ କାବୁ କରି ନ ପାରିବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ଅଭିଯୁକ୍ତଙ୍କୁ ଧରିବାକୁ ଚେଷ୍ଟା କରାଯାଉଥିବା ବାଙ୍କୀ ଥାନାଧିକାରୀ ସୂଚନା ଦେଇଛନ୍ତି।



ଆହତ ପୋଲିସ କର୍ମଚାରୀ

# ହାଇୱା ଧକ୍କାରେ ଯୁବକଙ୍କ ମୃତ୍ୟୁ

ନିରାକାରପୁର,୨୨।୧୦
(ମାନାସ ଚନ୍ଦ୍ର ପଟ୍ଟନାୟକ)

ହାଇୱା ଧକ୍କାରେ ରବିବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଗୋଡିପଡ଼ା ପଞ୍ଚାୟତ ମୋଟା ଗ୍ରାମର ପଙ୍କଜ ପ୍ରଧାନ(୨୧)। ସୂଚନା ମୁତାବକ, ମୋଟା ଗ୍ରାମର ପଙ୍କଜ ଓ ପର୍ଶୁ ବିଶ୍ୱାଳ ରଣପୁରରୁ ବାଇକ(ଓଡି-୨୫ଏଚ୍-୫୨୬୨)ରେ ଗ୍ରାମକୁ ଫେରୁଥିବା ବେଳେ ହଜ୍ ଛକ ନିକଟରେ ଏକ ହାଇୱା(ଓଡି-୧୩ଏଫ୍-୯୨୦୭) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ପଛରେ ବସିଥିବା ପଙ୍କଜଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଚାଳକ ପର୍ଶୁ ଆହତ ହୋଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ସହ ଏକ ମାମଲା (ନଂ.୩୮୮/୨୩)ରୁଜୁକରି ତଦନ୍ତ ଚଳାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ସ୍ୱାସ୍ଥ୍ୟ ସମସ୍ୟା ମାନସିକ ସ୍ଥିତିକୁ ବିଷାଦଗ୍ରସ୍ତ କରିପାରେ। ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କଲେ ଉପକୃତ ହେବେ। ଦ୍ୱିଜା ନକ୍ଷତ୍ର ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସଭାସମିତି କିମ୍ବା ଆଲୋଚନା କ୍ଷେତ୍ରରେ ନିଜ ମତକୁ ପ୍ରାଧାନ୍ୟ ଦେଇ ସମାଲୋଚିତ ହେବେ।

**ବୃଷ**
ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। ଗତକାଲିଠାରୁ ବାରମ୍ବାର ଚେଷ୍ଟା କରି ମଧ୍ୟ କାର୍ଯ୍ୟହାନି ଯୋଗୁ ମନ ଉଦାସ ରହିବ। ରୋହିଣୀ ନକ୍ଷତ୍ର ପାଇଁ ଉପରିସ୍ଥଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ସାମୟିକ ଭାବେ ପାରିବାରିକ ସମସ୍ୟାରେ ବିବ୍ରତ ଅନୁଭବ କରିବେ।

**ମିଥୁନ**
ପାରିବାରିକ ଅସ୍ଥିରତା ଓ ଅଶାନ୍ତି କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି। ବ୍ୟବସାୟ କ୍ଷେତ୍ରରେ କୌଣସି ପ୍ରକାର ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କର ଚୁପ୍‌ଚାପ୍ କଥା ଶୁଣି ବ୍ୟସ୍ତତା ଅନୁଭବ କରିବେ।

**କର୍କଟ**
ଆଜି ଯେଉଁ ଆଶା ନେଇ କିଛି କରିବାକୁ ଯିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ସଭାସମିତି, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇପାରିବେ। ବନ୍ଧୁଙ୍କ ସହ ସାଧାରଣ ଯୁକ୍ତିତର୍କରୁ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ସିଂହ**
ମନରେ ସରସତା ନ ଥିଲେ ମଧ୍ୟ ସକାଳୁ କିଛି ଶୁଭ ଖବର ମନକୁ ଖୁସି କରିଦେଇପାରେ। ଈର୍ଷା ଓ ଅସୂୟା ମନୋଭାବରୁ ନିକଟସ୍ଥ ବ୍ୟକ୍ତି ପରୋକ୍ଷ ସମାଲୋଚନା କରିପାରନ୍ତି। ତରବରିଆ ଯାତ୍ରାରେ ସତର୍କ ନ ରହିଲେ ଆଘାତ ଲାଗିପାରେ। ଅଧ୍ୟୟନ ଓ ଅଧ୍ୟାପନା, ଆଲୋଚନା, ସଭାସମିତି ତଥା ସାଂସ୍କୃତିକ କ୍ଷେତ୍ରରେ ଉନ୍ନତି କରିବେ।

**କନ୍ୟା**
ଆଜି କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଉତ୍ତରା ଫାଲଗୁନୀ ନକ୍ଷତ୍ର ପିଲାମାନଙ୍କ କାର୍ଯ୍ୟକଳାପ ପାଇଁ ଅସନ୍ତୋଷ ସୃଷ୍ଟି କରିବ। ସ୍ନାୟବିକ ଦୁର୍ବଳତା ଦେଖାଦେବା କାରଣରୁ ପ୍ରତ୍ୟେକ କାମରେ ପଛେଇ ରହିବେ। ଉପସ୍ଥିତ ବୁଦ୍ଧି ଖଟାଇ ପରିବାର ଭିତରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ସମ୍ଭାଳି ନେବେ।

**ତୁଳା**
ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଏକ ଭିନ୍ନ ପରିସ୍ଥିତିରେ ଅଫିସ ଭିତରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ସ୍ୱାତୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟରେ ସଫଳତାର ଶୀର୍ଷକୁ ଯିବାରେ ସମର୍ଥ ହୋଇପାରନ୍ତି। ଲାଗି ରହିଥିବା କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ।

**ବିଛା**
ଗତକାଲିର ଅଧୁରା କାମକୁ ଆଜି ହିଁ ସମ୍ପୂର୍ଣ୍ଣ କରିବା ପାଇଁ ମନସ୍ଥ କରିବେ। ଜ୍ୟେଷ୍ଠା ନକ୍ଷତ୍ରର ପରିବହନ, ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ଦୂର ହୋଇଯିବ। ଆପଣ ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହେବ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବଢ଼ାଇବା ସକାଶେ ନୂତନ ପଦକ୍ଷେପ ନେଇପାରନ୍ତି।

**ଧନୁ**
ପାରିବାରିକ ପରିସ୍ଥିତି ଆପଣଙ୍କ ସକାଶେ ଦୁଶ୍ଚିନ୍ତାର କାରଣ ହୋଇପାରେ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦୀର୍ଘଦିନରୁ ପ୍ରତୀକ୍ଷା କରିଥିବା ଶୁଭଖବରଟି ଆକସ୍ମିକ ଭାବରେ ପାଇ ଉଲ୍ଲସିତ ହେବେ। ପୂର୍ବାଷାଢା ନକ୍ଷତ୍ର ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମକର**
ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କ ମନରେ ଆନନ୍ଦ ସୃଷ୍ଟି କରିବାରେ ସମର୍ଥ ହେବେ। ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି କଲେ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ। ଧନିଷ୍ଠା ନକ୍ଷତ୍ର ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଫାଇଲ୍ ସମ୍ପର୍କିତ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**କୁମ୍ଭ**
ଆଜି ଯାହା କରନ୍ତୁନା କାହିଁକି ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ହୋଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ପରିବାରରୁ ସହଯୋଗ ପାଇ କାମ ହାସଲ କରିବାରେ ଅସୁବିଧା ରହିବ ନାହିଁ। ପୂର୍ବଭାଦ୍ରବ ନକ୍ଷତ୍ରର ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ହେବେ।

**ମୀନ**
ଆଜି ଯାହାକୁ କିଛି ଗୁହାରି କରିବେ, ସେହି ବ୍ୟକ୍ତି ହିଁ ସମସ୍ୟାକୁ ଅଧିକ ବଢାଇଦେବେ। ଉତ୍ତରଭାଦ୍ରବ ନକ୍ଷତ୍ର ଆର୍ଥିକ ସ୍ଥିତି,ଜମିଜମା କାରବାର, ନିର୍ମାଣାଧୀନ କାମ ସହଜରେ ସମ୍ପନ୍ନ ହେବ। ନିଜ ଲୋକମାନଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତବିବ୍ରତ ହୋଇପାରନ୍ତି। ସଭାସମିତି, କଳା, ସାହିତ୍ୟ, ବନ୍ଧୁ ସମ୍ପର୍କରେ କିଛିଟା ସମସ୍ୟା ସୃଷ୍ଟି ହେବ।

ଆଜି ଆଶ୍ୱିନ ଶୁକ୍ଳ ନବମୀ ସୋମବାର,ପୀଠେ ବିଶ୍ରାମପୂଜା,ମୃଣ୍ମୟୀ ଦେବୀଙ୍କ ମହାନବମୀ ପୂଜା, ଶାରଦୀୟ ନବରାତ୍ରି ବ୍ରତ ସମାପ୍ତ, ଅକ୍ଟୋବର ୨୩ ତାରିଖ, ରାଶି ନକ୍ଷତ୍ର-ଶ୍ରବଣା/ମକର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ. ୦୫।୪୭ ଗତେ, ଘ.୦୭।୧୩ ମଧ୍ୟେ, ଘ.୦୮।୫୦, ଘ.୧୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୩ ଗତେ, ଘ.୦୮।୩୯ ମଧ୍ୟେ ରାହୁକାଳ।

# ଛତର ଯାତ୍ରା ରକ୍ତରଞ୍ଜିତ

## ମାଣିକେଶ୍ୱରୀ ଭକ୍ତଙ୍କ ମାନସିକ ଆଗରେ ହାର୍ ମାନିଲା ପ୍ରଶାସନ

ଭବାନୀପାଟଣା,୨୨।୧୦
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। କଳାହାଣ୍ଡିର ଆଦିବାସୀ ଓ ଆର୍ଯ୍ୟ ସଂସ୍କୃତିର ମିଶ୍ରଣରେ ସୃଷ୍ଟି ହୋଇଛି ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଲକ୍ଷାଧିକ ଭକ୍ତଙ୍କ ସମାଗମରେ ଯାତ୍ରା ସମ୍ପନ୍ନ ହୋଇଛି। ମା'ଙ୍କ ଛତରକୁ ଦର୍ଶନ କରି ଭକ୍ତମାନେ ଆନନ୍ଦଲାଭ କରିଥିବା ବେଳେ ହଜାର ହଜାର ସଂଖ୍ୟାରେ ପଶୁ ବଳି ଦିଆଯାଇଥିବା ଦେଖିବାକୁ ମିଳିଛି। ଅନେକ ରାଜ୍ୟରେ ବଳିପ୍ରଥା ଏକ ପ୍ରକାର ବନ୍ଦ ହୋଇଆସୁଥିବା ବେଳେ ଏହି ଯାତ୍ରାରେ ମା'ଙ୍କ ଛତର ସାମ୍ନାରେ ପ୍ରଶାସନ ଉପସ୍ଥିତିରେ ହଜାର ହଜାର ପଶୁ ବଳି ଦିଆଯାଇଛି। ଏତେ ସଂଖ୍ୟାରେ ପଶୁବଳି ଯୋଗୁ ରକ୍ତରଞ୍ଜିତ ହୋଇଥିଲା ଭବାନୀପାଟଣା ସହରର ମୁଖ୍ୟ ରାସ୍ତା। ଭକ୍ତଙ୍କ ମାନସିକ ଆଗରେ ହାର୍ ମାନିଥିଲା ପ୍ରଶାସନ।

ଶାକ୍ତଭୂମି କଳାହାଣ୍ଡିରେ ଦଶହରା କହିଲେ ଏଠିକାର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ପ୍ରସିଦ୍ଧ ଛତର ଯାତ୍ରାକୁ ବୁଝାଏ। କଳାହାଣ୍ଡିର ମୂଳ ଅଧିବାସୀ ଏହି ଶକ୍ତିର ଉପାସକ।



ମନ୍ଦିର ଅଭିମୁଖେ ମା'ଙ୍କ ବିଜୟ ପ୍ରତିମା ଛତର।

ଆଶ୍ୱିନ ମାସ କୃଷ୍ଣପକ୍ଷ ଅଷ୍ଟମୀ ଦିନ ଭବାନୀପାଟଣା ରାଜପ୍ରାସାଦରେ ଥିବା ମାଣିକେଶ୍ୱରୀଙ୍କ ପୀଠରେ ମୁଣ୍ଡବସାଠାରୁ ଆରମ୍ଭ କରି ମହାଷ୍ଟମୀ ପର୍ଯ୍ୟନ୍ତ ମା' ମାଣିକେଶ୍ୱରୀଙ୍କୁ ସ୍ୱତନ୍ତ୍ର ରୀତିନୀତରେ ପୂଜାର୍ଚ୍ଚନା କରାଯାଇଥାଏ। ରବିବାର ଭୋରରେ ଜେନାଖାଲରେ ପାରମ୍ପରିକ ରୀତିନୀତି ଅନୁସାରେ ମା'ଙ୍କ ଗୁପ୍ତପୂଜା ସମ୍ପନ୍ନ ହୋଇଥିଲା। ପରେ ପୂଜକ ଏବଂ ବାହୁକମାନେ ମା'ଙ୍କ ବିଜୟ ପ୍ରତିମା ଛତରକୁ ଧରି ମନ୍ଦିର ଅଭିମୁଖେ ବାହାରିଥିଲେ। ଏହି ଅବସରରେ ଜେନାଖାଲରୁ ମା'ଙ୍କ ମନ୍ଦିର ପର୍ଯ୍ୟନ୍ତ ୩ କି.ମି. ରାସ୍ତାରେ ଲକ୍ଷାଧିକ ଭକ୍ତ ମା'ଙ୍କ ଦର୍ଶନ କରିଥିଲେ। ମାନସିକଧାରୀ ପଶୁ ପକ୍ଷୀ ବଳି ଦେଇଥିଲେ। ସେହିପରି ଆଉ କିଛି ଭକ୍ତ ଧୂପ, ଦୀପ, ନଡ଼ିଆ ଭାଙ୍ଗି ମା'ଙ୍କୁ ସ୍ୱାଗତ କରିଥିଲେ। ମା'ଙ୍କ ଛତର ଯାତ୍ରାରେ ୩୦ରୁ ଅଧିକ ସାଂସ୍କୃତିକ ଦଳ, ଘଣ୍ଟ ଦଳ, ଘୁମୁରା ଦଳ, ସ୍ଥାନୀୟ କଳାକାର ନିଜର କଳା ପରିବେଷଣ କରିଥିଲେ। ଘଣ୍ଟ ଦଳ, ଢୋଲ ନିଶାନରେ ଦୁଲୁକି ଉଠିଥିଲା ଭବାନୀପାଟଣା ସହର। ଚାରିଆଡେ ରହିଥିଲା ଆଧ୍ୟାତ୍ମିକ ପରିବେଶ। ମଧ୍ୟାହ୍ନ ୧୨ଟା ୪୦ରେ ମା'ଙ୍କ ଛତର ମାଣିକେଶ୍ୱରୀ ମନ୍ଦିରରେ ପହଞ୍ଚିଥିଲ। ଏହି ସମୟରେ କଳାହାଣ୍ଡି ମହାରାଜା ଅନନ୍ତ ପ୍ରତାପ ଦେଓ ଉପସ୍ଥିତ ରହି ମା'ଙ୍କ ଛତରକୁ ମନ୍ଦିରକୁ ପାଛୋଟି ନେଇଥିଲେ। ଏହି ଛତର ଯାତ୍ରାର ଦର୍ଶନ ପାଇଁ ପଡୋଶୀ ରାଜ୍ୟ ତଥା କଳାହାଣ୍ଡି ଜିଲା ଓ ଜିଲା ବାହାରର ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଅନ୍ୟପଟେ ଶାନ୍ତିର ପ୍ରତୀକ କପୋତକୁ ମଧ୍ୟ ଯାତ୍ରା ସମୟରେ ଭକ୍ତମାନେ ଉଡାଇଥିବା ଦେଖିବାକୁ ମିଳିଥିଲା। ବଳି ଯୋଗୁ ରକ୍ତରଞ୍ଜିତ ହୋଇ ପଡ଼ିଥିଲା ଜେନାଖାଲଠାରୁ ମନ୍ଦିର ଯାଏଁ ପ୍ରାୟ ୩ କି.ମି. ରାସ୍ତା। ଚଳିତବର୍ଷ ଛତର ଯାତ୍ରା ଯେମିତି ଶାନ୍ତିଶୃଙ୍ଖଳା ସହ ଅନୁଷ୍ଠିତ ହେବ ଓ ଭକ୍ତମାନେ କିପରି ସୁରକ୍ଷିତ ଭାବେ ମା'ଙ୍କ ଦର୍ଶନ କରିପାରିବେ ସେ ନେଇ କଳାହାଣ୍ଡି ଏସ୍‌ପି ଅଭିଳାଷ ଜି. ବ୍ୟାପକ ପଦକ୍ଷେପ ନେଇଥିଲେ। ଛତର ଯାତ୍ରା ପାଇଁ ୧୨ ପ୍ଲାଟୁନ ପୋଲିସ ମୁତୟନ ହେବା ସହ ୨ଜଣ ଅତିରିକ୍ତ ଏସ୍‌ପି, ୯ ଡିଏସ୍‌ପି,୧୯ ଇନ୍ସପେକ୍ଟର, ୩୧ ଏସଆଇ, ୫୪ ଏଏସଆଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ। ଏପରିକି ଛତର ଯାତ୍ରା ଲାଗି ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଗତିବିଧିକୁ ନଜର ରଖିବା ପାଇଁ ସିସିଟିଭି ବ୍ୟବସ୍ଥା ମଧ୍ୟ କରାଯାଇଥିଲା। ଫଳରେ ଲକ୍ଷାଧିକ ଭକ୍ତ ସାମିଲ ହେବା ସତ୍ତ୍ୱେ ମଧ୍ୟ ଏହି ଯାତ୍ରାରେ କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇ ନ ଥିଲା। ସେହିପରି ଯାତ୍ରାରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ଡ. ବିଶ୍ୱଜିତ ଦାସ, କଳାହାଣ୍ଡି ତହସିଲଦାର ଉପେନ୍ଦ୍ର ଲୁହା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ସ୍ଥାନୀୟ ଇଓ ଚିନ୍ମୟ କୁମାର ନାୟକ ପ୍ରମୁଖ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

# ପୂର୍ବ ଶତ୍ରୁତାରୁ ସଂଘବଦ୍ଧ ଆକ୍ରମଣ, ଜଣେ ମୃତ

ପୁରୁଷୋତ୍ତମପୁର,
୨୨।୧୦(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ବଡରାମପଲ୍ଲୀ ଗ୍ରାମ ନିକଟ ଜଙ୍ଗଲିଆ ରାସ୍ତାରେ ଶନିବାର ରାତିରେ ସଂଘବଦ୍ଧ ଆକ୍ରମଣରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ରମ୍ଭା ଥାନା ଅନ୍ତର୍ଗତ କୋମଣ୍ଡ ଗ୍ରାମର କେ.ମିଟୁ ରେଡ୍ଡୀ ଓରଫ ପଦ୍ମଚରଣ(୩୬)। ଗୁରୁତର ଆହତ ଗୁଡିଝର ଗ୍ରାମର ଲକ୍ଷ୍ମଣ ପଣ୍ଡା(୨୮)ଙ୍କୁ ପ୍ରଥମେ ବ୍ରହ୍ମପୁର ବଡ଼ ମେଡିକାଲ ଓ ସେଠାରୁ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। କୋମଣ୍ଡ ଗ୍ରାମର କୋଠ ଟଙ୍କା ହିସାବକୁ ନେଇ ଦୀର୍ଘଦିନ ହେଲା ଗ୍ରାମର କେତେଜଣଙ୍କ ସହ ମିଟୁଙ୍କ ଶତ୍ରୁତା ଲାଗି ରହିଥିଲା। ମିଟୁଙ୍କୁ ଜୀବନରେ ମାରିଦେବା ଲାଗି ସେମାନେ ସୁଯୋଗ ଖୋଜୁଥିଲେ। ଶନିବାର ମିଟୁ ଓ ଲକ୍ଷ୍ମଣ କୌଣସି କାର୍ଯ୍ୟରେ ପୁରୁଷୋତ୍ତମପୁର ଆସି ରାତିରେ ଅଟୋ ଯୋଗେ ଗାଁକୁ ଫେରୁଥିବାବେଳେ ଅଟକାଇ ଆକ୍ରମଣ କରିଥିଲେ। ଦୁହିଁଙ୍କୁ ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମିଟୁଙ୍କ ମୃତ୍ୟୁ ଘଟିଥିଲା। ରମ୍ଭା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡମେଡିକାଲକୁ ପଠାଇଛି।






ମହାଷ୍ଟମୀ ଅବସରରେ ଭୁବନେଶ୍ୱର ରସୁଲଗଡ଼ ଛକଠାରେ ରବିବାର ରାତିରେ ଶ୍ରଦ୍ଧାଳୁଙ୍କ ଭିଡ଼। (ଫଟୋ: ବିକାଶ ନାୟକ)

## ପଞ୍ଚାୟତ କାର୍ଯ୍ୟାଳୟରୁ ଭତ୍ତାଟଙ୍କା ଭର୍ତ୍ତି ବ୍ୟାଗ୍ ନେଇଗଲେ

**ଘସିପୁରା,୨୨।୧୦(ନିରଞ୍ଜନ ସାହୁ):** କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଶାଳଦେଇ ପଞ୍ଚାୟତ କାର୍ଯ୍ୟାଳୟରୁ ଜଣେ ଯୁବକ ଭତ୍ତାଟଙ୍କା ଭର୍ତ୍ତି ବ୍ୟାଗ୍ ନେଇ ପଳାଇଛନ୍ତି। ପୋଲିସ ଅଭିଯୁକ୍ତଙ୍କ ବାପାଙ୍କୁ ଅଟକ ରଖି ତଦନ୍ତ କରୁଛି। ଘସିପୁରା ବ୍ଲକ୍ ଶାଳଦେଇ ପଞ୍ଚାୟତରେ ରବିବାର ସକାଳେ ଜିଆର୍‌ଏସ୍ ଅଶୋକ ସାହୁ ୨ ଲକ୍ଷ ୪ ହଜାର ୬ ଶହ ଟଙ୍କା ହିତାଧିକାରୀଙ୍କୁ ଭତ୍ତା ଟଙ୍କା ବାଣ୍ଟୁଥିଲେ। ୯୭ ହିତାଧିକାରୀଙ୍କୁ ଟଙ୍କା ବାଣ୍ଟି ସାରିଥିବା ବେଳେ ଶାଳଦେଇ ଗ୍ରାମର ନୀଳମଣି ଦଲେଇ ଆସି ଟଙ୍କାଭର୍ତ୍ତିବ୍ୟାଗ୍‌କୁ ଧରି ଛୁ ମାରିଥିଲେ। ବ୍ୟାଗ୍‌ରେ ସେତେବେଳେ ୧ ଲକ୍ଷ ୩ ହଜାର ୪ ଶହ ଟଙ୍କା ରହିଥିବା ଅଶୋକ ସୂଚନା ଦେଇଛନ୍ତି। ଘଟଣାକୁ ନେଇ ତନାଘନା ଚାଲିଥିବା ବେଳେ ନୀଳମଣିଙ୍କ ବାପା ଅନାମ ଦଲେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ଧମକ ଦେଇଥିଲେ। ପୋଲିସ ଅନାମଙ୍କୁ ଥାନାରେ ଅଟକ ରଖିଛି।

# ସୁପାରି କିଲର ଗିରଫ, ବାଇକ୍ ଜବତ

କେନ୍ଦୁଝର,୨୨।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ନୟାକୋଟ ଥାନା ଅଞ୍ଚଳ ବୈତରଣୀ ନଦୀରୁ ମହିଳାଙ୍କ ମୃତଦେହ ଜବତ ଘଟଣାରେ ଟାଉନ ଥାନା ପୋଲିସ ରବିବାର ଆଉ ଜଣେ ସୁପାରିକିଲରଙ୍କୁ ଗିରଫ କରିଛି। ହତ୍ୟା ବେଳେ ବ୍ୟବହୃତ ଏକ ବାଇକ୍‌କୁ ପୋଲିସ ଜବତ କରିଛି। ଅଭିଯୁକ୍ତ ଜଣଙ୍କ ନୟାକୋଟ ଥାନା ଅଧୀନ ଫୁଲଝର ଗ୍ରାମର ଚମ୍ପେଇ ମୁଣ୍ଡା(୨୮)। ଏହି ଘଟଣାରେ ପୋଲିସ ପୂର୍ବରୁ ମୃତ ମହିଳାଙ୍କ ସ୍ୱାମୀ ସୁରେଶ ପରିଡ଼ା ଓ ଜଣେ ସୁପାରିକିଲରଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

ସେପ୍ଟେମ୍ବର ୧୮ରେ ନୟାକୋଟ ପୋଲିସ ବୈତରଣୀରୁ ଜଣେ ମହିଳାଙ୍କ ମୃତଦେହ ଜବତ କରିଥିଲା। ସେ ସେପ୍ଟେମ୍ବର ୩ରେ ନିଖୋଜ ନେଇ ଟାଉନ ଥାନାରେ ତାଙ୍କ ଭାଇ ଅଭିଯୋଗ କରିଥିଲେ। ମୃତଦେହ ମିଳିବା ପରେ ତାଙ୍କୁ ଗଣବଳାତ୍କାର କରି ହତ୍ୟା କରାଯାଇଥିବା ଓ ତାଙ୍କ ସ୍ୱାମୀ ହିଁ ହତ୍ୟା କରାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଥିଲେ। ଏ ନେଇ ମାମଲା (ନଂ. ୩୩୪/୨୩) ରୁଜୁ ହୋଇଥିଲା। ରବିବାର ସୁପାରିକିଲର ଚମ୍ପେଇ ମୁଣ୍ଡାଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କଠାରୁ ପୋଲିସ ଏକ ବାଇକ୍ ଜବତ କରିଛି।

# ହାତୀ ଆକ୍ରମଣରେ ଗାଈଚରାଳି ମୃତ

କେନ୍ଦୁଝର,୨୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ହାତୀ ଆକ୍ରମଣରେ ଜଣେ ଗାଈଚରାଳିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମଇଦାନକେଲ ନିକଟ ବାସୁଦେବପୁର ଗ୍ରାମର ଭାଗୀରଥି ମହାନ୍ତ(୫୫)। ସେ ଗତ ଶୁକ୍ରବାର ଗାଈ ଚରାଇବାକୁ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ତାଙ୍କୁ ଜଙ୍ଗଲରେ ହାତୀ ଆକ୍ରମଣ କରିଥିଲା। ରବିବାର ମୃତଦେହ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ପଡ଼ିଥିବା ଦେଖି ବନ ବିଭାଗକୁ ସୂଚନା ଦେଇଥିଲେ। ସଦର ରେଞ୍ଜର ବିଜୟ ମହାନ୍ତ, ଟାଉନ ଫରେଷ୍ଟର ପ୍ରଦୀପ ବାରିକ, ମଇଦାନକେଲ ବିଟ୍ ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାଏକ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ପରିବାର ଲୋକଙ୍କୁ ସରକାରଙ୍କ ନିୟମାନୁଯାୟୀ କ୍ଷତିପୂରଣ ମିଳିବ ବୋଲି ରେଞ୍ଜ୍ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷେ ଶୁକ୍ରବାର ମଇଦାନକେଲ ଓ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲରେ ୧୮ ଟିକିଆ ହାତୀପଲ ଥିଲେ। ମାତ୍ର ବନ ବିଭାଗ ବିଳମ୍ବରେ ସୂଚନା ପାଇବାକୁ ନେଇ ବିଭାଗର ପାଟ୍ରୋଲିଂ ଉପରେ ପ୍ରଶ୍ନ ଉଠିଛି।

# ଗାତରେ ପଡ଼ି ହାତୀଛୁଆ ଗୁରୁତର

କେନ୍ଦୁଝର,୨୨।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳ ଅନ୍ତର୍ଗତ ନୟାକୋଟ ବିଟ୍ ଭେଜିଡ଼ିହି ଗ୍ରାମରେ ଶନିବାର ଗାତରେ ପଡ଼ି ଏକ ହାତୀଛୁଆ ଗୁରୁତର ହୋଇଛି। ବନ ବିଭାଗ ଓ ଡାକ୍ତରୀ ଟିମ୍ ଦ୍ୱାରା ତା'ର ଚିକିତ୍ସା ଜାରି ରହିଛି। ରେଞ୍ଜ୍‌ରେ ୨୫ ଟିକିଆ ହାତୀପଲ ବୁଲୁଥିବା ବେଳେ ଏକ ଛୁଆହାତୀ ଜଙ୍ଗଲରେ ଗଛ ଲଗାଇବାକୁ ଖୋଳାଯାଇଥିବା ଗାତରେ ଫସି ଯାଇଥିଲା। ତା'ର ମା' ଉଠେଇବାକୁ ଚେଷ୍ଟା କରିଥିଲା। ମାତ୍ର ଉଠାଇ ପାରି ନ ଥିବା ବେଳେ ଛୁଆହାତୀ ଦେହରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ଛୁଆହାତୀକୁ ଉଦ୍ଧାର କରି ଡାକ୍ତରୀ ଦଳ ଦ୍ୱାରା ଚିକିତ୍ସା ଚଳାଇଛନ୍ତି। ଏସିଏଫ୍ ଅଶୋକ ଦାସ କହିଛନ୍ତି, ଶନିବାର ସକାଳେ ଛୁଆହାତୀ ଗାତରେ ପଡ଼ିଯାଇଥିଲା। ମା' ଉଠାଇବାକୁ ଚେଷ୍ଟା କରିବା ସମୟରେ ଆଘାତ ପାଇଛି। ଡାକ୍ତରୀ ଟିମ୍ ଚିକିତ୍ସା ଜାରି ରଖିଛି।



ଯେତେବେଳେ ତୁମେ ଏକ ସାଂପ୍ରଦାୟିକ ଧାର୍ମିକ ଗଣ୍ଡି ଭିତରେ ରହି ବନ୍ଦ ହୋଇଯାଅ– ଏବଂ ସେତିକି ମାତ୍ର ବିଶ୍ୱାସ ସଙ୍ଗେ ନିଜକୁ ବାନ୍ଧି ରଖ– ଏବଂ ଭାବ ଯେ, ସେତିକି ହିଁ ବିଶ୍ୱରେ ଏକମାତ୍ର ସତ୍ୟ– ସେତେବେଳେ ତୁମେ ତୁମର ଅନ୍ତରାତ୍ମାର ଅଗ୍ରଗତି ଓ ବିସ୍ତାରଶୀଳତାକୁ ବନ୍ଦ କରିଦିଅ। –ଶ୍ରୀମା

# ଯୁଦ୍ଧପ୍ରିୟ ନେତା

ଯୁଦ୍ଧ ପରେ କେବଳ ଶ୍ମଶାନର ନୀରବତା ରହିଯାଏ। ଏବେ ଲାଗୁଛି ଯେମିତି ଶ୍ମଶାନ ୟୁକ୍ରେନ୍‌ରୁ ପାଲେଷ୍ଟାଇନ୍‌କୁ ଚାଲିଯାଇଛି। ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜୋର୍‌ଦାର ଲାଗି ରହିଥିବା ବେଳେ ଏବେ ଆଉ ଏକ ନୂତନ ଯୁଦ୍ଧକ୍ଷେତ୍ର ପାଲେଷ୍ଟାଇନ୍‌ରେ ସୃଷ୍ଟି ହୋଇଯାଇଛି। ଇସ୍ରାଏଲ୍‌ର ଆକ୍ରମଣ ଫଳରେ ପାଲେଷ୍ଟାଇନ୍‌ର ସାଧାରଣ ନାଗରିକ ମୃତ୍ୟୁମୁଖକୁ ଠେଲି ହୋଇଯାଉଛନ୍ତି। ମଧ୍ୟପ୍ରାଚ୍ୟର ଏହି ସ୍ଥିତିରେ କୌଣସି ପକ୍ଷକୁ ସମର୍ଥନ କରିବା କଷ୍ଟକର ହୋଇପଡୁଛି। ବାସ୍ତବତାକୁ ଦେଖିଲେ ସବୁ ପାଲେଷ୍ଟାଇନ୍ ନାଗରିକ ହମାସ୍‌ର ସଭ୍ୟ ନୁହନ୍ତି, ଏପରିକି ସେମାନଙ୍କ ମଧ୍ୟରୁ ଅନେକ ମୁସଲିମ୍ ଧର୍ମର ମଧ୍ୟ ନୁହନ୍ତି। କିନ୍ତୁ ଇସ୍ରାଏଲ୍‌ର କ୍ରୋଧିତ ଆଭିମୁଖ୍ୟ କୌଣସି ବାଛବିଚାର କରିବା ପାଇଁ ପ୍ରସ୍ତୁତ ଥିଲାଭଳି ମନେହୁଏ ନାହିଁ। ଅକ୍ଟୋବର ୭ର ହମାସ ଆକ୍ରମଣ ଯୋଗୁ ଇସ୍ରାଏଲ୍‌ର ଆତ୍ମବଡ଼ିମା ପ୍ରଚୁର ଆଘାତ ପାଇଲା। ପୃଥିବୀର ସବୁଠାରୁ ବୁଦ୍ଧିଆ ମିଲିଟାରୀ ଏବଂ ଗୋଇନ୍ଦା ଯନ୍ତ୍ରପାତିରେ ବେଶ୍ ଆଗୁଆ ଦେଶ ଭାବେ ଇସ୍ରାଏଲ ନିଜକୁ ପରିଚିତ କରାଇ ଆସୁଥିବା ବେଳେ ହମାସର ଆକ୍ରମଣ ବେଲୁନ୍‌ରେ ଛୁଞ୍ଚି ମାରିବା ସଦୃଶ ହେଲା। ମନେହେଉଛି ଇସ୍ରାଏଲକୁ ଏହି ମାଡ଼ ତା'ର ସମର୍ଥକ ଦେଶଗୁଡ଼ିକୁ ବ୍ୟସ୍ତ କରିଦେଇଛି। ଏପରିକି ଭାରତର ମଧ୍ୟ ବହିର୍ବ୍ୟାପାର ଆଭିମୁଖ୍ୟ ଏହି ଘଟଣାରେ ବାଉଳା ହୋଇଯାଇଥିବା ଭଳି ମନେହୁଏ। ପ୍ରଥମେ ଭାରତ ସିଧାସଳଖ ଘୋଷଣା କଲା ଯେ, ଇସ୍ରାଏଲ ପ୍ରତି ତା'ର ଅତୁଟ ସମର୍ଥନ ରହିଛି। ଅନ୍ତର୍ଜାତୀୟ ସ୍ତରରେ ପରିସ୍ଥିତି ବଦଳିବା ପରେ ଓ ବିଶେଷକରି ଅଲ୍ ଅହଲି ହସ୍ପିଟାଲ ବିସ୍ଫୋରଣ, ପରବର୍ତ୍ତୀ ସମୟରେ ଭାରତ ତା'ର ଇସ୍ରାଏଲ ପ୍ରତି ସମର୍ଥନ ଏପାଖ ସେପାଖ ହେଲାଭଳି ଦର୍ଶାଇଲା। କାରଣ ଯେତେ ମୁସଲମାନ ବିରୋଧୀ ହେଲେ ମଧ୍ୟ ମଧ୍ୟପ୍ରାଚ୍ୟ ଦେଶରୁ ପେଟ୍ରୋଲିୟମଜାତ ସାମଗ୍ରୀ କିଣିବା ପାଇଁ ଭାରତ ବାଧ୍ୟ ହେଉଛି। ସେହି ଅଞ୍ଚଳରେ ପେଟ୍ରୋଲ ନ ଥିଲେ ଭାରତୀୟମାନଙ୍କୁ ସେମାନଙ୍କର ହିନ୍ଦୁ ଚିନ୍ତାଧାରାକୁ ସୁଦୃଢ଼ କରିବା ପାଇଁ ଅନେକ ସୁବିଧା ହୋଇଥାଆନ୍ତା। ଏବେ ମା' ବାପାଙ୍କଠାରୁ ଆରମ୍ଭ କରି ପିଲାମାନେ ଯେଉଁ ଗାଡ଼ି ଚଢୁଛନ୍ତି, ସେଥିରେ ପଡୁଥିବା ଇନ୍ଧନ ମୁସଲମାନ ଦେଶରୁ ଆସୁଥିବା ଫଳରେ ଭାରତ ସରକାର ବିଚଳିତ ହୋଇ ରହିଛନ୍ତି।

> ବିଶ୍ୱବ୍ୟାପୀ ଦେଖିଲେ ଏବେ କେବଳ ଯୁଦ୍ଧପ୍ରିୟ ରାଜନେତାମାନେ କ୍ଷମତା ମାଡ଼ିବସିଛନ୍ତି। ଏହି ନେତାମାନଙ୍କ ପାଇଁ ଯୁଦ୍ଧରେ ଯେତେ ସଂଖ୍ୟାରେ ଲୋକ ମରିବେ, ସେମାନଙ୍କ ଲୋକପ୍ରିୟତା ସେତିକି ପ୍ରତିଶତ ବୃଦ୍ଧି ପାଇବ।

ସେହିଭଳି ଆମେରିକାରେ ମଧ୍ୟ ଇହୁଦୀମାନଙ୍କର ଧନବଳ ଯୋଗୁ ଜୋ ବାଇଡେନ୍‌ଙ୍କ ସରକାର ଏପାଖ ସେପାଖ ହୋଇ ସବୁଦିନ ହାସ୍ୟାସ୍ପଦ ପରିସ୍ଥିତିରେ ପଡୁଛି। ଗୋଟିଏ ଦିନ ଆମେରିକା ତା'ର 'ଭେଟୋ' କ୍ଷମତା ବ୍ୟବହାର କରି ଗାଜାକୁ ମାନବୀୟ ସହାୟତା ପଠାଇବାକୁ ବାରଣ କରୁଥିବା ସମୟରେ ଅଲ୍ ଅହଲି ହସ୍ପିଟାଲ ଘଟଣା ବାଇଡେନ୍‌ଙ୍କୁ ଗୋଳିଆଘଣ୍ଟା ସ୍ଥିତିରେ ପକାଇଦେଲା। ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲାଡିମିର ଜେଲେନ୍‌ସ୍କି ଇହୁଦୀ ହୋଇଥିବାରୁ ତାଙ୍କ ପ୍ରତି ଆମେରିକାର ଧନୀ ଇହୁଦୀଙ୍କ ସମର୍ଥନ ବାଇଡେନ ସରକାରଙ୍କୁ ୟୁକ୍ରେନ୍ ସମର୍ଥକ ହେବାକୁ ବାଧ୍ୟ କରିଥିଲା। ତେବେ ୟୁକ୍ରେନ୍ ଏକ ଇହୁଦୀବହୁଳ ଦେଶ ନୁହେଁ। ଏବେ ହମାସ ମୁସଲମାନଙ୍କର ଇହୁଦୀ ଦେଶ ଇସ୍ରାଏଲ ଉପରେ ଆକ୍ରମଣ ଆମେରିକାର ବହିର୍ବ୍ୟାପାର ଆଭିମୁଖ୍ୟକୁ ପରିବର୍ତ୍ତନ କରିଦେବାଭଳି ମନେହେଉଛି। ଇସ୍ରାଏଲକୁ ୧ ଲକ୍ଷ ୧୫୫ ଏମ୍ଏମ୍ ହାଉଟ୍‌ଜର (ତୋପ) ଯୋଗାଇ ଦେବାକୁ ଆମେରିକା ପ୍ରତିରକ୍ଷା କାର୍ଯ୍ୟାଳୟ ପେଣ୍ଟାଗନ ଯୋଜନା କରିସାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏହି ଯୁଦ୍ଧାସ୍ତ୍ର ୟୁକ୍ରେନ୍ ପାଇଁ ପ୍ରସ୍ତୁତ କରାଯାଇଥିଲା। ଏଥିରୁ ବୁଝାପଡୁଛି ଯେ, ଆମେରିକା କୌଣସି ପ୍ରକାରେ ବିଶ୍ୱରେ ହେଉଥିବା ଯୁଦ୍ଧକୁ ସମାପ୍ତ ହେଉ ବୋଲି ଚାହେଁ ନାହିଁ। ରାଷ୍ଟ୍ରପତି ଜୋ ବାଇଡେନ ଗୋଟିଏ ପଟେ ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ବିରୋଧ କରୁଥିବା ବେଳେ ଅନ୍ୟପକ୍ଷରେ ଗାଜା ଉପରେ ଇସ୍ରାଏଲର ଆକ୍ରମଣକୁ ସମର୍ଥନ କରି ଏହାକୁ ଆଗକୁ ନେବାକୁ ଇନ୍ଧନ ଯୋଗାଉଛନ୍ତି। ଏହି ପରିସ୍ଥିତିରେ ଆମେରିକାର ବ୍ୟବସାୟିକ ଜଗତ ଅତ୍ୟନ୍ତ ସନ୍ତୁଷ୍ଟ ଥିବେ। ବାଇଡେନ୍‌ଙ୍କ ଏହି ଯୁଦ୍ଧମୁଖୀ ଆଚରଣ ତାଙ୍କର ଆସନ୍ତା ବର୍ଷ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ପାଇଁ ବିପୁଳ ଅର୍ଥ ଆଣିଦେବ। ଆମେରିକାର କଳକାରଖାନା ଏବେ ଦିନରାତି ଚାଲିବେ, କାରଣ ଯେତେ ଯୁଦ୍ଧ ବଢ଼ିବ ସେତିକି ଯୁଦ୍ଧସାମଗ୍ରୀ ବିକ୍ରିହେବ। ଯେତେ ସାମଗ୍ରୀ ବିକ୍ରି ହେବ ସେତିକି ଲାଭ ଆମେରିକାର ଯୁଦ୍ଧାସ୍ତ୍ର ନିର୍ମାଣ କରୁଥିବା କମ୍ପାନୀଗୁଡ଼ିକ ପାଇବେ।

ବିଶ୍ୱବ୍ୟାପୀ ଦେଖିଲେ ଏବେ କେବଳ ଯୁଦ୍ଧପ୍ରିୟ ରାଜନେତାମାନେ କ୍ଷମତା ମାଡ଼ିବସିଛନ୍ତି। ଏହି ନେତାମାନଙ୍କ ପାଇଁ ଯୁଦ୍ଧରେ ଯେତେ ସଂଖ୍ୟାରେ ଲୋକ ମରିବେ, ସେମାନଙ୍କ ଲୋକପ୍ରିୟତା ସେତିକି ପ୍ରତିଶତ ବୃଦ୍ଧି ପାଇବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | 7 | | 2 | | | |
| | 8 | 2 | | | | | | |
| | | | | 1 | | | 4 | |
| | 6 | 1 | 5 | | | | | |
| | 5 | | | | 8 | 4 | 3 | |
| | | | | | | | | 8 |
| | 2 | | 4 | | | | | |
| | | 7 | | | 1 | | | |
| | | | 8 | | 3 | | 5 | 1 |

ଏହାର ଉତ୍ତର ପରବର୍ତ୍ତୀ ସଂସ୍କରଣରେ ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 5 | 9 | 7 | 6 | 1 | 2 |
| 2 | 6 | 5 | 3 | 1 | 4 | 7 | 9 | 8 |
| 1 | 7 | 9 | 8 | 6 | 2 | 4 | 3 | 5 |
| 6 | 1 | 7 | 2 | 8 | 5 | 3 | 4 | 9 |
| 9 | 3 | 8 | 7 | 4 | 6 | 2 | 5 | 1 |
| 5 | 4 | 2 | 1 | 3 | 9 | 8 | 6 | 7 |
| 4 | 9 | 1 | 6 | 7 | 8 | 5 | 2 | 3 |
| 7 | 2 | 3 | 4 | 5 | 1 | 9 | 8 | 6 |
| 8 | 5 | 6 | 9 | 2 | 3 | 1 | 7 | 4 |

ଗତ କାଲିର ଉତ୍ତର

# ଭଗବତୀ: ଅଳ୍ପାୟୁ, କିନ୍ତୁ ମରଣଜୟୀ



ଡ. ହୃଷୀକେଶ ମଲ୍ଲିକ

ଭଗବତୀ ଚରଣ ପାଣିଗ୍ରାହୀ ଥିଲେ ସମସମୟର ପ୍ରତିକୂଳତା ବିପକ୍ଷରେ ଲଢ଼ିବାର ପ୍ରତିବଦ୍ଧତା ନେଇ ଜନ୍ମିଥିବା ଇତିହାସର ଏକ ଅମୋଘ ଅସ୍ତ୍ର। ମାତ୍ର ୩୫ ବର୍ଷର ଜୀବଦ୍ଦଶା(୧୯୦୮–୧୯୪୩) ମଧ୍ୟରେ ସେ କେବଳ ଓଡ଼ିଶା ନୁହେଁ କି ଭାରତବର୍ଷ ନୁହେଁ, ସମଗ୍ର ବିଶ୍ୱ ମାନବର ମୁକ୍ତିମାର୍ଗକୁ ତାଙ୍କ ସ୍ୱପ୍ନ ଓ ବଳିଦାନରେ ଯେପରି ସୁଗମ କରିଯାଇଛନ୍ତି, ତାହା ଜାଣିଲେ ଯେକେହି ବ୍ୟକ୍ତି ବିସ୍ମିତ ହେବାକୁ ବାଧ୍ୟ ହେବ। ଗାଁରୁ ଗଗନ ଯାଏ ବିସ୍ତାରିତ ଆଖିରେ ଦୁନିଆକୁ ଦେଖିଛନ୍ତି, କଳିଛନ୍ତି ଓ ସବୁ ପ୍ରତ୍ୟକ୍ଷତା ଭିତରୁ ଜୀବନ ଓ ଜଗତ ଗଢ଼ିବାର ସମିଧ ସଂଗ୍ରହ କରି ସାମ୍ୟମନ୍ତ୍ରରେ ଅଭିମନ୍ତ୍ରିତ ଏକ ପୃଥିବୀ ଗଢ଼ିବାକୁ ତାଙ୍କ ସମକାଳର ଭାରତରେ ଯେଉଁ କେତେଜଣ ମନ ବଳାଇଛନ୍ତି, ତା' ଭିତରେ ଭଗବତୀ ବାବୁ ବିରଳତମ।

ରେଭେନ୍‌ଶା କଲେଜରେ ପଢ଼ିବା ବେଳେ(ପାଟନା ବିଶ୍ୱବିଦ୍ୟାଳୟରୁ ୧୯୨୬ରେ ମାଟ୍ରିକ୍ ପାସ୍ ପରେ) ପଶ୍ଚିମ ଛାତ୍ରାବାସରେ ରହୁଥିଲେ ଓ ତାଙ୍କର ସାଧନାକେନ୍ଦ୍ର ଥିଲା କଲେଜର କନିକା ପାଠାଗାର। ଏହି ପାଠାଗାର ତାଙ୍କୁ ଏକ ବିଶ୍ୱ ଦୃଷ୍ଟିକୋଣ ଆଣିଦେଇଥିଲା। ପାଠାଗାରରେ ଥିବା ଗ୍ୟାରିବାଲିଡିଙ୍କର ଏକ ଜୀବନୀ ପୁସ୍ତକ ତାଙ୍କ ଆଖି ଖୋଲି ଦେଇଥିଲା। ଗ୍ୟାରିବାଲିଡିଙ୍କ ସ୍ୱେଚ୍ଛାସେବକ ବାହିନୀର ନାମ ଥିଲା 'Red Shirt' (ଲାଲ କୁର୍ତ୍ତା)। କାହିଁକି କେଜାଣି ଏହି ନାମଟି ଭଗବତୀଙ୍କୁ ଭାରି ଭଲ ଲାଗିଥିଲା। ସେତେବେଳେ ସେ କ'ଣ ଜାଣିଥିଲେ ଯେ ମାନବ ଜୀବନର ଯେଉଁ ଦିଗଟିର ସେ ଦିଗବାରେଣୀ ହେବାକୁ ଯାଉଛନ୍ତି, ସେ ଦିଗଟିର ସଂଯୋଗ କେତେ ଏହି ଲାଲରଙ୍ଗ ସହିତ! ପଶ୍ଚିମ ଛାତ୍ରାବାସରୁ ଅନ୍ୟ ସାଥୀମାନଙ୍କୁ ସାଥିରେ ଧରି ଭଗବତୀ ପ୍ରତିଦିନ ସନ୍ଧ୍ୟାବେଳେ ଯାଆନ୍ତି 'ମଧୁକୋଠି' (କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଘର)କୁ ମଧୁବାବୁଙ୍କୁ ଭେଟିବାକୁ। ସେତେବେଳକୁ ସେ ନିଃସ୍ୱ। କେବଳ ସ୍ୱାଭିମାନ ଓ ଆଶାଦୀପ୍ତ ଯୋଡ଼ିଏ କୋଟରଗତ ଚକ୍ଷୁଛଡ଼ା ତାଙ୍କ ପାଖରେ ଅବଶିଷ୍ଟ ହୋଇ କିଛି ସମ୍ବଳ ନ ଥାଏ। ଭଗବତୀ ଓ ତାଙ୍କ ସାଙ୍ଗମାନଙ୍କୁ ମଧୁବାବୁ କେବଳ ଦୁଇଟି ବିଷୟ କହୁଥା'ନ୍ତି। ପିଲାଏ! ଓଡ଼ିଶାର ସ୍ୱାଭିମାନ ବଜାୟ ରଖ ଓ ପ୍ରତିଦିନ ନିଜ ଦେଶ ପାଇଁ ୫/୧୦ ମିନିଟ୍ ଚିନ୍ତାକର। ନିଜକୁ କେବେହେଲେ ନୀଚ ତଥା ହୀନ ବୋଲି ନ ଭାବିବା ଓ ଓଡ଼ିଆତ୍ୱର ଗର୍ବବୋଧ ରକ୍ଷା କରିବା କଥାଟା ଭଗବତୀଙ୍କୁ ଭାରି ଭଲ ଲାଗିଥିଲା ଏବଂ ତାଙ୍କର ସମଗ୍ର ଜୀବନରେ ସେ ଅକ୍ଷରେ ଅକ୍ଷରେ ଏହାକୁ କ୍ରିୟାନ୍ୱିତ କରି ଚାଲିଥିଲେ।

ଭଗବତୀଙ୍କ ଜୀବନକୁ ଆଉ ଯେଉଁ ବ୍ୟକ୍ତିଜଣକ ବିଶେଷଭାବେ ପ୍ରଭାବିତ କରିଥିଲେ, ସେ ବ୍ୟକ୍ତି ଜଣକ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ। ପୁରୀ ରହଣି କାଳରେ ଅଗ୍ରଜ ବନ୍ଧୁ ପ୍ରାଣନାଥ ପଟ୍ଟନାୟକଙ୍କ ସହ ଭଗବତୀ ପ୍ରତିଦିନ ଗୋପବନ୍ଧୁଙ୍କ ବାଣୀ ଶୁଣିବା ପାଇଁ ତାଙ୍କ ପଥୁରିଆ ସାହି ଘରକୁ ଯାଉଥିଲେ। ଗୋପବନ୍ଧୁ ସବୁ କଥା ଭିତରେ ଯେଉଁ ମୂଳ ମନ୍ତ୍ର କଥାଟି କହୁଥିଲେ, ତାହା ହେଲା– 'ମାନବ ସେବା ହେଉଛି ମାଧବ ସେବା'। ଗୋପବନ୍ଧୁଙ୍କ ଏହି କଥାପଦକ ମହାମନ୍ତ୍ର ପରି ଭଗବତୀଙ୍କ ଜୀବନରେ ଗଣ୍ଠି ହୋଇ ରହିଥିଲା। ୧୯୩୧ ମାର୍ଚ୍ଚ ୨୩ ତାରିଖ ସନ୍ଧ୍ୟାରେ ଦେଶର କ୍ରାନ୍ତିବୀର ଭଗତ୍ ସିଂ, ଶୁକଦେବ ଓ ରାଜଗୁରୁଙ୍କୁ ଲାହୋର ଷଡ଼ଯନ୍ତ୍ର ମାମଲାରେ ଦୋଷୀ ସାବ୍ୟସ୍ତ କରି ଲାହୋର ଜେଲରେ ଫାଶୀ ଦିଆଗଲା। ସେମାନଙ୍କର ଶବକୁ ଖଣ୍ଡ ଖଣ୍ଡ କରି ଦାହ କରିବା ପରେ ଦେହାବଶେଷକୁ ଶତଲେଜ୍ ନଦୀରେ ଭସାଇ ଦିଆଗଲା। ତୁମୁଳ ଅସନ୍ତୋଷରେ ଦେଶ ଉଠିଲା ପଡ଼ିଲା। ସେହି ୨୩ ତାରିଖ ସନ୍ଧ୍ୟାରେ ପାଟନାରେ ଏହି ଶହୀଦ ତ୍ରୟୀଙ୍କ ପାଇଁ ଯେଉଁ ଶୋକସଭା ହେଲା, ସେଥିରେ ଭଗବତୀବାବୁ ଯୋଗଦେଇଥିଲେ। ସେଦିନ ସଭାରେ ଦିଆଯାଇଥିବା ବକ୍ତୃତାରୁ ସେ ବୁଝିଲେ ଯେ, ଯେଉଁ ତିନିଜଣଙ୍କୁ ଫାଶୀ ଦିଆଗଲା ସେମାନେ ଅରାଜକତାବାଦୀ ନୁହନ୍ତି, ସଚ୍ଚା ଦେଶଭକ୍ତ। ତା' ପରଦିନ ସାରା ପାଟନା ସହରରେ ପ୍ରତିବାଦସୂଚକ ହରତାଳ ହେଲା। ଲୋକେ କଳାପତାକା ଓ ବ୍ୟାଜ୍ ପିନ୍ଧିବାର ଦେଖାଗଲା। ୨୪ ତାରିଖ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭଗବତୀ କିଛି ନ ଖାଇ ନ ପିଇ ରହିଲେ। ଭଗତ୍ ସିଂ ଓ ତାଙ୍କ ସାଥୀମାନଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ କଲେ। ଏ କେବଳ ଗୋଟିଏ ଘଟଣା ନୁହେଁ, ଅନେକ ଘଟଣା କ୍ରମେ ତାଙ୍କ ଜୀବନରେ ଘଟିଚାଲିଲା, ଯାହା ତାଙ୍କୁ ଅସ୍ଥିର କରି ପକାଇଲା। ସେ ପାଲଟିଗଲେ ରକ୍ତମାଂସ ଶରୀରଧାରୀ ଏକ ଦୀର୍ଘଶ୍ୱାସ। ଏ ଦୀର୍ଘଶ୍ୱାସ ଭାଙ୍ଗିବାର ନୁହେଁ, ଗଢ଼ିଦେବାର।



ଭଗବତୀବାବୁ ଯେଉଁ ପୃଷ୍ଠଭୂମିରେ ରାଜନୀତିକୁ ଆସିଲେ, ସେତେବେଳେ ଦୁଇଟି ଭାଗରେ ବିଭକ୍ତ ହୋଇଥାଏ ରାଜନୈତିକ ବିଚାରବୋଧ। ବାମପନ୍ଥୀ ଓ ଦକ୍ଷିଣପନ୍ଥୀ– ଏହି ଦୁଇଟି ପନ୍ଥା ଭିତରେ ଚାଲିଥାଏ ଛକାପଞ୍ଝା। ଜବାହରଲାଲ ନେହେରୁ ଓ ସୁଭାଷ ବୋଷଙ୍କ ବାମପନ୍ଥୀ ଚିନ୍ତାଧାରା ଭଗବତୀ ଓ ତାଙ୍କର ସତୀର୍ଥମାନଙ୍କୁ ପ୍ରଭାବିତ କରିଥିଲା। ଏହି ସମୟରେ ବାମମନା ଭାରତୀୟ ଚିନ୍ତାବିତ୍‌ଙ୍କର ହୃଦ୍‌ବୋଧ ହେଲା ଯେ କୃଷକ ଓ ମେହନତୀ ମଣିଷଙ୍କୁ ଜାତୀୟ ଆନ୍ଦୋଳନର ବଳୟ ମଧ୍ୟକୁ ସକ୍ରିୟ ଭାବେ ନ ଆଣିଲେ ଭାରତର ମୁକ୍ତି ସଂଗ୍ରାମକୁ ଶକ୍ତିଶାଳୀ କରିହେବ ନାହିଁ। ଏପରି ଚିନ୍ତାଧାରାର ପରିଣତିରେ ସମଗ୍ର ଦେଶର ବିଭିନ୍ନ ପ୍ରାନ୍ତରେ କୃଷକ ଆନ୍ଦୋଳନ ଓ ପ୍ରଜା ଆନ୍ଦୋଳନ ଗୁରୁତ୍ୱଲାଭ କଲା ଓ କହିବା ବାହୁଲ୍ୟ ଯେ ଭଗବତୀ ଚରଣ ହୋଇଉଠିଲେ ଏହି ନିଃସ୍ୱମାନବଙ୍କ ଅଗ୍ରସାରଥି। ୧୯୩୫–୩୬ରେ ଗଠିତ ହେଲା ଓଡ଼ିଶା କମ୍ୟୁନିଷ୍ଟ ପାର୍ଟି, ନବଯୁଗ ସାହିତ୍ୟ ସଂସଦ ଓ ପ୍ରକାଶ ପାଇଲା ତା'ର ମୁଖପତ୍ର 'ଆଧୁନିକ'– ଯାହାର କେନ୍ଦ୍ରରେ ରହିଲେ ଭଗବତୀ। ୧୯୩୫ ନଭେମ୍ବର ୨୯ରୁ ୬ ଦିନବ୍ୟାପୀ କଟକ ଶ୍ରୀରାମଚନ୍ଦ୍ର ଭବନରେ ଭଗବତୀଙ୍କ ନେତୃତ୍ୱରେ ନବଯୁଗ ସାହିତ୍ୟ ସଂସଦର ଯେଉଁ ଅଧିବେଶନ ଚାଲିଲା, ସେଥିରେ ସଭାପତିତ୍ୱ କରିଥିଲେ ଭଗବତୀଙ୍କ ମଝିଆ ଭାଇ କାଳିନ୍ଦୀଚରଣ ପାଣିଗ୍ରାହୀ। ସଭାର ଉଦ୍‌ଘାଟନୀ ସଙ୍ଗୀତ ଲେଖିଥିଲେ ଅନନ୍ତ ପଟ୍ଟନାୟକ ଓ ତାକୁ ଗାଇଥିଲେ ମାଳତୀ ଚୌଧୁରୀ, ଅଶୋକ ରାଓ ଓ ଖୋକନ୍ ଜୋଆର୍‌ଦାର। ତା'ର କେଇଧାଡ଼ି ଥିଲା ଏହିପରି– "ନବୀନ ଯୁଗର ତରୁଣ ଜାଗରେ ଜାଗ ବନ୍ଧନ ହରା/ ବକ୍ଷ ଶୋଣିତେ ଲକ୍ଷ ଜୀବନେ ଖେଳାଅ ଆଲୋକ ଧାରା।" ଏହି ଗୀତର ଆବେଦନ ଏତେ ସଂକ୍ରାମକ ଥିଲା ଯେ, ଏହା ଅଧିବେଶନରେ ଯୋଗଦେଇଥିବା ଶ୍ରୋତୃମଣ୍ଡଳୀର ପରିସର ଡେଇଁ ସାରା ଓଡ଼ିଶାବାସୀଙ୍କୁ ନବ ଚେତନାରେ ଉଦ୍‌ବୁଦ୍ଧ କରି ତୋଳିଥିଲା। ଲେନିନ୍ କହିଥିଲେ– "No Literature can enlighten the proletariat, if it is not enlightened by its own struggle, against the sinister forces of capitalism." ଭଗବତୀ ଏହି ଚେତନାର ସାହିତ୍ୟ ସ୍ରଷ୍ଟା ଥିଲେ। ନିଜ ମାଟି ଓ ନିଜ ମଣିଷଙ୍କ କଦର୍ଥନାକୁ ନିଜ ରଚନାରେ ଫୁଟାଇ ଅଳ୍ପସଞ୍ଚର ବିପୁଳ ପ୍ରଦୀପରେ ନିଜକୁ ପରିଣତ କରିପାରିଥିଲେ।

୧୯୩୫ରେ 'ଅର୍ଥ ଓ ପରମାର୍ଥ' ଭଳି ପ୍ରବନ୍ଧ ଲେଖିଥିଲେ ଭଗବତୀ, ଯେତେବେଳେ ତାଙ୍କର ବୟସ ମାତ୍ର ୨୭ ବର୍ଷ। ଭଗବତୀ ଏଥିରେ ସାହସ ଜୁଟାଇ ପ୍ରଥମ ଥର ପାଇଁ କହିଥିଲେ– "ଈଶ୍ୱର ଭାବଟି ଜାତିର ଅବସ୍ଥାକୁ ଅଧିକ ମନ୍ଦ କରିଦିଏ। ଠାକୁର ଘର ଓ ପୁଣ୍ୟ ପର୍ବରେ ଖର୍ଚ୍ଚ କରି ଏ ଲୋକେ ଉର୍ଦ୍ଧ୍ୱଶ୍ୱାସ ହୋଇପଡ଼ନ୍ତି।" ତା'ପରେ କ'ଣ ଲେଖିଲେ ପଢ଼ନ୍ତୁ! ଲେଖିଲେ– "ତେଣୁ ଦୀନହୀନ ହୁଅ, ତୁମର ଅଭାବ ପାଇଁ, ଦୈନ୍ୟ ପାଇଁ ଭଗବାନଙ୍କର ଆସନ ଟଳିବ। ଧନୀ ଲୋକଙ୍କର ସୁଖସ୍ୱାଚ୍ଛନ୍ଦ୍ୟ କଥା କହୁଚ ? ଧନୀ ଲୋକ ଚିରକାଳ ଅଭିଶପ୍ତ। ତାଙ୍କୁ ଈର୍ଷା କରନାହିଁ। ସ୍ୱର୍ଗର ହାତ ତୁମ ପାଇଁ ଖୋଲା।" – କି' ତୀବ୍ର ବ୍ୟଙ୍ଗ, ଅପବୋଧନ ପ୍ରତି କି ଉଦ୍‌ବୋଧହୀନ କଟାକ୍ଷ! କେବଳ ଓଡ଼ିଆ ଭାଷା ନୁହେଁ, ଭାରତର ଅନ୍ୟ କୌଣସି ପ୍ରାନ୍ତୀୟ ଭାଷାରେ, ଏହି ସମୟକୁ, ଏପରି ପରିଚ୍ଛନ୍ନ ଦୃଷ୍ଟିଭଙ୍ଗୀକୁ ପ୍ରତ୍ୟକ୍ଷ କରିବା କ୍ୱଚିତ୍ ସମ୍ଭବ।

ଭଗବତୀବାବୁ ଚୌକି-ସଉକୀ ରାଜନେତା ନ ଥିଲେ। ତୃଣମୂଳସ୍ତରର ସ୍ଥିତି ଓ ସବା ତଳସ୍ତରର ମଣିଷଙ୍କ ନାଡ଼ି କଷି ଦେଶ ହିତ ପାଇଁ ଯାହା ପ୍ରଯୁଜ୍ୟ– ସେହି ସିଦ୍ଧାନ୍ତ ନିଜ ବିବେକକୁ ପଚାରି ନେଉଥିଲେ। ମାଓ–ସେ–ତୁଙ୍ଗଙ୍କ ଭଳି ସେ ବି ଏହି ପ୍ରତ୍ୟୟରେ ପ୍ରତ୍ୟୟୀ ଥିଲେ– "Learn from the masses, Masses are your teachers." (ଗଣଙ୍କଠାରୁ ଶିଖ, ଗଣ ହିଁ ତୁମ ଗୁରୁ)। ଜଣେ କୋଟିପତି, ଆଉ ଜଣେ ଖଟିଖିଆ– ସମାଜରେ ଏ ଅସମତା କାହିଁକି– ଏହି ଚିନ୍ତା ଗୋପବନ୍ଧୁଙ୍କୁ ଯେପରି ବ୍ୟଥିତ କରିଥିଲା, ଭଗବତୀଙ୍କୁ ବି ସେପରି। କିନ୍ତୁ ମହାତ୍ମା ଗାନ୍ଧୀ ପୁଞ୍ଜିପତିମାନଙ୍କୁ ସାମାଜିକ ସମ୍ପଦର 'ଟ୍ରଷ୍ଟି' ବୋଲି ଯାହା କହିଥିଲେ, ଏହି ମାରଫତଦାର ତତ୍ତ୍ୱକୁ ଅସ୍ୱୀକାର କରିଥିଲେ ସେ। ଭଗବତୀଙ୍କ ଜୀବନଦୀପ ଦେଶ ଓ ଦେଶୀଙ୍କ ହିତ ଭାବନାରେ ହୁତୁହୁତୁ ଜଳୁଜଳୁ ହଠାତ୍ ଲିଭି ଯାଇଥିଲା ସତ, କିନ୍ତୁ ସେହି ଅଳ୍ପକାଳର କରଣି ଭିତରେ ଅସରନ୍ତି ଥିଲା ତାଙ୍କ କୀର୍ତ୍ତି ଓ କୃତି। ତାଙ୍କରି ପବିତ୍ର ପୁଣ୍ୟତିଥିରେ ତାଙ୍କ ଅମର ସ୍ମୃତି ପ୍ରତି 'ଧରିତ୍ରୀ' ଓ ସମଗ୍ର ଓଡ଼ିଆ ଜାତିର ମଥାନତ ପ୍ରଣତି।

ମୋ: ୯୮୫୩୨୮୭୭୫୫

# ନାରୀଜାତିର ପ୍ରତୀକାତ୍ମକ ପୂଜା



ଯଶସ୍ୱିନୀ ପଟ୍ଟନାୟକ

ମା' ଶବ୍ଦରେ ଭରିରହିଛି ଅମୃତର ଉଚ୍ଛ୍ୱାସ। ଯୁଗ ଯୁଗ ଧରି ସ୍ମରଣ କରିଛନ୍ତି ଦେବତା, ଦାନବ ଆଉ ମାନବ। ମା' ବାରମ୍ବାର ଆବିର୍ଭୂତା ହୁଅନ୍ତି ସନ୍ତାନର ଆକୁଳ ପ୍ରାର୍ଥନାରେ। ମା'ର ଇଚ୍ଛା ସଦା ପୂର୍ଣ୍ଣହୁଏ। ସେ ଶକ୍ତିସ୍ୱରୂପିଣୀ। ପ୍ରତିଟି ଅଣୁ, ପରମାଣୁ, ଜଡ଼ ଚେତନରେ ସେ ଶକ୍ତି ରୂପେ ବିରାଜିତା। ଏ ଶରୀର ମଧ୍ୟ ଶକ୍ତି ବିନା ଜଡ଼। ଶକ୍ତିକୁ ବାଦ୍ ଦେଲେ ଜୀବ ଶବରେ ପରିଣତ ହୁଏ। ଶକ୍ତି, ଜଡ଼ରେ ଚୈତନ୍ୟସତ୍ତା ଆଣେ। ଦେବତାମାନଙ୍କ ତେଜରୁ ସୃଷ୍ଟ ଦେବୀ ତେଜସ୍ୱିନୀ ହୋଇ ଉଠିଲେ। ଗୋଟି ଗୋଟି କରି ରାକ୍ଷସମାନଙ୍କ ସହ ତାଙ୍କ ସୈନ୍ୟସାମନ୍ତଙ୍କୁ ବିନାଶ କରିବାରେ ଲାଗିଲେ। କ୍ରମାନ୍ୱୟରେ ମହିଷାସୁର, ଧୂମ୍ରଲୋଚନ, ଚଣ୍ଡ, ମୁଣ୍ଡ, ରକ୍ତବୀର୍ଯ୍ୟ, ନିଶୁମ୍ଭ ଓ ଶୁମ୍ଭ ଆଦି ରାକ୍ଷସମାନଙ୍କୁ ବଧ କରି ଶାନ୍ତି ପ୍ରତିଷ୍ଠା କରିବାରେ ମା'ଙ୍କ ଭୂମିକା ଅତୁଳନୀୟ। ଚଣ୍ଡ–ମୁଣ୍ଡ ଥିଲେ ମହିଷାସୁରର ଚର। ଚଣ୍ଡ–ମୁଣ୍ଡ ଦେବୀ ଦୁର୍ଗାଙ୍କୁ ସୁନ୍ଦରୀ ନାରୀରୂପରେ ଦର୍ଶନ କରି ମହିଷାସୁରକୁ ସମ୍ବାଦ ଦେଇଥିଲେ ଯେ ଏପରି ସୁନ୍ଦରୀ ନାରୀ ହିଁ ଆପଣଙ୍କ ଭୋଗ୍ୟା ହେବା ଉଚିତ୍। ନାରୀର ରୂପବର୍ଣ୍ଣନା ଶୁଣି ମହିଷାସୁର ଚଣ୍ଡ–ମୁଣ୍ଡଙ୍କୁ ପୁନର୍ବାର ପ୍ରେରଣକଲା ସୁନ୍ଦରୀକୁ ଡକାଇ ଆଣିବା ପାଇଁ। ହେଲେ ନାରୀର ଥିଲା ଅଦ୍ଭୁତ ସର୍ତ୍ତ। 'ଯୋ ମାଂ ଜୟତି ସଂଗ୍ରାମେ ଯୋମେ ଦର୍ପଂ ବ୍ୟପୋହତି। ଯୋ ମେ ପ୍ରତିବଲୋ ଲୋକେ ସମେ ଭର୍ତ୍ତା ଭବିଷ୍ୟତି।।' ଅର୍ଥାତ୍ ଯେ ମୋତେ ସଂଗ୍ରାମରେ ଜୟକରି, ମୋର ଦର୍ପକୁ ବିନାଶ କରିବ ଏବଂ ମୋ ସହିତ ଯାହାର ବଳ ସମକକ୍ଷ ହେବ ସେ ହିଁ ମୋତେ ବିବାହ କରିବ। ଏଭଳି ସର୍ତ୍ତ ଶୁଣି ମହିଷାସୁର ପରିହାସ କରିଥିଲା। ଚଣ୍ଡ–ମୁଣ୍ଡଙ୍କ ଜରିଆରେ ଭୋଗ କରିବାକୁ ସ୍ୱପ୍ନ ଦେଖିବାବେଳେ ସେମାନଙ୍କର ଧ୍ୱଂସ ହୋଇଯାଇଥିଲା। ପରେ ପରେ ପ୍ରେରଣକଲା ରକ୍ତବୀର୍ଯ୍ୟକୁ, ଯାହାର ରକ୍ତ ବୀର୍ଯ୍ୟ ପରି କ୍ରିୟାଶୀଳ। ଭୂଭାଗରେ ବୁନ୍ଦାଏ ରକ୍ତ ପଡ଼ିଲେ ଅପରୂପ ଭାବରେ ଅସୁରଟିଏ ସୃଷ୍ଟି ହୋଇ ଯାଉଥିଲା। ଦେବୀ ତାକୁ ମଧ୍ୟ ବିନାଶ କଲେ। ଶେଷରେ ମହିଷାସୁରକୁ ମଧ୍ୟ ବିନାଶକଲେ। ଦେବତାମାନେ ପ୍ରାର୍ଥନାରେ ଦେବୀଙ୍କୁ ଅନେକ ଭାବରେ ପ୍ରାପ୍ତିହେବାର ବର୍ଣ୍ଣନା ମଧ୍ୟରେ ଏକ ସମ୍ପ୍ରତି ସମାଜୋପଯୋଗୀ ସନ୍ଦେଶଟିଏ ଦେଇଯାଇଥିଲେ। 'ବିଦ୍ୟା ସମସ୍ତାସ୍ତବ ଦେବି ଭେଦାଃ ସ୍ତ୍ରୀୟଃ ସମସ୍ତାଃ ସକଳା ଜଗତ୍‌ସୁ...' ଅର୍ଥାତ୍ ପ୍ରତିଟି ନାରୀ ହେଉଛନ୍ତି ଦେବୀଙ୍କର ନାନାରୂପ। ନାରୀ ଜାତିର ମହନୀୟତା ହିଁ ଏଥିରେ ପ୍ରତିପାଦିତ ହୁଏ। ନାରୀର ଗୁଣାବଳୀକୁ ବର୍ଣ୍ଣନା କରିବାକୁ ଯାଇ ଭଗବାନ୍ କୃଷ୍ଣ ଶ୍ରୀମଦ୍ ଭଗବଦ୍ ଗୀତାର ବିଭୂତି ଯୋଗରେ କହିଛନ୍ତି– 'କୀର୍ତ୍ତି ଶ୍ରୀବାକ୍ଚନାରୀଣାମ୍ ସ୍ମୃତିମେଧା ଧୃତିକ୍ଷମା ଅର୍ଥାତ୍ 'ନାରୀମାନଙ୍କ ମଧ୍ୟରେ ମୁଁ କୀର୍ତ୍ତି, ସୌନ୍ଦର୍ଯ୍ୟ, ବଚନ, ସ୍ମୃତି, ବୁଦ୍ଧି, ଧୈର୍ଯ୍ୟ ଓ କ୍ଷମା' ଭଳି ଗୁଣାବଳୀର ସମାହାର। ନାରୀ ଭିତରେ ଅନ୍ତଃସଲିଳା ହୋଇ ଦୟା, ମମତା, କରୁଣା, ସମ୍ବେଦନତା ଆଦି ଭରିରହିଛି। ଆଜି ଭୋଗବାଦର ଚରମସୀମାକୁ ସ୍ପର୍ଶ କରିଥିବା ସଂସାରରେ ଦେହ ସର୍ବସ୍ୱ ହୋଇ ଆମେ ନାରୀକୁ ପଣ୍ୟ ଦ୍ରବ୍ୟ ରୂପେ ବ୍ୟବହାର କରିବାର ମାନସିକତା ରଖିଲୁଣି। ଯାହାର ପ୍ରମାଣ ଦେଉଛି ନାରୀମାନଙ୍କ ଦ୍ୱାରା ପ୍ରଚାରିତ ବିଜ୍ଞାପନ ଓ ଆଲବମ୍ ସଂଗୀତ। ଏତଦ୍ୱାରା ନାରୀତ୍ୱର ଅବମାନନା ହେବାସହିତ ଅଧୋଗତି ହେଉଛି ହେଉଛି ସିନା ଉନ୍ନତିର ପ୍ରଶ୍ନ ଉଠୁନାହିଁ।



ସମ୍ପ୍ରତି ନାରୀଙ୍କ ଦାୟିତ୍ୱର ପରିସୀମା ବିସ୍ତୃତ ହୋଇଛି। ସେ ଆଉ ଘରର ଚାରିକାନ୍ଥରେ ଆବଦ୍ଧ ନାହିଁ। ତା'ର ଅବଗୁଣ୍ଠିତା ରୂପରେ ବାନ୍ଧିହୋଇ ରହିବାକୁ ସେ ଚାହିଁନାହିଁ; ଚାହିଁଛି ତା'ର ଅସୀମ ସ୍ୱପ୍ନକୁ ବାସ୍ତବ ରୂପ ଦେବାପାଇଁ। ସ୍ୱାଧୀନ ଭାରତରେ ନାରୀ ଶିକ୍ଷା, ସ୍ୱାସ୍ଥ୍ୟ, ବୈଷୟିକ ବିଜ୍ଞାନ, କୃଷି, ସେନାବାହିନୀ ଆଦି କ୍ଷେତ୍ରରେ ନିଜର ସ୍ଥିତିକୁ ଜାହିର କରିପାରିଛି। ନାରୀମାନେ ଯେତେ ଉଚ୍ଚଶିକ୍ଷିତା, ଜ୍ଞାନୀ, ଧନୀ, କର୍ମକୁଶଳୀ, କଷ୍ଟସହିଷ୍ଣୁ ହେଲେ ମଧ୍ୟ ସେମାନଙ୍କ ପ୍ରତି ପୁରୁଷମାନଙ୍କର ଆଭିମୁଖ୍ୟରେ ପରିବର୍ତ୍ତନ ହେଉ ନାହିଁ। ନାରୀର ସମସ୍ତ ଗୁଣ ଆଧୁନିକତାର ଅଧୋଗତି ରାସ୍ତାରେ ମିଳାଇ ଚାଲିଛି। ସବୁଠି ଅପସଂସ୍କୃତିର କରାଳକାୟା ବିସ୍ତାରକରିଛି। ଅନେକ ସ୍ଥାନରେ ନାରୀର ବେଶଭୂଷା, ଆଚାର ବ୍ୟବହାରରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ମନେହୁଏ ପୁରୁଷ ସମାଜର ମନୋରଂଜନ ସାମଗ୍ରୀ ହେଉଛି ନାରୀ। ନାରୀ ଜୀବନର ଶ୍ରେଷ୍ଠ ସମ୍ପଦ ଅର୍ପିତ ହୋଇଯାଏ ଅର୍ଥ ଓ ପ୍ରଲୋଭନ ନିକଟରେ। ସତେ କ'ଣ ଏହି ବୀଭତ୍ସ ପରମ୍ପରାକୁ ଆମେ ରୋକି ପାରିବା ନାହିଁ! ଅର୍ଥ ଲାଳସାରେ କବଳିତ ହୋଇ ନାରୀତ୍ୱକୁ କଳଙ୍କିତ କରିବସିଲେ ଫଳ କ'ଣ ହେବ! ପୁରାଣ ଓ ଇତିହାସରୁ ନାରୀମାନଙ୍କ ପ୍ରତି ଥିବା ଭକ୍ତି, ଶ୍ରଦ୍ଧା, ମମତା ଓ ସମ୍ମାନକୁ ଭୁଲିଗଲେ ନାରୀର ନିଜତ୍ୱ ରହିବ ତ! ବହୁ ନାରୀ ଆମ ସମାଜ ପାଇଁ ଉଦାହରଣ ପାଲଟିଥିବା ବେଳେ ଆଉ କେତେକ ବିଜ୍ଞାପିତ ହୋଇ ନାରୀସମାଜ ପାଇଁ କଳଙ୍କର ଦାଗ ବହିଛନ୍ତି। ସେଦିନର ଗାର୍ଗୀ, ମୈତ୍ରେୟୀ, ଲକ୍ଷ୍ମୀବାଈଙ୍କ ଭଳି ମହିଳା ଏବେ ମଧ୍ୟ ଅଛନ୍ତି। ଦେଶ ଶାସନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ଆଦି ପଦବୀ ମଣ୍ଡନ କରି ଅତି ଦକ୍ଷତାର ସହ ସେମାନଙ୍କର ପରାକାଷ୍ଠା ପ୍ରଦର୍ଶନ କରିବା ପୂର୍ବକ ସର୍ବୋଚ୍ଚ ଆସନ ଅଳଙ୍କୃତ କରିବାର ଗୌରବ ଅର୍ଜନ କରିଛନ୍ତି। କିନ୍ତୁ କିଛି ମହିଳାଙ୍କ ଆଚରଣ ଓ ବ୍ୟବହାରରେ ବ୍ୟବସାୟିକ ମନୋବୃତ୍ତି ତଥା ପାଶ୍ଚାତ୍ୟ ସଂସ୍କୃତିର ଛଟା ପରିଲକ୍ଷିତ ହୁଏ। ଶେଷରେ ଏତିକି କୁହାଯାଇପାରେ ପୌରାଣିକ ଯୁଗରେ ମହିଷାସୁର ଓ ତା'ର ଚରମାନଙ୍କ ଦୃଷ୍ଟିନେଇ ନାରୀଙ୍କୁ ନଦେଖି, ଦେବତାମାନଙ୍କ ଅମୃତମୟ ଦୃଷ୍ଟିରେ ଦେଖିଲେ ସେମାନେ ଆପେ ଆପେ ମାତୃରୂପରେ ବିଦ୍ୟମାନ ହେବେ। ସାର୍ଥକ ହେବ ନାରୀଜାତିର ପ୍ରତୀକାତ୍ମକ ପୂଜା ଦୁର୍ଗାପୂଜାର ଉଦ୍ଦେଶ୍ୟ।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର–୮, ସିଡିଏ, କଟକ
ଇ–ମେଲ: jasaswinipattanaik78@gmail.com

## ଏଇ ଭାରତରେ

ନିଜର ଦୁଃଖକଷ୍ଟ ଭୁଲି ଅସହାୟ ପିଲାଙ୍କ ମା' ସାଜିଛନ୍ତି ଛତିଶଗଡ଼ର କିନ୍ନର ମନିଷା। ୮ଜଣ ପିଲାଙ୍କର ଯତ୍ନ ନେଉଛନ୍ତି। ମନିଷା ବିଭିନ୍ନ ଜାଗାରେ କାମକରି ଯାହା ରୋଜଗାର କରନ୍ତି, ସେଥିରେ ସେମାନଙ୍କର ଖର୍ଚ୍ଚ ତୁଲାଉଛନ୍ତି। ମନିଷାଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ମାତ୍ର ୫ ବର୍ଷ ବୟସରେ ତାଙ୍କ ମାତାପିତାଙ୍କ ପରଲୋକ ହୋଇଥିଲା। ବହୁ ଘାତପ୍ରତିଘାତ ଦେଇ ସେ ବଡ଼ ହୋଇଥିଲେ। ସେତେବେଳୁ ଅନାଥ ପିଲାଙ୍କୁ ସହାୟ ହେବାର ଲକ୍ଷ୍ୟ ତାଙ୍କ ମନରେ ଉଙ୍କି ମାରିଥିଲା, ତାହାକୁ ଏବେ ସେ ଜାରି ରଖିଛନ୍ତି। ମନିଷାଙ୍କ ୮ଜଣ ପିଲାଙ୍କ ମଧ୍ୟରେ ସାନ ପିଲାଟିର ବୟସ ୭ ମାସ। ଏହି ପିଲାଟିର ମା' ବାପାଙ୍କ ଦେହାନ୍ତ ପରେ ସାଂଘାତିକ ରୋଗରେ ପୀଡ଼ିତ ଥିଲା। ମନିଷା ତାଙ୍କୁ ମେଡିକାଲରେ ଚିକିତ୍ସା କରାଇବା ପରେ ଘରକୁ ଆଣିଥିଲେ। ପିଲାମାନଙ୍କୁ ଖାଇବା ପିଇବାକୁ ଦେଇ ପଢ଼ାଇବା ସହ ବହୁ ସମୟରେ ସେମାନଙ୍କ ଚିକିତ୍ସା ଲାଗି ଅର୍ଥ ଅଭାବ ଦେଖାଦିଏ। ତେବେ ଡାକ୍ତରମାନେ ତାଙ୍କୁ ସାହାଯ୍ୟ କରନ୍ତି। ଅନାଥ ପିଲାମାନଙ୍କୁ କେବେ କଷ୍ଟ ସହିବାକୁ ଦେବେ ନାହିଁ ଓ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆଜୀବନ ସେବା ଜାରି ରଖିବାକୁ କହନ୍ତି ମନିଷା।

## ୨୫ ବର୍ଷ ତଳର ଧରିତ୍ରୀ

୨୩ ଅକ୍ଟୋବର ୧୯୯୮

- ପୂର୍ବାଞ୍ଚଳ ଶ୍ରୀଲଙ୍କାରେ ଥିବା ତାମିଲ ଗେରିଲାଙ୍କ ଏକ ପ୍ରମୁଖ ଘାଟି ଉପରେ ସ୍ପେଶାଲ ଟାସ୍କଫୋର୍ସର କମାଣ୍ଡୋମାନେ ଆକ୍ରମଣ କରିବା ଫଳରେ ୧୦ ଏଲ୍‌ଟିଟିଇ ଗେରିଲା ନିହତ।
- କେରଳର ପାଲାଇଠାରୁ ଥୋଡୁପୁଝା ଅଭିମୁଖେ ଯାତ୍ରା କରୁଥିବା ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିବା ଫଳରେ ନିଆଁ ଲାଗି ୩୦ ଯାତ୍ରୀ ଜୀବନ୍ତ ଦଗ୍ଧ।

## ଚିରନ୍ତନୀ

ଅଳପ ଦିନକୁ ଯେଣୁ ଆସିଥିଲି କହି
ବସିଥିବ ମୋ କଣ୍ଠର ଅପେକ୍ଷାରେ ରହି
ନୁଆଇଁ ମୁଖ ମଳିନ
ଗଣୁଥିବ ନିଶି ଦିନ
କି ବାରତା ଏ ପବନ ବହିନେବ ତହିଁ
ଜୀବନ ଦୋସର ଚିର ମୋର ପ୍ରାଣସହୀ।
(ବନ୍ଦୀର ବିଳାପ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅସହାୟଙ୍କୁ ଭୋଜନ ମିଳୁ

ମହାଶୟ,

ରାଜ୍ୟରେ ଥିବା ସମସ୍ତ ଅସହାୟଙ୍କୁ ମାଗଣାରେ ଭୋଜନ ଦିଆଯାଉ। ଆଶାବାଡ଼ିରେ ଚାଲୁଥିବା ବ୍ୟକ୍ତି, ଅକର୍ମଣ୍ୟ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆହାର କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ, ଯାହାଦ୍ୱାରା ସେମାନେ ନିଜକୁ ଅସହାୟ ମନେକରିବେ ନାହିଁ। ମାନସିକ ତଥା ଶାରୀରିକ ଅକ୍ଷମତାର ଦୁଶ୍ଚିନ୍ତା ନୂତନ ଯୋଜନା ଦ୍ୱାରା ଦୂର ହେବ। ରାଜ୍ୟ ସରକାର ତୁରନ୍ତ ଯୋଜନା ପ୍ରସ୍ତୁତ କରିବା ଦରକାର।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମାଣିକଗୋଡ଼ାର ନିଆରା ଦଶହରା

# ହିନ୍ଦୁ ଓ ମୁସଲମାନ ଏକାଠି ପାଳନ୍ତି

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକର ମାଣିକଗୋଡ଼ା ଗ୍ରାମ। ଏଠାରେ ନିଆରା ଢଙ୍ଗରେ ପାଳିତ ହୁଏ ଦଶହରା। ହିନ୍ଦୁ ଓ ମୁସଲମାନ ମିଳିତ ଭାବେ ଏଠି ପାଳନ କରି ଆସୁଛନ୍ତି ଦଶହରା ପର୍ବ।

**ସମନ୍ୱୟର ବାର୍ତ୍ତା:** ବିଜୟାଦଶମୀ ଉତ୍ସବରେ ବ୍ରାହ୍ମଣ ପୂଜା କରୁଥିବା ବେଳେ ମୁସଲମାନ ଦଳବେହେରା କର୍ତ୍ତା ସାଜି ଅପରାଜିତା ହୋମରେ ଆହୁତି ଦେଇଥାନ୍ତି। କୁହାଯାଏ ଅତି ପ୍ରାଚୀନ କାଳରୁ ଏହି ନିଆରା ପରମ୍ପରା ଚାଲି ଆସିଛି। ଏହା ହିଁ ମାଣିକଗୋଡ଼ା ଦଶହରାର ବିଶେଷତ୍ୱ। ଏଠାରେ ୪ଦିନ ଧରି ଦଶହରା ପର୍ବକୁ ହିନ୍ଦୁ ଓ ମୁସଲମାନ ମିଳିମିଶି ପାଳନ କରି ଆସୁଛନ୍ତି। ଯଜ୍ଞର ସମସ୍ତ ଖର୍ଚ୍ଚ ବୁଝନ୍ତି ମୁସଲମାନ ପରିବାର। ଗ୍ରାମର ସବୁ ବର୍ଗର ଲୋକେ ଏକାଠି ଏହି ପର୍ବର ମଜା ନେଇଥାନ୍ତି। ବିଭିନ୍ନ ଅଞ୍ଚଳରୁ ଲୋକେ ମଧ୍ୟ ସାମିଲ ହୋଇଥାନ୍ତି।

**ପରମ୍ପରା କହେ:** ପାରମ୍ପରିକ ରୀତିନୀତିରେ ସପ୍ତମୀ ତିଥିରେ ମା' ଭଗବତୀଙ୍କ ପୀଠ ସମ୍ମୁଖ ମଣ୍ଡପ ପିଢ଼ା ଉପରେ ଗଜପତିଙ୍କ ପ୍ରଦତ୍ତ ଦଳବେହେରାଙ୍କ ଖଡ୍‌ଗ, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ମହିଷମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ବିରାଟ କଟାରୀ ଓ ଦିବ୍ୟସିଂହପୁର ଗ୍ରାମ କନକଦୁର୍ଗାଙ୍କୁ ରଖାଯାଇ ଏକାଠି ପୂଜା କରାଯାଏ।



ଦଶହରା ଅବସରରେ ଅପରାଜିତା ହୋମରେ ମୁସଲମାନ ଦଳବେହେରା ଆହୁତି ଦେଉଥିବାବେଳେ ଉପସ୍ଥିତ ଗ୍ରାମବାସୀ।

### ଏମାନେ କୁହନ୍ତି...

"ଏହି ଗ୍ରାମରେ ହିନ୍ଦୁ ଏବଂ ମୁସଲମାନଙ୍କ ମଧ୍ୟରେ ସୁସମ୍ପର୍କ ରହିଛି। ହିନ୍ଦୁ ଦେବଦେବୀଙ୍କ ପୂଜା ମୁସଲମାନ ସମ୍ପ୍ରଦାୟ ଏବଂ ମୁସଲମାନଙ୍କ ପର୍ବରେ ହିନ୍ଦୁ ମାନେ ପରସ୍ପରକୁ ଶୁଭେଚ୍ଛା ବାର୍ତ୍ତା ଦେଇଥାନ୍ତି। ଉଭୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ସୁ ସମ୍ପର୍କ ରହିଛି। ମୁସଲମାନ ମାନଙ୍କ ଇଦ, ମହରମରେ ହିନ୍ଦୁମାନେ ଅତି ଆଗ୍ରହର ସହ ସାମିଲ ହୋଇଥାନ୍ତି। ଗାନ୍ଧିଜୀଙ୍କ ବାଣୀ ହିନ୍ଦୁ ମୁସଲିମ, ଶିଖ, ଇସାଇ ସବ୍ ହେଁ ଭାଇ ଭାଇର ପ୍ରକୃତ ଝଲକ ମାଣିକାଗୋଡ଼ା ଦଶହରାରେ ପ୍ରତିଫଳନ ହୋଇଥାଏ।

**– ଅମିୟ ପଟ୍ଟନାୟକ, ଆଇନଜୀବୀ**

"ପୁରୀ ଗଜପତି ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ମାଣିକଗୋଡ଼ା ଠାକୁରାଣୀଙ୍କ ନିକଟରେ ପାଳିତ ଦଶହରା ପର୍ବର ପରମ୍ପରା ଅତି ପ୍ରାଚୀନ। ଏଠି ସମସ୍ତେ ମିଳିମିଶି ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧା ପୂର୍ବକ ଉତ୍ସବ ପାଳନ କରନ୍ତି।

**– ଅବଦୁଲ ଜବାର ଖାଁ,ମାଣିକଗୋଡ଼ା**

"ଏହା ମାଣିକଗୋଡ଼ା ଗଣପର୍ବ କହିଲେ ଅତ୍ୟୁକ୍ତି ହେବ ନାହିଁ। ମୁସଲମାନଙ୍କ ଦ୍ୱାରା ଠାକୁରାଣୀଙ୍କୁ ସମର୍ପିତ ପ୍ରସାଦକୁ ହିନ୍ଦୁ ଭାଇମାନେ ଅତି ଆଦରର ସହ ଗ୍ରହଣ କରିଥାନ୍ତି। ସବୁଠି ଦଶହରା ପାଳିତ ହୋଇଥାଏ। କିନ୍ତୁ ମାଣିକଗୋଡାରେ ଯେପରି ପାଳିତ ହୋଇଥାଏ, ତାହା ପ୍ରକୃତରେ ନିଆରା। ଉଭୟ ସମ୍ପ୍ରଦାୟ ଅତି ଆନନ୍ଦ ଉଲ୍ଲାସରେ ଏହା ପାଳନ କରନ୍ତି। ଏହି ପରମ୍ପରା ଦେଖିବାକୁ ମାଣିକଗୋଡ଼ା ଦଶହରାରେ ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ।

**– ରାଜେନ୍ଦ୍ର ସାହୁ, ବିଧାୟକ, ବେଗୁନିଆ**

**ଦଳବେହେରାଙ୍କ ଘରୁ ବାହାରେ ପଟୁଆର:** ଦଶହରା ପୂର୍ବାହ୍ନରେ ମାନସିକଧାରୀ ମା'ଙ୍କ ନିକଟରେ ନୈବେଦ୍ୟ ଅର୍ପଣ କରନ୍ତି। ସନ୍ଧ୍ୟାରେ ମାଣିକଭୂୟାଁ ଠାକୁରାଣୀଙ୍କ ବିଜେ ପ୍ରତିମା କାଷ୍ଠ ମୂଷଳଙ୍କୁ ଅଣାଯାଇଥାଏ। ଠାକୁରାଣୀ ପୂଜକ କନ୍ଧ ଜାନୀ ଦେହରେ ସବାର(ଉଭା) ହୋଇ ଭବିଷ୍ୟତବାଣୀ ସହ ଭକ୍ତଙ୍କ ମନସ୍କାମନା ପୂର୍ଣ୍ଣ କରନ୍ତି। ସନ୍ଧ୍ୟାରେ ମାଣିକଭୂୟାଁ ଠାକୁରାଣୀ ରୋଶଣି ପଟୁଆରରେ ମୁସଲମାନ ଦଳବେହେରାଙ୍କ ଦୁଆରକୁ ଆସି ଫଳ ଓ ଶୁଖିଲା ଭୋଗ ଖାଇଥାନ୍ତି। ମା'ଙ୍କ ଭୋଗକୁ ହିନ୍ଦୁ, ମୁସଲମାନ ତଥା ଅନ୍ୟ ସମ୍ପ୍ରଦାୟର ଲୋକେ ଖାଇ ଭାଇଚାରାକୁ ବଜାଏ ରଖନ୍ତି। ଏହା ପରେ ଠାକୁରାଣୀଙ୍କ ସହ ମୁସଲମାନ ଦଳବେହେରା ଭଗବତୀଙ୍କ ପୀଠରେ ପହଞ୍ଚନ୍ତି।

**ସୋମନାଥ ମନ୍ଦିର ସମ୍ମୁଖରେ ହୁଏ ହୋମ:** ସେଠାରେ(ଭଗବତୀଙ୍କ ପୀଠ ଆଗରେ) ୩ ଦିନ ବ୍ୟାପୀ ପୂଜା ପାଉଥିବା ଗଜପତି ପ୍ରଦତ୍ତ ଦଳବେହେରାଙ୍କ ଖଡ୍‌ଗ, କୋଠକରଣଙ୍କ ଲେଖନୀ ଓ ତାଳପତ୍ର, ମହିଷମର୍ଦ୍ଦିନୀଙ୍କ ବିଜେ ପ୍ରତିମା ଅଷ୍ଟଧାତୁର ବିରାଟ କଟାରୀ ଓ କନକଦୁର୍ଗା ରୋଶଣି ପଟୁଆରରେ ସାମିଲ ହୁଅନ୍ତି। ବିରାଟ ପଟୁଆରରେ ବାଦ୍ୟର ତାଳେ ତାଳେ ମାଳିସାହି, ଦିବ୍ୟସିଂହପୁର ଓ କଳାଙ୍ଗର ମଧ୍ୟବର୍ତ୍ତୀ ଅଞ୍ଚଳ ତ୍ରିଛକିରେ ଅବସ୍ଥିତ ସୋମନାଥ ଦେବଙ୍କ ମନ୍ଦିର ନିକଟରେ ପହଞ୍ଚିଥାନ୍ତି।

**କର୍ତ୍ତା ସାଜି ଆହୁତି ଦିଅନ୍ତି:** ସେଠାରେ ଅନୁଷ୍ଠିତ ହୋଇଥାଏ ଅପରାଜିତା ହୋମ। ରାସ୍ତା ଉପରେ ଏକ ଖଟୁଲିରେ କନକଦୁର୍ଗା, ମାଣିକଭୂୟାଁଙ୍କ କାଷ୍ଠ ମୂଷଳଙ୍କୁ ସେବକମାନେ ଧରିଥାନ୍ତି। ପାର୍ଶ୍ୱବର୍ତ୍ତୀ ମନ୍ଦିରରେ ସୋମନାଥ ଦେବ ନିଜ ବେଢ଼ାରେ ବିଜେ କରିଥିବା ବେଳେ ଅପରପାର୍ଶ୍ୱରେ ମା' ଦୁର୍ଗା ନିଜ ବିମାନରେ ବିଜେ କରିଥାନ୍ତି। ହୋମରେ ଦଳବେହେରା, କୋଠକରଣ, ବ୍ରାହ୍ମଣ, ପଣ୍ଡିତ, ମାନସିଂହ ଏବଂ ଶବର, କନ୍ଧ ଓ ଅନ୍ୟ ସମ୍ପ୍ରଦାୟର ଲୋକ ବସନ୍ତି। ରାଜଗୁରୁ କୁଶବଟୁ ପିନ୍ଧାଇବା ପରେ ମୁସଲମାନ ଦଳବେହେରା କର୍ତ୍ତା ହୋଇ ହୋମରେ ଘୃତାହୁତି ଦିଅନ୍ତି।

**କନକଦୁର୍ଗାଙ୍କ ଆଖିରେ ବନ୍ଧା ହୁଏ ଅନ୍ଧପୁଟୁଳି:** ଅପରାଜିତା ହୋମ ଶେଷ ପରେ ମା' କନକଦୁର୍ଗାଙ୍କ ଆଖିରୁ ଶୁକ୍ଳପକ୍ଷ ସପ୍ତମୀରେ ଖୋଲା ଯାଇଥିବା ଅନ୍ଧପୁଟୁଳି ବିଜୟା ଦଶମୀରେ ପୁଣି ବନ୍ଧା ହୋଇଥାଏ। ମା'ଙ୍କ ଆଖିରୁ ବର୍ଷକ ମଧ୍ୟରୁ କେବଳ ୪ଦିନ ପାଇଁ ଅନ୍ଧପୁଟୁଳି ଖୋଲାଯାଇଥାଏ। ହୋମ ଶେଷରେ ମା'ଙ୍କ ଆଖିରେ ଅନ୍ଧପୁଟୁଳି ବାନ୍ଧିବା ପରେ ଅପରାଜିତା ହୋମ ଉଦ୍‌ଯାପିତ ହୋଇଥାଏ। ହୋମ ପରେ ଶୁଖିଲା ପ୍ରସାଦ ବ୍ରାହ୍ମଣ ଠାରୁ ସମସ୍ତେ ସେବନ କରିଥାନ୍ତି। ଜୟଧ୍ୱନି, ମନ୍ତ୍ରଉଚ୍ଚାରଣରେ ପ୍ରକମ୍ପିତ ହୋଇଥାଏ ପରିବେଶ। ସୃଷ୍ଟି ହୋଇଥାଏ ଆଧ୍ୟାତ୍ମିକ ବାତାବରଣ। ହୋମ ସମାପ୍ତି ପରେ ଠାକୁରାଣୀ ଆଟୋପ ପଟୁଆରରେ ନିଜ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

**– ରିପୋର୍ଟ: ପ୍ରଭାତ ପାଣିଗ୍ରାହୀ, ଖୋର୍ଦ୍ଧା**
















































ମା' ଦୁର୍ଗାଙ୍କ ମହାଷ୍ଟମୀ ପୂଜା ଅବସରରେ ଭୁବନେଶ୍ୱର ବମିଖାଲ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଚନ୍ଦ୍ରଶେଖରପୁରସ୍ଥିତ ଡମଣାଠାରେ ଦୁର୍ଗାପୂଜା ଅବସରରେ ମିନାବଜାର।



ଭୁବନେଶ୍ୱର ବଡଗଡ ପୂଜା ମଣ୍ଡପ।



ମହାଷ୍ଟମୀ ଅବସରରେ ଖାରବେଳନଗର ଗିରିଦୁର୍ଗା ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା।



ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ହାଉସିଂବୋର୍ଡ କଲୋନୀ।



ପଟିଆ ଦୁର୍ଗାପୂଜା ମଣ୍ଡପ।



ସୁନ୍ଦରପଦା କପିଳପ୍ରସାଦ ସାଂସ୍କୃତିକ ପରିଷଦ ପକ୍ଷରୁ ଦୁର୍ଗା ପୂଜା।



ରେଳବିହାର ଶ୍ରୀ ଶ୍ରୀ ସାର୍ବଜନୀନ ଦୁର୍ଗାପୂଜା କମିଟି।



କଟକ ରାଉସାପାଟଣା ପୂଜା ମଣ୍ଡପରେ କାଚମେଢ଼।



କଟକ ତେଲେଙ୍ଗା ବଜାର ପୂଜା ମଣ୍ଡପରେ ପ୍ରସ୍ତୁତ ପିତଳ ମେଢ଼।



କଟକ ରୋଭର୍ସ ଷ୍ଟ୍ରିଟ୍ ଦୁର୍ଗା ପୂଜା କମିଟି।



କଟକ ସିଡିଏ ସେକ୍ଟର-୬ ପୂଜା ମଣ୍ଡପ।



କଟକ ଚାନ୍ଦିନୀଚୌକ ମଣ୍ଡପରେ ମା' ଦୁର୍ଗାଙ୍କ ମହାଷ୍ଟମୀ ପୂଜା।

# ଆସିଛି ପାର୍ବଣ

ଭୁବନେଶ୍ୱର, ସୋମବାର, ୨୩ ଅକ୍ଟୋବର , ୨୦୨୩



ବାଲୁଗାଁ ହନୁମାନ ବଜାର ଦୁର୍ଗା ପୂଜା କମିଟି ପକ୍ଷରୁ ପୂଜା ପାଉଥିବା ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ।



ଯାଁଳା ଦଶହରା ପୂଜା କମିଟି।



ଗମ୍ଭାରୀମୁଣ୍ଡା ବଜାର ଆଞ୍ଚଳିକ ଦୁର୍ଗାପୂଜା କମିଟି।



ବାଘମାରୀ ବଣିକ ସଂଘ।



ଚାନ୍ଦପୁର ଓ କନ୍ଦନୟାଗଡ଼ ଦୁର୍ଗାପୂଜା କମିଟି।



ଖୋର୍ଦ୍ଧା ଇଗଲ କ୍ଲବ୍।



ନିରାକାରପୁର ଦୁର୍ଗାପୂଜା କମିଟି।



ବେଗୁନିଆ ସାର୍ବଜନୀନ ଦୁର୍ଗାପୂଜା କମିଟି।



ଖୋର୍ଦ୍ଧା ମାଛ ମାର୍କେଟ୍ ଛକ।



ଖୋର୍ଦ୍ଧା ୪୦୭ ଟାକ୍ସି ଷ୍ଟାଣ୍ଡ୍।



ପୁରୀ ଷ୍ଟେଶନ ବଜାର ଦୁର୍ଗାପୂଜା କମିଟି।



ପୁରୀ ବଡ଼ଶଙ୍ଖ ବ୍ୟବସାୟୀ ସଂଘ।



ଡେଲାଙ୍ଗ।



କବିତୀର୍ଥ ସାନପଦର ଗ୍ରାମରେ ପୂଜା ପାଉଥିବା ମା’ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

## ଚୋରି ବାଇକ୍ ଜବତ, ୨ ଗିରଫ

ଖୋର୍ଦ୍ଧା,(ପ୍ରଭାତ ପାଣିଗ୍ରାହୀ): ଖୋର୍ଦ୍ଧା ସଦର ଥାନା ପୋଲିସ ଦୁଇଟି ଚୋରି ବାଇକ୍ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବରିଆଟାଙ୍ଗୀର ବିଶ୍ୱଜିତ୍ ସେନାପତି ଓରଫ ଜଗା (୨୪) ଏବଂ ଶିଆଳିଆପାଟଣାର ଅଭିଜିତ ବରାଳ ଓରଫ ବାପୁଜୀ(୨୨)। ସୂଚନା ମୁତାବକ, ଗତ ୧୬ତାରିଖରେ ବାଜପୁର ବଜାରରୁ ବଣିଆଟାଙ୍ଗୀର ପ୍ରସନ୍ନ ଦାସଙ୍କ ବାଇକ୍ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା (ନଂ.୨୭୬/୨୩) ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଶନିବାର ଚୋରି ବାଇକରେ ଅଭିଯୁକ୍ତଦ୍ୱୟ ରାଇରଙ୍ଗପୁର ଠାରେ ବୁଲୁଥିବାବେଳେ ଧରାପଡ଼ିଥିଲେ। ସୂଚନାଥାଉ କି, ଅଭିଯୁକ୍ତ ଦ୍ୱୟ ପୂର୍ବରୁ ମଧ ଆପରାଧିକ ମାମଲାରେ ଜେଲ ଯାଇଛନ୍ତି।

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧୦।୨୦୨୩

| | |
|---|---|
| ୪,୭୩,୬୭୫ ଟଙ୍କା | |
| ସୁନା | ୨୧.୦୯୦ ଗ୍ରାମ୍ |
| ରୁପା | ୮ ଗ୍ରାମ୍ |

## ସଂକ୍ଷେପରେ

### ପୋଖରୀରେ ପଶିଗଲା ଗାଡି, ଜଣେ ମୃତ

ଅସ୍ତରଙ୍ଗ, ୨୨।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା): ଅସ୍ତରଙ୍ଗ ବଜାରରୁ ଡେରୁଣିଆ ଅଭିମୁଖେ ଯାଉଥିବା ମହିନ୍ଦ୍ରା ଏକ୍ସଲୋ ଭାରସାମ୍ୟ ହରାଇ ଆଳଙ୍ଗପୁର ଗ୍ରାମ ନିକଟରେ ଥିବା ଏକ ପୋଖରୀ ମଧ୍ୟକୁ ପଶିଯାଇଥିଲା। ରବିବାର ସନ୍ଧ୍ୟାରେ ଏହି ଘଟଣା ଘଟିଥିବା ଜଣାଯାଇଛି। ସ୍ଥାନୀୟ ଲୋକେ ପୋଖରୀ ଭିତରୁ ନଳିନୀ ସାହୁ(୬୦), ଶ୍ରୀଧର ମହାନ୍ତି (୫୮), ଦିବ୍ୟଜିତ୍ ସାହୁ (୮)ଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ତିନିଜଣଙ୍କ ମଧ୍ୟରୁ ଶ୍ରୀଧର ମହାନ୍ତିଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ତେବେ ଗାଡି ଚାଳକ ଫେରାର୍ ହୋଇଯାଇଛନ୍ତି। ଏହି ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଯୁବକ ମଙ୍ଗୁଳି ସାହୁ, ପମ୍ମୁ ସ୍ୱାଇଁ ଓ ହିମାଂଶୁ ଲେଙ୍କା ସହାୟତା କରିଥିଲେ।

### ଆରଏସ୍‌ଏସ୍‌ର ବିଜୟା ଦଶମୀ

ପିପିଲି, ୨୨।୧୦ (ପ୍ରଭାତ କୁମାର ମହାପାତ୍ର): ପିପିଲି ବଜାର ଦେଇ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପଥ ସଞ୍ଚାଳନ ଦୀର୍ଘ ୨ କି.ମି. ପର୍ଯ୍ୟନ୍ତ ବାହାରିଥିଲା। ଶତାଧିକ ସ୍ୱୟଂସେବକମାନେ ସଂଘ ଗଣବେଶରେ ମା' ପଢ଼ାଉଶୁଣି ପୀଠଠାରୁ ଦରଜୀସାହି ସ୍ଥିତ ମା' ଦୁଲ୍ଲାଦେଇପୀଠ ମିନା ବଜାର ପଡିଆ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଶାରୀରିକ ଯୋଗ, ସୂର୍ଯ୍ୟ ନମସ୍କାର, ବ୍ୟାୟାମ ଯୋଗ ଓ ସାମୂହିକ ଦେଶଭକ୍ତି ସଂଗୀତ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାର ଆୟୋଜନରେ ମୁଖ୍ୟବକ୍ତା ଭାବରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୁରୀ ବିଭାଗର ସହ-ବିଭାଗ କାର୍ଯ୍ୟବାହ ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇ ବର୍ତ୍ତମାନ ସମୟରେ ସଂଘ ଓ ସ୍ୱୟଂସେବକମାନେ କିପରି ରାଷ୍ଟ୍ର ନିର୍ମାଣ ଓ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ତାହା ବିସ୍ତୃତ ଭାବେ କହିଥିଲେ। ଏହି ସଭାରେ ଅଧିବକ୍ତା ରମାକାନ୍ତ ସାହୁ ଅଧ୍ୟକ୍ଷ ଭାବେ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଖଣ୍ଡ କାର୍ଯ୍ୟବାହ ଅଭିଷେକ ଲେଙ୍କା ପରିଚାଳନା କରିଥିଲେ। କାର୍ଯ୍ୟକର୍ତ୍ତା ରଞ୍ଜିତ ପଣ୍ଡା, ପୁରୀ ଜିଲା ସେବା ପ୍ରମୁଖ ବଂଶୀଧର ସାହୁ, ରଜନୀକାନ୍ତ ପଣ୍ଡା, ବିଜୟ ମହାନ୍ତି, ପ୍ରଦୀପ୍ତ ଘଡେଇ, ସୁଜିତ ବାରିକ, ଅଭିଜିତ ବେହେରା, ପ୍ରଭାତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ମା'ରାମଚଣ୍ଡୀ କବାଡ଼ି ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ବାରଙ୍ଗ

ବୋଲଗଡ଼,୨୨।୧୦(ଦେବବ୍ରତ ହୋତା): ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀବର କବାଡି ଖେଳପଡିଆରେ ସ୍ଥାନୀୟ ମା'ରାମଚଣ୍ଡୀ କବାଡି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ରାଜ୍ୟସ୍ତରୀୟ କବାଡ଼ି ଟୁର୍ଣ୍ଣାମେଣ୍ଟର ରବିବାର ପ୍ରଥମ ସେମିଫାଇନାଲରେ ବେଣାପଞ୍ଜରୀ ଟିମ୍‌କୁ ୧୭ପଏଣ୍ଟ ଅଧିକ ବ୍ୟବଧାନରେ ହରାଇ ଭୁବନେଶ୍ୱର ବାରଙ୍ଗ ଟିମ୍ ବିଜୟୀ ହେବା ସହ ଫାଇନାଲ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ବେଣାପଞ୍ଜରୀ ଟିମ ୧୩ପଏଣ୍ଟ ହାସଲ କରିଥିବା ବେଳେ ବାରଙ୍ଗ ଟିମ୍ ୧୮ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ମ୍ୟାଚର ନିର୍ଦ୍ଧାରିତ ସମୟ ଶେଷସୁଦ୍ଧା ବେଣାପଞ୍ଜରୀ ଟିମ୍ ୩୩ ପଏଣ୍ଟ ପାଇଥିବା ବେଳେ ବାରଙ୍ଗ ଟିମ୍ ୫୦ ପଏଣ୍ଟ ହାସଲ କରି ମ୍ୟାଚ ବିଜୟୀ ହୋଇଥିଲା। ନାରାୟଣ ଜେନା, ନୀଳକଣ୍ଠ ବେହେରା, ଗୋପାଳ ଚନ୍ଦ୍ର ମାହାନ୍ତି, କୃଷ୍ଣ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବଡକୁମାରୀ ସରପଞ୍ଚ ପ୍ରଫୁଲ୍ଲ ପ୍ରଧାନ ଏବଂ ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ସୁବାସ ରାୟଗୁରୁ, ବଙ୍କୋଇଦେଶ ପଞ୍ଚାୟତର ସମିତିସଭ୍ୟ ରଞ୍ଜନ କୁମାର ଲେଙ୍କା, ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ।

# ବୀରଗୋବିନ୍ଦପୁରରେ ନିଆରା ଦୁର୍ଗାପୂଜା

ସାକ୍ଷୀଗୋପାଳ, ୨୨।୧୦ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)

ବୀରଗୋବିନ୍ଦପୁରରେ ଶାରଦୀୟ ଦୁର୍ଗାପୂଜାକୁ ନିଆରାଭାବେ ଗ୍ରାମବାସୀ ପାଳନ କରିଥାନ୍ତି। ମୂଳାଷ୍ଟମୀ କିମ୍ବା ସହସ୍ରାକୁମ୍ଭଠାରୁ ବିଧି ମୁତାବକ ଗ୍ରାମର ଦୁର୍ଗା ମାଧବ ମନ୍ଦିରରେ ଭିତର ପୂଜା ୮ ଦିନ ଓ ଶିବ ମନ୍ଦିର ବେଢାରେ ବାହାର ପୂଜା ୮ ଦିନ ଅନୁଷ୍ଠିତ ହୋଇଥାଏ। ବାହାର ୮ ଦିନ ଅଧିଷ୍ଠାତ୍ରୀ ମା' କନକ ଦୁର୍ଗା ବୀରଗୋବିନ୍ଦପୁର ଗ୍ରାମରେ ଥିବା ଦୁର୍ଗା ମାଧବ ମନ୍ଦିରରୁ ବାହାରି ଏକ ସୁସଜ୍ଜିତ ବିମାନରେ ବସି ଗ୍ରାମ ଭ୍ରମଣ କରିଥାନ୍ତି ଓ ଦ୍ୱାରି ଭୋଗ ଖାଇ ଗ୍ରାମରେ ଥିବା ଏକ ଶିବ ମନ୍ଦିର ବେଢାସ୍ଥିତ ଦୋଳିରେ ବିରାଜମାନ କରିଥାନ୍ତି। ଏହି ଦିନଠାରୁ ଗ୍ରାମବାସୀଙ୍କ ପାଳି ଅନୁଯାୟୀ ପୂଜାରୀ ତାଙ୍କ ଘରକୁ ଯାଇ ଠାକୁରଙ୍କ ଲାଗି ଉଦ୍ଦିଷ୍ଟ



ଭୋଗ ସାମଗ୍ରୀ ଆଣି ମହାଦେବଙ୍କ ବେଢାରେ ଥିବା ଠାକୁରାଣୀଙ୍କୁ ଭୋଗ ଲାଗି କରିଥାନ୍ତି। ଏହି ଭୋଗରେ ମୁଖ୍ୟତଃ ଖେଚୁଡ଼ି, ଡାଲି, ଖଟା, ଖିରି, ମାଛ ବେସର ଓ ବିଭିନ୍ନ ପ୍ରକାର ପିଠା ସାମିଲ ଥାଏ। ୧୬ ଶାସନ ମଧ୍ୟରୁ କୌଣସି ଶାସନରେ ଏଭଳି ପୂଜା ହୁଏନାହିଁ। ବଡ଼ସିଂହାର ଧୂପର ଭୋଗରେ ମୁଗ ଚକଟା, ଖଇ ଶାକର ସହ ଅନ୍ୟ ଭୋଗ ମଧ କରାଯିବା ପରେ ମା' ପୁଣି ଦୁର୍ଗା ମାଧବ ମନ୍ଦିର ଭିତରକୁ ପ୍ରସ୍ଥାନ କରିଥାନ୍ତି। ମା' ଙ୍କର ଏହି ପରମ୍ପରା ମୁଖ୍ୟତଃ ଅଷ୍ଟମୀ ପର୍ଯ୍ୟନ୍ତ ପାଳନ କରାଯାଇ ନବମୀ ତିଥିରେ ବଳି ଦିଆଯାଇ ମା'ଙ୍କ ଶାନ୍ତିପୂଜା କରାଯାଇଥାଏ। ପରେ ଦଶହରା ନୀତି ବିଧିପୂର୍ବକ ପାଳନ ହୋଇଥାଏ। ଏହି ଦିନ ମା' କନକ ଦୁର୍ଗାଙ୍କ ସହିତ ସବୁ ଦେବଦେବୀ ବୀରଗୋବିନ୍ଦପୁର ଗ୍ରାମରୁ ଆମ୍ବ ଖାଇ ଠାକୁରାଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଯାତ୍ରା କରିଥାନ୍ତି।

# ବଢ଼ାବୁଢ଼ୀ ନାଚ ସହ ଅଷ୍ଟବୀର ସମ୍ପାତ୍ତି ଚଢ଼େଇ

ପୁରୀ, ୨୨।୧୦(ଅଜିତ୍ ମହାନ୍ତି): ଶାରଦୀୟ ଦୁର୍ଗାପୂଜା ଅବସରରେ ଶ୍ରୀକ୍ଷେତ୍ରରେ ଗୋଷାଣୀ ପୂଜନର ଏକ ନିଆରା ପରମ୍ପରା ଦେଖିବାକୁ ମିଳିଥାଏ। ଏଥିରେ ତ୍ରେତୟା ଯୁଗର ସମ୍ପାତ୍ତି ଚଢ଼େଇ ସହ ଅଷ୍ଟବୀରଙ୍କ ଉପାସନା ଦେଖିବାକୁ ମିଳେ। ସେହିପରି ପୁରୀ ଦଶହରାରେ ମୁଖ୍ୟ ଆକର୍ଷଣ ସାଜିଥାଏ ବୁଢ଼ାବୁଢ଼ୀ ନୃତ୍ୟ। ପୁରୀର ସାତ ସାହି ମଧ୍ୟରୁ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ସମ୍ପାତ୍ତି ଚଢ଼େଇ ସହ ବୁଢ଼ାବୁଢ଼ୀ ନୃତ୍ୟ ଏକାଦଶୀରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ହେଉଥିବା ଦେବୀସଭାକୁ ଆସିଥାଏ।

### ଦଶହରାର ମୁଖ୍ୟ ଆକର୍ଷଣ

ଶାରଦୀୟ ଦୁର୍ଗାପୂଜାରେ ରାମାୟଣରେ ବର୍ଣ୍ଣିତ ଅଷ୍ଟବରୀଙ୍କ ମୂର୍ତ୍ତି ସମ୍ପାତ୍ତି ଚଢ଼େଇ ଉପରେ ବସି ପୂଜା ପାଇବା ସହ ସଭାକୁ ଆସିଥାନ୍ତି। ମାର୍କଣ୍ଡେଶ୍ୱର ସାହିର ସାତବଖରା ଜାଗା ପକ୍ଷରୁ ପ୍ରସ୍ତୁତ କରାଯାଇଥାଏ। ସମ୍ପାତ୍ତି ନିକଟରେ ଶୀତଳ ଭୋଗ କରାଯାଇଥାଏ। ସେହିପରି ପୁରୀ ଶାରଦୀୟ ଦୁର୍ଗାପୂଜା ଅବସରରେ ମାର୍କଣ୍ଡେଶ୍ୱର ସାହି ବଢ଼େଇ ଗଳିର ବୁଢ଼ାବୁଢ଼ୀ ନୃତ୍ୟ ମୁଖ୍ୟ ଆକର୍ଷଣ ସାଜିଥାଏ। ସମିତିର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ କହିବା ଅନୁଯାୟୀ, କାହିଁ କେଉଁ ଅନାଦିକାଳରୁ ଶାରଦୀୟ ଦୁର୍ଗାପୂଜା ଅବସରରେ ବୁଢ଼ାବୁଢ଼ୀ ନୃତ୍ୟ ହୋଇଆସୁଛି। ବୁଢ଼ାବୁଢ଼ୀଙ୍କୁ ଶିବପାର୍ବତୀ ଭାବରେ ଅଭିହିତ କରାଯାଇଥାଏ। କାଠରେ ବୁଢ଼ାବୁଢ଼ୀ ମୂର୍ତ୍ତି ନିର୍ମାଣ କରାଯାଇଥାଏ। ସାହିର ଯୁବକମାନେ ସେଥିରେ ପଶି ନୃତ୍ୟ ପ୍ରଦର୍ଶନ କରିଥାନ୍ତି। ବୁଢ଼ାବୁଢ଼ୀଙ୍କ ପକ୍ଷରୁ ସିଂହଦ୍ୱାର ସମ୍ମୁଖରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଆଳତି କରାଯାଇଥାଏ। ଦେବୀସଭାରେ ସମସ୍ତ ଦେବଦେବୀ ବିସର୍ଜନ ହେଉଥିବା ବେଳେ ବୁଢ଼ାବୁଢ଼ୀ ବିସର୍ଜନ ନ ହୋଇ ଫେରିଆସିଥାନ୍ତି।



ପୁରୀ ମାର୍କଣ୍ଡେଶ୍ୱର ସାହି ପକ୍ଷରୁ ଦଶହରା ଅବସରରେ ଆକର୍ଷଣ ସାଜୁଥିବା ସମ୍ପାତ୍ତି ଚଢ଼େଇ ।

## ବଡ଼ଶଙ୍ଖ ଦୁର୍ଗାପୂଜା କମିଟିର ୪୯ତମ ବାର୍ଷିକ ଉତ୍ସବ

ପୁରୀ, ୨୨।୧୦(ଅଜିତ୍ ମହାନ୍ତି) ବଡ଼ଶଙ୍ଖ ଦୁର୍ଗାପୂଜା କମିଟି ପକ୍ଷରୁ ରବିବାର ୪୯ତମ ବାର୍ଷିକ ପୂଜା ଉତ୍ସବ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ୍ ଅଧ୍ୟକ୍ଷ ଦିବାକର ପାତ୍ର, ପୁରୀ ଅର୍ବାନ କୋ ଅପରେଟିଭ ବ୍ୟାଙ୍କ ସଭାପତି ଗୁଣଧର ଦାସ ମହାପାତ୍ର, ଏମ୍‌ପି ପ୍ରତିନିଧି ଘନଶ୍ୟାମ ମର୍ଦ୍ଦରାଜ, ପୂର୍ବତନ ନଗରପାଳ ଶାନ୍ତିଲତା ପ୍ରଧାନ, ପୂର୍ବତନ ପୌର ସଦସ୍ୟ ଜମ୍ବେଶ୍ୱର ମହାନ୍ତି, ସମାଜସେବୀ ଅରବିନ୍ଦ ଦାସ, ନାରାୟଣ ପଟ୍ଟନାୟକ, ଷ୍ଟାଲିନ୍ ପରିଜା, ରାଜେଶ ପାଢୀ, ପୁଷ୍ପାଞ୍ଜଳି ରଣା, ପୀତବାସ ନାୟକ, ଲୋକନାଥ ମହାପାତ୍ର, ଭାରତ ଭୂଷଣ ଧଳ, ସରୋଜ ନାୟକ, ରାଜ ନାରାୟଣ ପାଲ, ପ୍ରଦୀପ ଜେନା, ବସନ୍ତ ପ୍ରଧାନ, ପ୍ରମୋଦ କୁମାର ଜେନା ଯୋଗଦେଇଥିଲେ। ଏହି ଅବସରରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ଅନୁଷ୍ଠାନ ସଭାପତି ସୁବାଷ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ପ୍ରଶାନ୍ତ ସାହୁ, ସାଂସ୍କୃତିକ ସମ୍ପାଦକ କାଶୀନାଥ ତାରାସିଂହ, କାର୍ଯ୍ୟକାରୀ ସଭାପତି ତପନ ଦାସ, ଯୁଗ୍ମସମ୍ପାଦକ ଚିନ୍ମୟ ଜେନା, କାର୍ଯ୍ୟକାରୀ ସମ୍ପାଦକ ବଳରାମ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ କିରୋଗୀ, ପୁମ୍‌ସି ପ୍ରତିଯୋଗିତା ଆରମ୍ଭ

ପୁରୀ,୨୨।୧୦(ଅଜିତ୍ ମହାନ୍ତି): ଟାଏକୋଣ୍ଡୋ ଆସୋସିଏଶନ ଅଫ୍ ପୁରୀ ପକ୍ଷରୁ ରେଲୱେ ଇନ୍‌ଡୋର ହଲଠାରେ ରବିବାର ୧୬ତମ ଜିଲାସ୍ତରୀୟ କିରୋଗୀ ଓ ୮ତମ ଜିଲାସ୍ତରୀୟ ପୁମ୍‌ସି ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ପ୍ରତିଯୋଗିତାରେ ପୁରୀ ଜିଲାର ବିଭିନ୍ନ ଅଞ୍ଚଳରେ ଥିବା ୧୫ଟି ଟ୍ରେନିଂ ସେଣ୍ଟରରୁ ୩୫୦ରୁ ଉର୍ଦ୍ଧ୍ୱ ବାଳିକା ବାଳକ କିରୋଗୀ ଓ ପୁମ୍‌ସି ଇଭେଣ୍ଟରେ ଭାଗନେଇଛନ୍ତି। ପ୍ରତିଯୋଗିତା ପରିଚାଳନା ପାଇଁ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ୍ ପକ୍ଷରୁ ୨୦ଜଣ ଜାତୀୟ ରେଫରିଙ୍କୁ ନିଯୁକ୍ତି ଦିଆଯାଇଛି। ପ୍ରତିଯୋଗିତା ଇଲେକ୍ଟ୍ରୋନିକ୍ସ ସେନ୍ସର ଦ୍ୱାରା ଓ ଇଲେକ୍ଟ୍ରୋନିକ୍ସ ସ୍କୋରିଂରେ ମୂଲ୍ୟାୟନ କରାଯାଉଛି। ପ୍ରତିଯୋଗିତାକୁ ଜିଲା ସଂଘ ସଭାପତି ଧବଳେଶ ମହାପାତ୍ର ଉଦ୍‌ଘାଟନ କରିଥିଲେ। ସଂଘ ଅଧ୍ୟକ୍ଷ ବ୍ୟୋମକେଶ ଏବଂ ସମ୍ପାଦକ ମନମୋହନ ଭଞ୍ଜ ଅଭିଳାଷ ପ୍ରସାଦଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହେଉଛି।

# ଭାଗ୍ୟଶାଳୀ ପାଇଲେ ଆକର୍ଷଣୀୟ ପୁରସ୍କାର

ଅସ୍ତରଙ୍ଗ, ୨୨।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ): ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ଦୁର୍ଗା କ୍ଲବ ଚଳିତ ବର୍ଷ ୫୫ ବର୍ଷରେ ପଦାର୍ପଣ କରିଛି। ପୂଜାର ଆକର୍ଷଣକୁ ଦ୍ୱିଗୁଣିତ କରିବା ପାଇଁ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଧଉଳି ଗଣନାଟ୍ୟ ଯାତ୍ରା ପରିବେଷଣ କରୁଛି। ତେବେ ପୂଜାରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ପାଇଁ ଲଟେରୀ ମାଧ୍ୟମରେ ବିଭିନ୍ନ ଆକର୍ଷଣୀୟ ଉପହାର ମଧ ଘୋଷଣା କରାଯାଉଛି। ପ୍ରଥମ ଦିନରେ ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ଦୁର୍ଗା କ୍ଲବ ସଭାପତି ଦିବ୍ୟଦର୍ଶୀ ବିଶ୍ୱାଳ, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ଦୁଷ୍ମନ୍ତ ପରିଡା, କୋଷାଧ୍ୟକ୍ଷ ରବୀନ୍ଦ୍ର ପରିଡା ଉପସ୍ଥିତ ଥିଲେ। ଏହି ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ନାନପୁର ଗ୍ରାମର ପବିତ୍ର ଦାସ ପ୍ରଥମ, କୈଳାଶ ନାୟକ ଦ୍ୱିତୀୟ ଓ ପବିତ୍ର ବିଶ୍ୱାଳ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଲିଙ୍ଗରାଜ ଜୁଏଲାରୀ ତରଫରୁ ଏକ ସୁନା ଚୁଡ଼ି ପ୍ରଦାନ କରାଯାଇଥିବା ଜଣାଯାଇଛି।



ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି ।

# ମନୋରମା ଆଚାର୍ଯ୍ୟଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ, ଅନାମ ସାହୁଙ୍କୁ ଶିଳାବ୍ରହ୍ମ ସମ୍ମାନ

ପୁରୀ, ୨୨।୧୦(ଅଜିତ୍ ମହାନ୍ତି): ୟୁଥ୍ ହଷ୍ଟେଲ ପରିସରରେ ପୂର୍ଣ୍ଣଦାସ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ କଳାଗୋସାଇଁ କାର୍ଯ୍ୟକ୍ରମରେ ସାରସ୍ୱତ ସାଧିକା, କବୟିତ୍ରୀ ମନୋରମା ଆଚାର୍ଯ୍ୟଙ୍କୁ ପୂର୍ଣ୍ଣବ୍ରହ୍ମ ସମ୍ମାନ-୨୦୨୩ ଏବଂ ସଂଗଠନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସଂଗଠକ ଅନାମ ଚନ୍ଦ୍ର ସାହୁଙ୍କୁ ଶିଳାବ୍ରହ୍ମ ସମ୍ମାନ-୨୦୨୩ ପ୍ରଦାନ କରାଯାଇଛି। ଆୟୋଜିତ ସଭାରେ ବିଶିଷ୍ଟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ହରିହର ହୋତା, କଲିକତା କେବିକେଏ ସଂସ୍କୃତ ମହାବିଦ୍ୟାଳୟର ଚେୟାରପର୍ସନ ପ୍ରଫେସର କିଶୋର ଚନ୍ଦ୍ର ପାଢ଼ୀ, ପୂର୍ବତନ ଜିଲାପାଳ ଡକ୍ଟର ଲିଙ୍ଗରାଜ ରଥ, ପ୍ରାଚୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦିଲୀପ ସେନାପତି ଅତିଥିଭାବେ ଯୋଗଦାନ କରିଥିଲେ। ଜଗନ୍ନାଥ ହିଁ ପରମ ଭାଗବତ। ସେ ହିଁ ପରଂବ୍ରହ୍ମ ଓ ପୂର୍ଣ୍ଣବ୍ରହ୍ମ। ତାଙ୍କ ପାଖରେ ଏକାନ୍ତ ସମର୍ପିତ ହେବା ଜୀବର ପରମ ଲକ୍ଷ୍ୟ ବୋଲି



ଅତିଥିମାନେ ପ୍ରତିଭାମାନଙ୍କୁ ସମ୍ମାନିତ କରୁଛନ୍ତି ।

### କଳାଗୋସାଇଁ କାର୍ଯ୍ୟକ୍ରମ

ଅତିଥିମାନେ ନିଜ ନିଜ ଅଭିଭାଷଣରେ ମତବ୍ୟକ୍ତ କରି କହିଥିଲେ। ଅନୁଷ୍ଠାନର ସଭାପତି, ଅଧିବକ୍ତା ପୂର୍ଣ୍ଣଚନ୍ଦ୍ର ଦାସ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ସଂପାଦକ ଶିବସୁନ୍ଦର ମିଶ୍ର ସଭା ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ସଭ୍ୟ ପୁରୁଷୋତ୍ତମ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କବି କ୍ରିଷ୍ଣା ମହାପାତ୍ର, ଡ. କଲ୍ୟାଣୀ ନନ୍ଦୀ, ଆଶାଲତା ପ୍ରଧାନ, ହେମାଙ୍ଗିନୀ ମହାନ୍ତି, ଅଧ୍ୟାପକ ସହଦେବ ସାହୁ, ଆଇନଜୀବୀ ଆଲୋକ କୁମାର ମନ୍ତ୍ରୀ ଏବଂ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ନରେଶ



@ ଦେବାଶିଷ



@ ଓମ୍‌ପ୍ରକାଶ



@ ତପନ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁର୍ଗାମଣ୍ଡପରେ ବାହାନଗା ଦୁର୍ଘଟଣାର ପ୍ରତିଛବି

ଅସ୍ତରଙ୍ଗ, ୨୨।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ): ଅସ୍ତରଙ୍ଗ ଦୁର୍ଗାପୂଜା ମଣ୍ଡପରେ ସ୍ଥାନ ପାଇଛି ବାହାନଗା ଟ୍ରେନ ଟ୍ରାଜେଡି। ଓଡ଼ିଶା ସମେତ ସାରା ବିଶ୍ୱକୁ ଦୋହଲାଇ ଦେଇଥିବା ବାଲେଶ୍ୱର ବାହାନଗା ଟ୍ରେନ ଟ୍ରାଜେଡିକୁ ଅତି ନିଖୁଣ ଭାବେ ଏଠାରେ ଚିତ୍ରିତ କରାଯାଇଛି। ରାଜ୍ୟ ସରକାରଙ୍କଠାରୁ କେନ୍ଦ୍ର ସରକାର ଓ ଖବରଦାତା କିପରି ଏହି ଦୁଃଖଦ ପରିସ୍ଥିତିରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଏକତ୍ର ହୋଇ କାର୍ଯ୍ୟ କରିଥିଲେ ତାହା ଏଠାରେ ଦର୍ଶାଯାଇଛି। ଅସ୍ତରଙ୍ଗ ଦୁର୍ଗାପୂଜା ୫୫ ବର୍ଷରେ ପଦାର୍ପଣ କରିଥିବା ବେଳେ ଏଭଳି ଅଭିନ୍ନ ଦୃଶ୍ୟ ବିପଦର ପ୍ରକୃତ ବନ୍ଧୁଙ୍କୁ ପ୍ରତିଫଳିତ କରୁଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପଳାଶୁଣୀ ଦୁର୍ଗାପୂଜା ସମିତି ପକ୍ଷରୁ ମହାନବମୀ, ପଳାଶୁଣୀ, ସକାଳ ୬ଟା ୫।
- ଝାରପଡ଼ା ଦୁର୍ଗାପୂଜା ସମିତିରେ ନବମୀ, ଝାରପଡ଼ା, ସକାଳ ୯ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ମହାଷ୍ଟମୀ, ପୁରୁଣା ଷ୍ଟେଶନ ବଜାର, ସକାଳ ୯ଟା।
- ଆବାସିକ ସଂଘ ଦୁର୍ଗାପୂଜା କମିଟିରେ ମହାନବମୀ, ଶୈଳଶ୍ରୀ ବିହାର, ପୂର୍ବାହ୍ନ ୧୦ଟା।
- ଓଡ଼ିଶା କମ୍ୟୁନିଷ୍ଟ ପାର୍ଟିର ପ୍ରତିଷ୍ଠାତା ସମ୍ପାଦକ ଭଗବତୀ ଚରଣ ପାଣିଗ୍ରାହୀଙ୍କ ୮୦ତମ ରାଜ୍ୟସ୍ତରୀୟ ସ୍ମୃତି ସମାରୋହ, ଭଗବତୀ ଭବନ, ଅଶୋକ ନଗର, ଅପରାହ୍ନ ୫ଟା ୩୦।
- ଦାଣ୍ଡିଆ କାର୍ନିଭାଲ୍, କ୍ରିଷ୍ଟାଲ କ୍ରାଉନ, ସନ୍ଧ୍ୟା ୬ଟା।
- କଳିଙ୍ଗ ଦର୍ବା ରାସ୍-୨୦୨୩, ଜନତା ମଇଦାନ, ସନ୍ଧ୍ୟା ୬ଟା।

# ଏକୀକରଣ ମାଧ୍ୟମରେ ଖଣ୍ଡାୟତଙ୍କ ଗୌରବ ଫେରିବ

### ଖଣ୍ଡାୟତ-କ୍ଷତ୍ରିୟ-ପାଇକ-ଚଷା ମହାସଂଘର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୨୨।୧୦
(ବନ୍ଦନା ସେଠୀ)

ଖଣ୍ଡାୟତ-କ୍ଷତ୍ରିୟ-ପାଇକ-ଚଷା ମହାସଂଘର ବାର୍ଷିକ ଉତ୍ସବ ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ମହାସଂଘ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଭାପତି ପ୍ରମୋଦ ଧଳ ଓ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ହାଇକୋର୍ଟର ଆଡ୍‌ଭୋକେଟ ଧରଣୀଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଭାପତି ଧଳ ବିଭିନ୍ନ ସାମାଜିକ ତଥା ରାଜନୈତିକ କାରଣରୁ ପିଛାଣ୍ଟ-ମିଲିସିଆ ସମ୍ପ୍ରଦାୟ ଆଜି କିପରି ଅବହେଳିତ ହୋଇ ରହିଛି ସେ ବିଷୟରେ କହିବା ସହ ପୁନରୁତ୍ଥାନ ପାଇଁ ସମ୍ପ୍ରଦାୟକୁ ନିବେଦନ କରିଥିଲେ। ଯଦି ଏହି ସମ୍ପ୍ରଦାୟ ସୁରକ୍ଷିତ ତେବେ ସମସ୍ତେ ସୁରକ୍ଷିତ ଅଛନ୍ତି ବୋଲି ସେ କହିଥିଲେ। ସାଧାରଣ ସମ୍ପାଦକ ଛୋଟରାୟ କହିଲେ, ରାଜ୍ୟରେ ଖଣ୍ଡାୟତମାନେ ସେମାନଙ୍କ ଉନ୍ନତି ପାଇଁ ସମ୍ବିଧାନ ତଥା ରାଜନୀତି ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା ଆବଶ୍ୟକ କରନ୍ତି। ପରିବେଶବିତ୍ ତଥା ମହାସଂଘର ଅନ୍ତର୍ଜାତୀୟ ସଚିବ ପ୍ରଫୁଲ୍ଲ ଧଳ ଯୋଗଦେଇ କହିଲେ, କିଛି ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀଙ୍କ ରାଜନୈତିକ ତଥା ସାମାଜିକ ସ୍ୱାର୍ଥଗତ କାରଣରୁ ଆଜି ଏହି ସଙ୍କଟ ଦେଖାଦେଇଛି। ଖଣ୍ଡାୟତ, ଚଷା, ପାଇକ, ଓଡ ପାଇକ, ଓଡ ଚଷା, ଓଡ଼ ଖଣ୍ଡାୟତ, ମହାଲାୟକ, ଅଘରିଆ, କୁଲତା, ଡୁମାଲ ଆଦି ବିଭିନ୍ନ ନାମରେ ଜଣାଶୁଣା ସମସ୍ତ ସମ୍ପ୍ରଦାୟର ସଦସ୍ୟଙ୍କ ଏକୀକରଣ ମାଧ୍ୟମରେ ଖଣ୍ଡାୟତଙ୍କ ଗୌରବ ଫେରାଇ ଆଣିବାର ସମୟ ଆସିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ଯୋଗାଯୋଗ ସଚିବ ବିଶ୍ୱରାଜ ନାୟକ ଯୋଗଦେଇ ରାଜ୍ୟରେ ସାମ୍ପ୍ରଦାୟିକ ସ୍ଥିତି ବିଷୟରେ ବିସ୍ତୃତ ବିବରଣୀ ଦେଇଥିଲେ। ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ଖଣ୍ଡାୟତ, କ୍ଷତ୍ରିୟ, ପାଇକ ଏବଂ ଚଷା ସମ୍ପ୍ରଦାୟର ପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗଠନରେ ୫ଶହ ଲୋକଙ୍କୁ ନେଇ ଏକ ଶୋଭାଯାତ୍ରା ହୋଟେଲ ମେ' ଫେୟାରରୁ ବାହାରି ଉତ୍ସବ ସ୍ଥଳ ପର୍ଯ୍ୟନ୍ତ ଯାଇଥିଲା। ସାଂସ୍କୃତିକ ତଥା ବୃତ୍ତିଗତ ପରିଚୟର ପ୍ରତୀକ ଭାବରେ ଖଣ୍ଡା ପୂଜା ହୋଇଥିଲା।


ଖଣ୍ଡାୟତ-କ୍ଷତ୍ରିୟ-ପାଇକ-ଚଷା ମହାସଂଘ ପକ୍ଷରୁ ଉତ୍ସବସ୍ଥଳ ଅଭିମୁଖେ ବାହାରିଥିବା ଶୋଭାଯାତ୍ରା।

## ୱାର୍କ ଫ୍ରମ୍ ହୋମ୍ ନାଁରେ ଫସାଇ ୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଲେ

### ସାଇବର ଥାନାରେ ଦ୍ୱାରସ୍ଥ ହେଲେ ଯୁବତୀ

**ଭୁବନେଶ୍ୱର,୨୨।୧୦ (ସୂର୍ଯ୍ୟକାନ୍ତ ବେହେରା):** ୱାର୍କ ଫ୍ରମ୍ ହୋମ୍‌ରେ ରୋଜଗାର ଦେବାକୁ କହି ଲୋଭ ଦେଖାଇବା ସହ ଟେଲିଗ୍ରାମ୍ ଗ୍ରୁପ୍‌ରେ ଆଡ୍ କଲେ। ପରେ ହଜାରେ ଟଙ୍କା ନିବେଶ କଲେ ୧୩୦୦ ଟଙ୍କା ଫେରିପାଇବାର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ସାଇବର ଠକ ୩ଟି ପର୍ଯ୍ୟାୟରେ ୯ ଲକ୍ଷ ୮୮ ହଜାରରୁ ଅଧିକ ଟଙ୍କା ଠକି ନେଇଛନ୍ତି। ଏନେଇ ଯୁବତୀ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ମାମଲା (ନଂ ୧୦୧/୨୩) ରୁଜୁ କରି ଘଟଣାର ଖୋଳତାଡ ଆରମ୍ଭ କରିଛି। ସୂଚନାନୁସାରେ, ଯୁବତୀଙ୍କ ହ୍ୱାଟ୍‌ସଆପ୍‌କୁ ଏକ ଅଜଣା ନମ୍ବରରୁ ୱାର୍କ ଫ୍ରମ୍ ହୋମ୍‌ରେ ରୋଜଗାର ଦେବାକୁ ନେଇ ଏକ ମେସେଜ ଆସିଥିଲା। ସେଥିରେ ଯୋଗାଯୋଗ କରିବା ପରେ ଏଥିପାଇଁ ଟେଲିଗ୍ରାମ୍ ଗ୍ରୁପ୍‌ରେ ଯୋଗଦେବା ସହ କେତେ ଭିଡିଓ ଟାସ୍କ କରିବାକୁ ହେବ ବୋଲି ମେସେଜ୍‌ରେ ସୂଚନା ଦେଇଥିଲେ। ଯୁବତୀ ଜଣକ ରାଜିହେବା ପରେ ଟେଲିଗ୍ରାମ୍ ଗ୍ରୁପ୍‌ରେ ତାଙ୍କୁ ଆଡ୍ କରାଯାଇଥିଲା। ପ୍ରଥମେ ଭିଡିଓ ଟାସ୍କ ବାବଦକୁ ସାଇବର ଠକମାନେ ରୋଜଗାର ଦେଇଥିଲେ। ପରେ ନିବେଶ ଆଳରେ ୩ଟି ପର୍ଯ୍ୟାୟରେ ୯ ଲକ୍ଷ ୮୮ ହଜାରରୁ ଅଧିକ ଟଙ୍କା ନେଇ ଦୁଇଗୁଣାରୁ ଅଧିକ ଟଙ୍କା ଫେରସ୍ତ ମିଳିବ ବୋଲି କୁହାଯାଇଥିଲା। ହେଲେ କିଛିଦିନ ପରେ କୌଣସି ଟଙ୍କା ନ ଫେରି ପାଇବାରୁ ଯୁବତୀ ଜଣଙ୍କ ଠକାମିର ଶିକାର ହେବା ଜାଣି ସାଇବର ଥାନାରେ ଅଭିଯୋଗ କରିଥିଲେ।

# ବଡ଼ମ୍ବା ମାଟିର କଳା, ସଂସ୍କୃତି, ଐତିହ୍ୟ ସୁଦୂରପ୍ରସାରୀ


ମହୋତ୍ସବରେ ଅତିଥିମାନେ ଭଟ୍ଟାରିକାଙ୍କ ମୁଖପତ୍ର 'ବୃହଦମ୍ବା'କୁ ଉନ୍ମୋଚନ କରୁଛନ୍ତି।

ବଡ଼ମ୍ବା,୨୨।୧୦(ମାୟାଧର ମଲ୍ଲିକ)

### ଭଟ୍ଟାରିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବଡ଼ମ୍ବା ଅଧିଷ୍ଠାତ୍ରୀ ଦେବୀ ମା ଭଟ୍ଟାରିକାଙ୍କ ପୀଠରେ ୨୨ତମ ଭଟ୍ଟାରିକା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ବଡ଼ମ୍ବା ମାଟିର କଳା, ସଂସ୍କୃତି ଓ ଐତିହ୍ୟ ସୁଦୂର ପ୍ରସାରୀ ବୋଲି କହିଥିଲେ। ମୁଖ୍ୟ ପୁରୋଧାଭାବେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ମା' ଭଟ୍ଟାରିକାଙ୍କ ମହିମା ଉପରେ ଆଲୋକପାତ କରିଥିଲେ। ଏହି ପୀଠର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ତରଫରୁ ୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ଯୋଗାଇ ଦିଆଯାଇଛି ବୋଲି ସେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ବଡ଼ମ୍ବା ବ୍ଲକ ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, କଟକ ଏମ୍‌ପିଙ୍କ ପ୍ରତିନିଧି ସଦାନନ୍ଦ ସ୍ୱାଇଁ, ବଡ଼ମ୍ବା ଥାନା ଅଧିକାରୀ ଶିବପ୍ରସାଦ ଭଦ୍ରା, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ବରାଳ, ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପୀଠର ଉନ୍ନତୀକରଣ କାର୍ଯ୍ୟର ଶିଳାନ୍ୟାସ କରାଯିବା ସହ ଶିଶୁ ଉଦ୍ୟାନ ଉଦ୍‌ଘାଟନ କରାଯାଇଥିଲା। ପରେ ବଡ଼ମ୍ବା ଅଞ୍ଚଳରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଟ୍ଟାରିକାଙ୍କ ମୁଖପତ୍ର 'ବୃହଦମ୍ବା' ପୁସ୍ତକକୁ ଅତିଥିଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ମହୋତ୍ସବ କମିଟି ତଥା ଭଟ୍ଟାରିକା ଆଞ୍ଚଳିକ ଉନ୍ନୟନ ପରିଷଦ ସମ୍ପାଦକ ଶିକ୍ଷାବିତ୍ ସନାତନ ବେହେରା ସଭା ପରିଚାଳନା କରିଥିଲେ। ଅନୁଷ୍ଠାନ ସଭାପତି ଭ୍ରମରବର ନାୟକ ଧନ୍ୟବାଦ ଦେଇଥିଲେ।

## ୩୩ ମଣ୍ଡପରେ ମା' ଦୁର୍ଗା, ହର-ପାର୍ବତୀ ପୂଜା

କଣ୍ଟାପଡା,୨୨।୧୦(ସୁରନାରାୟଣ ସାହୁ)

ଗୋବିନ୍ଦପୁର ଓ ଓଲଟପୁର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଥିବା ୩୩ଟି ପୂଜା ମଣ୍ଡପରେ ଚଳିତବର୍ଷ ମା' ଦୁର୍ଗା ଓ ହର-ପାର୍ବତୀ ମୂର୍ତ୍ତି ପୂଜା କରାଯାଉଛି। ଏହି ଅବସରରେ ବିଭିନ୍ନ ମଣ୍ଡପ ନିକଟରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ୨୫ ବର୍ଷ ପୂର୍ତ୍ତି ପାଳନ ଅବସରରେ କଣ୍ଟାପଡା ସ୍କୁଲ ଛକ ପୂଜା କମିଟି ପକ୍ଷରୁ ବାଦୀପାଲା ଆୟୋଜନ କରାଯାଇଛି। ଗୋଗଳ, ଗେଲପୁର, ଯାଇଁଲୋ ଓ ମଞ୍ଜୁରାଇ ଗ୍ରାମରେ ଆସନ୍ତା ୨୪ ତାରିଖରେ କ୍ଷେତ୍ରିୟ ସମାଜ ପକ୍ଷରୁ ଖଣ୍ଡା ଶୋଭାଯାତ୍ରା ଅନୁଷ୍ଠିତ ହେବ। ୨୫ ତାରିଖରେ ଗୋବିନ୍ଦପୁର ମେଳଣ ପଡିଆରେ ବିଭିନ୍ନ ମଣ୍ଡପର ମେଢ଼ଗୁଡିକ ଏକାଠି ହେବାପରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଗୋବିନ୍ଦପୁର ଥାନାଧିକାରୀ ରବିନାରାୟଣ ବେହେରା କହିଛନ୍ତି।

## ବିବେକାନନ୍ଦ ପାଠାଗାର ଉଦ୍‌ଘାଟିତ

ମଙ୍ଗୁଳି-ଜଗତପୁର,୨୨।୧୦
(ମାନସ ସାମଲ)

ଚୌଦ୍ୱାର ଥାନା ଅଧୀନ ନୁଷ୍ଟିକିରି ଗ୍ରାମରେ ବିବେକାନନ୍ଦ ପାଠାଗାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଗ୍ରାମ ମୁରବି ମୁରଲୀଧର ରାଉତରାୟ ଏହାକୁ ଉଦ୍‌ଘାଟନ କରି କହିଥିଲେ, ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିବା ଓ ପିଲାମାନଙ୍କୁ ଶିକ୍ଷିତ କରିବା ହେଉଛି ପାଠାଗାରର ମୁଖ୍ୟ ଉଦ୍ଦେଶ୍ୟ। ସାମାଜିକ କର୍ମୀ ସୁରେଶ ରାଉତରାୟଙ୍କ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଜେଡି ନଗର ସଭାପତି ବିଷ୍ଣୁଚରଣ ପରିଡା, ସାମାଜିକ କର୍ମୀ ଶ୍ରୀକାନ୍ତ ପାକଳ, ମନୋଜ ସାହୁ, ଅନନ୍ତ ନାୟକ, ସୁଜିତ ଦାସ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରାମ ସଭାପତି ସଞ୍ଜୟ କୁମାର ନାୟକ, ପବିତ୍ର ମହାନ୍ତି, ମାନସ ବରାଳ, ଅଶୋକ ରାଉତରାୟ, ରବୀନ୍ଦ୍ର ପାଇକରାୟ, ଧରଣୀଧର ନାୟକ ଉପସ୍ଥିତ ଥିଲେ।

## ପୁରାତନ ଛାତ୍ରଙ୍କ ବୈଠକ

**କଟକ ସଦର,୨୨।୧୦(ସୁଶାନ୍ତ କୁମାର ଜେନା):** କଟକ ସଦର ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠର ପୁରାତନ ଛାତ୍ରଙ୍କ ବୈଠକ ରବିବାର କନ୍ଦରପୁରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରମାନେ ନିଜର ଅନୁଭୂତି ଆଦାନପ୍ରଦାନ କରିଥିଲେ। ଆସନ୍ତା ପ୍ଲାଟିନମ୍ ଜୁବୁଲି ସମାରୋହକୁ ସଫଳ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ପୁରାତନ ଛାତ୍ର ତାପସ କୁମାର ରାଉତରାୟଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଦୀପ କୁମାର କର, ନବଘନ ରାଉତ, ବିଭୁ ପ୍ରସାଦ ମହାପାତ୍ର, ସଞ୍ଜୀବ ବୈଶାଖ, ବିଷ୍ଣୁ ବେହେରା, କାଳନ୍ଦୀ ସ୍ୱାଇଁ, ଗୌତମ ଦାସ ଓ ପରମାନନ୍ଦ ରାଉତ ପ୍ରମୁଖ ଯୋଗଦେଇ ପ୍ଲାଟିନମ୍ ଜୁବିଲି ପାଳନ ସମ୍ପର୍କରେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ।

# ପୂଜା ମଣ୍ଡପ ବୁଲିଲେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା

ପୁରୁଣା ଭୁବନେଶ୍ୱର,୨୨।୧୦
(ସୁବାସ ଚନ୍ଦ୍ର ପ୍ରଧାନ)

ଦଶହରା ପାଇଁ ଏକାମ୍ର କ୍ଷେତ୍ର ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ସାଧାରଣ ଲୋକଙ୍କ ସହ ମିଶି କିଭଳି ସେମାନଙ୍କ ସମସ୍ୟା ଦୂର ହୋଇପାରିବ, ସେନେଇ ଏକାମ୍ର ବିଧାୟକ ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ପୂଜା ମଣ୍ଡପ ବୁଲିଛନ୍ତି। ମଣ୍ଡପ କର୍ମକର୍ତ୍ତାଙ୍କ ସହିତ ମା' ଦୁର୍ଗତିନାଶିନୀଙ୍କ ଆଶୀର୍ବାଦ ଭିକ୍ଷା କରି ଅଞ୍ଚଳର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ପୁରୁଣା ଭୁବନେଶ୍ୱର ଅଞ୍ଚଳର ବିଭିନ୍ନ ସାହିରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ ହେଉଥିବାରୁ ଯେପରି କୌଣସି ପରିସ୍ଥିତିରେ ମଧ୍ୟ ସାଧାରଣ ଲୋକଙ୍କ ସମସ୍ୟା ନ ଉପୁଜେ, ସେନେଇ ପୋଲିସ ଅଧିକାରୀଙ୍କୁ ତାଗିଦା କରିବା ସହିତ ଆୟୋଜକଙ୍କୁ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଟ୍ରାଫିକ ପରିଚାଳନାରେ ପୋଲିସ ପ୍ରଶାସନକୁ ସହଯୋଗ କରିବାକୁ ସମସ୍ତଙ୍କୁ ଜଣାଇଥିଲେ। ସ୍ଥାନୀୟ ବିଧାୟକଙ୍କ ପୂଜା ଅବସରରେ ସାଧାରଣ ଲୋକଙ୍କ ସମସ୍ୟା ପାଇଁ ଏଭଳି ବୁଲିବାକୁ ଏକାମ୍ରବାସୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ବିଧାୟକଙ୍କ ସହିତ କର୍ପୋରେଟର ଓ ଅନେକ ସାମାଜିକ କର୍ମୀ ଯୋଗଦେଇଥିଲେ। ଏନେଇ ମନ୍ତ୍ରୀ ପଣ୍ଡାଙ୍କୁ ପଚାରିବାରେ, ପୂଜା ବୁଲିବା ଏକ ବାହାନା। ସାଧାରଣ ଲୋକଙ୍କ ସମସ୍ୟା କିଭଳି ସମାଧାନ ହେବ, ତାହା ହେଉଛି ମୂଳ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ କହିଥିଲେ।


ପୂଜାମଣ୍ଡପ ବୁଲିବା ଅବସରରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟମାନେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ନରେଶ


@ ଦେବାଶିଷ


@ ଓମପ୍ରକାଶ


@ ତପନ


@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବାଣୀବିହାରରେ ମା' ଦୁର୍ଗାଙ୍କ ସୁବର୍ଣ୍ଣ ଜୟନ୍ତୀ

ଭୁବନେଶ୍ୱର, ୨୨।୧୦
(ଅସମାପିକା ସାହୁ)

ବାଣୀବିହାରରେ ଏଥର ଦୁର୍ଗାପୂଜାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳନ କରାଯାଉଛି। ଏଥିରେ ଶିକ୍ଷକ, କର୍ମଚାରୀ, ଛାତ୍ରୀଛାତ୍ରଙ୍କ ସହ ବହୁସଂଖ୍ୟାରେ ପୁରାତନ ପ୍ରଫେସର, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରୁଛନ୍ତି। ୧୯୭୪ ମସିହାରୁ ନିରବିଚ୍ଛିନ୍ନ ଭାବେ ପାଳିତ ହୋଇଆସୁଥିବା ଏହି ପୂଜା ସହିତ କିଛିବର୍ଷ ଧରି ଗଜଲକ୍ଷ୍ମୀ ଓ କାଳୀପୂଜା ମଧ୍ୟ ଯୋଡ଼ିହୋଇଯାଇଛି। ଏହି ଉପଲକ୍ଷେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ତଥା ଦୁର୍ଗାପୂଜା ସମିତିର ସଭାପତି ପ୍ରଫେସର ସବିତା ଆଚାର୍ଯ୍ୟ ଏବଂ କୁଳସଚିବ ସମସ୍ତଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ପୂଜାସମିତିର ସମ୍ପାଦକ ପ୍ରଫେସର ପ୍ରବୋଧ କୁମାର ହୋତା, କର୍ମକର୍ତ୍ତା ପ୍ରଫେସର କବିର ମୋହନ ସେଠୀ, ସୁଜିତ ଆଚାର୍ଯ୍ୟ, ରଞ୍ଜନ ସାମଲ, ଶରତ ମିଶ୍ର, ଅନନ୍ତ ନାୟକ ପ୍ରମୁଖ ପରିଚାଳନା କରୁଛନ୍ତି। ସବୁଦିନ ସନ୍ଧ୍ୟାରେ ଭଜନ ସମାରୋହର ଆୟୋଜନ କରାଯାଇଛି।


ଉତ୍କଳବିଶ୍ୱବିଦ୍ୟାଳୟ ପରିସରରେ ପୂଜା ପାଉଥିବା ମା' ଦୁର୍ଗା।



ଭୁବନେଶ୍ୱରର କେଶୁରା ଓ ଚନ୍ଦ୍ରଶେଖପୁର ଡିଷ୍ଟ୍ରିକ୍ଟ ସେଣ୍ଟରଠାରେ ଅନୁଷ୍ଠିତ ଦୁର୍ଗାପୂଜା।

## କାଠମାଣ୍ଡୁରେ ଭୂକମ୍ପ

ନେପାଳ ରାଜଧାନୀ କାଠମାଣ୍ଡୁ ଉପତ୍ୟକାରେ ରବିବାର ସକାଳେ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ୬.୧ ଥିଲା। ଧାଡ଼ିଙ୍ଗ ଜିଲାରେ ଏହାର କେନ୍ଦ୍ରସ୍ଥଳ ବୋଲି ଜାତୀୟ ଭୂକମ୍ପ ପର୍ଯ୍ୟବେକ୍ଷଣ ଓ ଗବେଷଣା କେନ୍ଦ୍ର ପକ୍ଷରୁ କୁହାଯାଇଛି। ଭୂକମ୍ପ ଜନିତ ମୃତ୍ୟୁ କିମ୍ବା କ୍ଷୟକ୍ଷତି ସମ୍ପର୍କରେ ଜଣାପଡ଼ିନାହିଁ। ବାଗମତି ଏବଂ ଗଣ୍ଡକି ପ୍ରଦେଶର କେତେକ ଜିଲାରେ ମଧ୍ୟ କମ୍ପନ ଅନୁଭୂତ ହୋଇଥିଲା।

# ଗାଜାରେ ପଶିଲେ ଇସ୍ରାଏଲ୍ ସୈନ୍ୟ

### ସଂକ୍ଷେପରେ

## ଅଭିନେତା ଦଲିପ୍ ତାହିଲଙ୍କୁ ୨ ମାସ ଜେଲ



**ମୁମ୍ବାଇ,୨୨।୧୦:** ବଲିଉଡ୍‌ର ବର୍ଷୀୟାନ ଅଭିନେତା ଦଲିପ୍ ତାହିଲଙ୍କୁ ୨ ମାସ ଜେଲଦଣ୍ଡ ମିଳିଛି। ୨୦୧୮ ସେପ୍ଟେମ୍ବରରେ ମୁମ୍ବାଇର ଖାର୍ ଅଞ୍ଚଳରେ ଦଲିପ୍‌ଙ୍କ ଗାଡ଼ି ଏକ ଅଟୋରିକ୍ସାକୁ ଧକ୍କା ଦେବାରୁ ଜଣେ ମହିଳା ଗୁରୁତର ହେବା ସହ ଅନ୍ୟ ଜଣେ ଯାତ୍ରୀ ଆହତ ହୋଇଥିଲେ। ଦଲିପ୍ ଉକ୍ତ ଯାତ୍ରୀମାନଙ୍କ ସହ ଯୁକ୍ତି କରିବା ସହ ଜଣକୁ ଠେଲିଦେଇଥିଲେ। ପୋଲିସ ଦଲିପ୍‌ଙ୍କୁ ଗିରଫ କରି ମଦପିଇ ଗାଡ଼ି ଚଳାଇବା ଅଭିଯୋଗରେ ମାମଲା ରୁଜୁ କରିଥିଲା। ପରେ ସେ ଜାମିନରେ ବାହାରିଥିଲେ।

## ତଦନ୍ତ ପରେ ମହୁଆଙ୍କ ବିରୋଧରେ ନିଷ୍ପତ୍ତି ନେବ ଟିଏମ୍‌ସି

**ନୂଆଦିଲ୍ଲୀ,୨୨।୧୦**

ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ଜଣେ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଥିଲା। ସଂସଦୀୟ କମିଟି ଉକ୍ତ ଅଭିଯୋଗର ତଦନ୍ତ କରୁଛି। ତଦନ୍ତ ପରେ ଟିଏମ୍‌ସି ନେତୃତ୍ୱ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ନିଷ୍ପତ୍ତି ନେବ ବୋଲି ଦଳର ରାଜ୍ୟ ସଭା ସଦସ୍ୟ ଡେରେକ୍ ଓ'ବ୍ରାଏନ୍ ରବିବାର କହିଛନ୍ତି। ମହୁଆଙ୍କ ବିରୋଧରେ ଗମ୍ଭୀର ଅଭିଯୋଗ ସତ୍ତ୍ୱେ ଟିଏମ୍‌ସି ମୁହଁ ଖୋଲୁ ନ ଥିବାରୁ ଭାଜପା ଏହାର ସମାଲୋଚନା କରିଥିଲା। ପ୍ରଶ୍ନ ପଚାରିବା ପାଇଁ କ୍ରିଷ୍ଣନଗର ଏମ୍‌ପି ବ୍ୟବସାୟୀ ଦର୍ଶନ ହୀରାନନ୍ଦନୀଙ୍କଠାରୁ ଲାଞ୍ଚ ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଥିଲେ। ତାଙ୍କ ବିରୋଧରେ ତଦନ୍ତ କରାଯାଉ ବୋଲି ଦୁବେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ପତ୍ର ଲେଖିଥିଲେ।

## ଜଳବାୟୁ ପରିବର୍ତ୍ତନ ସିକିମ୍ ଭଳି ବିପର୍ଯ୍ୟୟ ଘଟାଇବ

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବୃଦ୍ଧି ପାଇବା ସହ ଗ୍ଲେସିୟର ତରଳୁଛି ଏବଂ ପ୍ରବଳ ବୃଷ୍ଟିପାତ ହେଉଛି। ଏହା ସହିତ ତାଳଦେଇ ଅବାଧ ନିର୍ମାଣ ଏବଂ ପ୍ରଦୂଷଣ ଆଗାମୀ ଦିନରେ ହିମାଳୟ ଅଞ୍ଚଳରେ ସିକିମ୍ ଭଳି ଅଧିକ ବିପର୍ଯ୍ୟୟ ସୃଷ୍ଟି କରିବ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ନିକଟରେ ଗ୍ଲେସିୟର ହ୍ରଦ ଭୁଶୁଡ଼ି ଅଚାନକ ବନ୍ୟା ମାଡ଼ିଆସିବାରୁ ସିକିମ୍‌ରେ ଭୟଙ୍କର ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ବହୁ ଭିତ୍ତିଭୂମି ପ୍ରକଳ୍ପ କ୍ଷତିଗ୍ରସ୍ତ ହେବା ସହ ୮୦ ଜଣଙ୍କ ମୃତ୍ୟୁ ଘଟିଥିଲା ଓ ଶତାଧିକ ନିଖୋଜ ହୋଇଯାଇଥିଲେ। ହିମାଚଳପ୍ରଦେଶ, ଅରୁଣାଚଳପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଜମ୍ମୁ-କଶ୍ମୀର ଆଦି ହିମାଳୟ ଅଞ୍ଚଳରେ ଗ୍ଲେସିୟର ହ୍ରଦ୍ ଭୁଶୁଡ଼ି ଏଭଳି ବନ୍ୟା ଆସିବାର ଆଶଙ୍କା କରାଯାଉଛି।

## ସ୍ଥଳଭାଗରେ ମୁହାଁମୁହିଁ ସଂଘର୍ଷ

### ସିରିଆ, ୱେଷ୍ଟ ବ୍ୟାଙ୍କରେ ଇସ୍ରାଏଲ୍‌ର ବୋମାମାଡ଼

**ରାଫାହ(ଗାଜା ଷ୍ଟ୍ରିପ୍)/ତେଲ୍ ଆଭିଭ୍,୨୨।୧୦**



ସାରାଜେଭୋରେ ପାଲେଷ୍ଟାଇନ୍ ସପକ୍ଷ ଓ ଇସ୍ରାଏଲ୍ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ।

ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ଅକ୍ଟୋବର ୭ରୁ ଚାଲିଥିବା ଯୁଦ୍ଧ ରବିବାର ୧୬ ଦିନରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ପ୍ରଥମ ଥର ପାଇଁ ଗାଜା ଷ୍ଟ୍ରିପ୍‌କୁ ପ୍ରବେଶ କରିଛି। ଗାଜାର ସ୍ଥଳଭାଗରେ ହମାସ୍ ଆତଙ୍କବାଦୀଙ୍କ ସହ ଇସ୍ରାଏଲୀ ସୈନ୍ୟଙ୍କ ମୁହାଁମୁହିଁ ସଂଘର୍ଷ ଚାଲିଛି। ହମାସ୍ ପକ୍ଷରୁ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ଇସ୍ରାଏଲ୍ ଆକ୍ରମଣରେ ପାଲେଷ୍ଟିନୀୟଙ୍କ ମୃତ୍ୟୁସଂଖ୍ୟା ୪,୬୫୧ରେ ପହଞ୍ଚିଛି, ଯାହାଙ୍କ ମଧ୍ୟରୁ ୪୦ ପ୍ରତିଶତ ହେଉଛନ୍ତି ଶିଶୁ। ଏହାବାଦ୍ ୧୪,୨୪୫ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୭୦ ପ୍ରତିଶତ ଶିଶୁ ଓ ମହିଳା। ଭେଣ୍ଟିଲେଟର ଓ ଅନ୍ୟ ଡାକ୍ତରୀ ଉପକରଣର ଘୋର ଅଭାବ ଦେଖାଦେଇଥିବାରୁ ଗାଜାର ହସ୍ପିଟାଲଗୁଡ଼ିକରେ ଭର୍ତ୍ତି ହୋଇଥିବା ଆହତମାନଙ୍କୁ ଚିକିତ୍ସା କରିବା ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ପାଲଟିଛି।

ଇସ୍ରାଏଲ୍ ଯୁଦ୍ଧବିମାନଗୁଡ଼ିକ ଶନିବାର ରାତିରୁ ଗାଜା ଉପରେ ବୋମାମାଡ଼ ଜାରି ରଖିଥିବାବେଳେ ରବିବାର ସିରିଆର ଦୁଇଟି ବିମାନବନ୍ଦର ଏବଂ ଅଧିକୃତ ୱେଷ୍ଟ ବ୍ୟାଙ୍କ୍‌ର ଏକ ମସ୍‌ଜିଦ ଉପରେ ଆକ୍ରମଣ କରିଛି। ଫଳରେ ଯୁଦ୍ଧ କେବଳ ଇସ୍ରାଏଲ୍ ଏବଂ ଗାଜା ମଧ୍ୟରେ ସୀମିତ ନ ରହି ଅନ୍ୟ ଦେଶକୁ ବ୍ୟାପିବାର ଆଶଙ୍କା ସୃଷ୍ଟି ହୋଇଛି। ଯୁଦ୍ଧ ଆରମ୍ଭ ହେବା ଦିନଠାରୁ ଇସ୍ରାଏଲ୍ ପ୍ରାୟ ପ୍ରତିଦିନ ଲେବାନନ୍‌ର ହେଜ୍‌ବୋଲ୍ଲା ଆତଙ୍କବାଦୀ ଗୋଷ୍ଠୀ ଉପରେ ଆକ୍ରମଣ ଚଳାଇଛି। ଇସ୍ରାଏଲ୍ ଅଧିକୃତ ୱେଷ୍ଟ ବ୍ୟାଙ୍କରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଇସ୍ରାଏଲ୍ ସୈନ୍ୟ ସେଠାର ଶରଣାର୍ଥୀ ଶିବିରରେ ଆତ୍ମଗୋପନ କରିଥିବା ଆତଙ୍କବାଦୀଙ୍କ ସହ ଲଢ଼େଇ କରିବା ସହ ଦୁଇଥର ଏୟାରଷ୍ଟ୍ରାଇକ୍ କଲେଣି।

ଗାଜାରେ ସ୍ଥଳଯୁଦ୍ଧ ଆରମ୍ଭ କରିବା ଯୋଜନାରେ ଇସ୍ରାଏଲ୍ ରହିଛି। ସେଥିପାଇଁ ସୀମାରେ ହଜାର ହଜାର ଟ୍ୟାଙ୍କ୍ ମହଜୁଦ୍ କରିରଖିଛି। ଉତ୍ତର ଗାଜାରୁ ଲୋକମାନଙ୍କୁ ଅନ୍ୟତ୍ର ପଳାଇଯିବା ଲାଗି ତେଲ୍ ଆଭିଭ୍ ବାରମ୍ବାର କହିବା ସହ ଆକାଶମାର୍ଗରୁ ଲିଫ୍‌ଲେଟ୍ ପକାଉଛି। ଯଦି ପାଲେଷ୍ଟିନୀୟମାନେ ତୁରନ୍ତ ଉକ୍ତ ଅଞ୍ଚଳରୁ ପଳାଇ ନ ଯାଆନ୍ତି, ତେବେ ସେମାନଙ୍କୁ ଆତଙ୍କବାଦୀଙ୍କ ଭଳି ବ୍ୟବହାର କରାଯିବ ବୋଲି ଇସ୍ରାଏଲ୍ ଚେତାବନୀ ଦେଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଅଞ୍ଚଳରୁ ୭ ଲକ୍ଷ ଲୋକ ପଳାଇଗଲେଣି। ତଥାପି ଆହୁରି କେତେ ଲକ୍ଷ ଲୋକ ରହିଯାଇଛନ୍ତି। ସ୍ଥଳଯୁଦ୍ଧ ଆରମ୍ଭ ହେଲେ ବହୁସଂଖ୍ୟାରେ ସାଧାରଣ ଲୋକ ମୃତାହତ ହେବା ଆଶଙ୍କା ରହିଛି। ଗାଜା ସିଟିରେ ହମାସ୍‌ର ଭିତ୍ତିଭୂମି ଏବଂ ଭୂତଳ ଟନେଲ୍ ବ୍ୟବସ୍ଥା ରହିଛି। ପରବର୍ତ୍ତୀ ଆକ୍ରମଣକୁ ଜୋର୍‌ଦାର କରାଯିବ ବୋଲି ଇସ୍ରାଏଲୀ ସେନାର ଜଣେ ଅଧିକାରୀ କହିଛନ୍ତି। ହମାସ୍‌କୁ ସମ୍ପୂର୍ଣ୍ଣ ମୂଳପୋଛ କରିଦେବାକୁ ଇସ୍ରାଏଲ୍ ଚାହେଁ। ସାଧାରଣ ଲୋକେ ଯେପରି ସୀମାରେ ପହଞ୍ଚିପାରିବେ ସେଥିପାଇଁ ଏକ ସମ୍ଭାବ୍ୟ ବଫର ଜୋନ୍ ସୃଷ୍ଟି କରିବା ଲାଗି ଏହାର ଅଧିକାରୀମାନେ କହିଛନ୍ତି। ଇତିମଧ୍ୟରେ ଆତଙ୍କବାଦୀ ସଙ୍ଗଠନ ଅଲ୍‌କାଏଦା ଏବଂ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଇସ୍ରାଏଲ ତଥା ଏହାର ଯୁଦ୍ଧ ସମର୍ଥକ ଆମେରିକାକୁ ଆକ୍ରମଣ କରିବା ପାଇଁ ନିଜ ଅନୁଗାମୀମାନଙ୍କୁ ଆହ୍ୱାନ ଦେଇଛନ୍ତି।

- ପାଲେଷ୍ଟିନୀୟଙ୍କୁ ଇସ୍ରାଏଲ୍‌ର ଚେତାବନୀ: ନ ପଳାଇଲେ ଆତଙ୍କବାଦୀଙ୍କ ଭଳି ବ୍ୟବହାର କରାଯିବ
- ଇସ୍ରାଏଲ, ଆମେରିକାକୁ ଟାର୍ଗେଟ୍ ପାଇଁ ଅଲ୍‌କାଏଦା-ଆଇଏସ୍‌ର ଆହ୍ୱାନ

### ଇନ୍‌କ୍ୟୁବେଟରରେ ଥିବା ୧୨୦ ଶିଶୁ ବିପଦରେ

ଇସ୍ରାଏଲ୍‌ର ବିମାନ ଆକ୍ରମଣରେ ଗାଜା ଷ୍ଟ୍ରିପ୍‌ର ୧,୭୫୦ରୁ ଅଧିକ ପିଲାଙ୍କ ମୃତ୍ୟୁ ଘଟିଲାଣି। ଗାଜା ହସ୍ପିଟାଲଗୁଡ଼ିକୁ ଇନ୍ଧନ ଯୋଗାଣ ବନ୍ଦ ହୋଇଯାଇଥିବାରୁ ଇନ୍‌କ୍ୟୁବେଟରରେ ଥିବା ଅନ୍ୟୂନ ୧୨୦ ନବଜାତ ଶିଶୁଙ୍କ ଜୀବନ ପ୍ରତି ବିପଦ ଦେଖାଦେଇଛି। ହସ୍ପିଟାଲଗୁଡ଼ିକରେ ଇନ୍ଧନ ସମେତ ଔଷଧ, ପାଣିର ଘୋର ଅଭାବ ଦେଖାଦେଇଛି। ଫଳରେ ରୋଗୀ ସେବା ବାଧାପ୍ରାପ୍ତ ହେବା ସହ ଆକ୍ରମଣରେ ଆହତ ହୋଇଥିବା ଲୋକଙ୍କୁ ଚିକିତ୍ସା କରାଯାଇ ପାରୁନାହିଁ।

## ପାଲେଷ୍ଟାଇନ୍‌କୁ ସହାୟତା ପଠାଇଲା ଭାରତ

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

ଯୁଦ୍ଧ କ୍ଷତିଗ୍ରସ୍ତ ପାଲେଷ୍ଟାଇନ୍ ଜନସାଧାରଣଙ୍କ ପାଇଁ ଭାରତ ରବିବାର ୬.୫ ଟନ୍ ଡାକ୍ତରୀ ସହାୟତା ଏବଂ ୩୨ ଟନ୍ ରିଲିଫ୍ ସାମଗ୍ରୀ ପଠାଇଛି। ବାୟୁସେନାର ସି-୧୭ ପରିବହନ ବିମାନରେ ଏହିସବୁ ମାନବୀୟ ସହାୟତା ପଠାଯାଇଛି। ବିମାନ ଇଜିପ୍ଟର ଏଲ୍-ଏରିଶ୍ ଏୟାରପୋର୍ଟରେ ପହଞ୍ଚିବା ପରେ ସେଠାରୁ ସ୍ଥଳପଥରେ ଗାଜାକୁ ସହାୟତା ପଠାଯିବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରବିନ୍ଦ ବାଗ୍‌ଚୀ ଏକ୍ସ'ରେ ପୋଷ୍ଟ କରିଛନ୍ତି। ସେରେ ଜୀବନ ରକ୍ଷାକାରୀ ଔଷଧ, ଅସ୍ତ୍ରୋପଚାର ଉପକରଣ, ତମ୍ବୁ, ସ୍ଲିପିଂ ବ୍ୟାଗ୍, ତାର୍‌ପୋଲିନ୍, ପରିମଳ ସାମଗ୍ରୀ, ଜଳ ବିଶୋଧନ ଟାବ୍‌ଲେଟ୍ ଆଦି ଜରୁରୀ ସାମଗ୍ରୀ ରହିଛି। ୩ ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ଅଧ୍ୟକ୍ଷ ମହମ୍ମଦ ଆବ୍ବାସଙ୍କ ସହ ଫୋନ୍‌ରେ କଥା ହୋଇ ଗାଜା ହସ୍ପିଟାଲ ଆକ୍ରମଣରେ ସାଧାରଣ ଲୋକଙ୍କ ମୃତ୍ୟୁକୁ ନେଇ ଦୁଃଖପ୍ରକାଶ କରିଥିଲେ। ଏଥିସହିତ ପାଲେଷ୍ଟିନୀୟମାନଙ୍କ ପାଇଁ ଭାରତର ମାନବୀୟ ସହାୟତା ଜାରି ରହିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଥିଲେ। ଜାତିସଂଘ ରିଲିଫ୍ ଆଣ୍ଡ ୱାର୍କସ୍ ଏଜେନ୍ସି (ୟୁଏନ୍‌ଆର୍‌ଡବ୍ଲ୍ୟୁଏ) ଜରିଆରେ ପାଲେଷ୍ଟାଇନ୍ ଓ ଏହାର ଜନସାଧାରଣଙ୍କୁ ଭାରତ ସହାୟତା କରିଆସୁଛି।

ରବିବାର ଦ୍ୱିତୀୟ ପର୍ଯ୍ୟାୟରେ ଗାଜା ସୀମା ଅତିକ୍ରମ କରି ପାଲେଷ୍ଟିନୀୟଙ୍କ ପାଇଁ ୧୭ ଟ୍ରକ୍ ରିଲିଫ୍ ସହାୟତା ପହଞ୍ଚିଛି। ଶନିବାର ପ୍ରଥମ ପର୍ଯ୍ୟାୟରେ ଇଜିପ୍ଟରୁ ୨୦ ଟ୍ରକ୍ ରିଲିଫ୍ ସାମଗ୍ରୀ ପଠାଯାଇଥିଲା। ଗତ ୭ ତାରିଖରେ ହମାସ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଇସ୍ରାଏଲ୍‌ର ପ୍ରତି ଆକ୍ରମଣ ଜାରି ରହିଛି। ଇସ୍ରାଏଲ୍‌ର ଅବରୋଧ ଯୋଗୁ ଗାଜାର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଖାଦ୍ୟ, ଜଳ, ଔଷଧ, ବିଜୁଳି ଅଭାବରେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।


ବାୟୁସେନାର ସି-୧୭ ପରିବହନ ବିମାନରେ ରିଲିଫ୍ ଓ ଔଷଧ ଲୋଡ୍ କରାଯାଉଛି।

## ହିଜାବକୁ ବିରୋଧ କରିଥିବା ଇରାନୀୟ ଛାତ୍ରୀ ବ୍ରେନ୍ ଡେଡ୍

### ଟ୍ରେନ୍‌ରେ ପୋଲିସ ଠେଲିଦେବାରୁ କୋମାକୁ ଚାଲିଯାଇଥିଲେ


ଅମ୍ରିତା ଗେରାଭାନ୍ଦ

**ତେହରାନ,୨୨।୧୦**

ଚଳିତ ମାସ ଆରମ୍ଭରେ ଇରାନର ହିଜାବ ଆଇନକୁ ଉଲ୍ଲଂଘନ କରିଥିବା ଜଣେ ନାବାଳିକାଙ୍କୁ ମହିଳା ପୋଲିସ ଠେଲିଦେବାରୁ ସେ କୋମାକୁ ଚାଲିଯାଇଥିବା ଅଭିଯୋଗ ହୋଇଥିଲା। ଏବେ ଡାକ୍ତର ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରିଛନ୍ତି। ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ଅମ୍ରିତା ଗେରାଭାନ୍ଦ ନାମ୍ନୀ ଏହି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଦେଖାଦେଇ ନ ଥିଲା। ଖବର ଅନୁଯାୟୀ, ଅକ୍ଟୋବର ୧ରେ ଅମ୍ରିତା ଇରାନ ରାଜଧାନୀ ତେହରାନରେ ଏକ ମେଟ୍ରୋ ଟ୍ରେନ୍‌ରେ ଯାତ୍ରା କରୁଥିବାବେଳେ ହିଜାବ ପିନ୍ଧି ନ ଥିଲେ। ଏହାକୁ ନେଇ ସେ ବିରୋଧର ସମ୍ମୁଖୀନ ହୋଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ କୋମାକୁ ଚାଲିଯାଇଥିଲେ। ତେବେ ତାଙ୍କ ପ୍ରତି ସେତେବେଳେ କ'ଣ ଘଟିଥିଲା ତାହା ଠିକ୍ ଭାବେ ଜଣାପଡ଼ିନାହିଁ। ସେ ନିଜ ମୁଣ୍ଡକୁ ଷ୍ଟେଶନ ପ୍ଲାଟ୍‌ଫର୍ମରେ ପିଟିଥିଲେ ବୋଲି ତାଙ୍କର ଜଣେ ସାଙ୍ଗ କହିଥିଲେ ମଧ୍ୟ ସିସିଟିଭି ଫୁଟେଜ୍‌ରେ ସେଭଳି ଦୃଶ୍ୟ ଦେଖିବାକୁ ମିଳିନାହିଁ। ମେଟ୍ରୋ ଟ୍ରେନ୍‌ରେ ଜଣେ ମହିଳା ପୋଲିସ ଠେଲିଦେଇଥିବା ଅଭିଯୋଗ ହୋଇଛି। ରକ୍ତଚାପ, ଟ୍ରେନ୍‌ରେ ପଡ଼ିଯିବା କିମ୍ବା ଉଭୟ କାରଣରୁ ଅମ୍ରିତାଙ୍କର ଏଭଳି ଅବସ୍ଥା ହେଲା ବୋଲି ତାଙ୍କ ମାଆବାପା କହିଛନ୍ତି।

## ଗର୍‌ବା ନୃତ୍ୟବେଳେ ହୃଦ୍‌ଘାତରେ ୧୦ ମୃତ

**ଗାନ୍ଧୀନଗର,୨୨।୧୦**

ଗୁଜରାଟର ବିଭିନ୍ନ ସ୍ଥାନରେ ଗର୍‌ବା ନୃତ୍ୟ କାର୍ଯ୍ୟକ୍ରମ ବେଳେ ୨୪ ଘଣ୍ଟା ମଧ୍ୟରେ ଅନ୍ୟୂନ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଗର୍‌ବା ଆୟୋଜନ କରୁଥିବା ଅନୁଷ୍ଠାନଗୁଡ଼ିକ ସମସ୍ତ ଆବଶ୍ୟକ ପଦକ୍ଷେପ ନେବା ଲାଗି ସରକାର ପରାମର୍ଶ ଦେଇଛନ୍ତି। ବିନା ବିରତିରେ ଦୀର୍ଘ ସମୟ ଗର୍‌ବା ନୃତ୍ୟ ନ କରିବାକୁ କୁହାଯାଇଛି। ଖେଡ଼ା ଜିଲାର କାପଡଭଞ୍ଜ ସହରରେ ଗର୍‌ବା ନୃତ୍ୟ ବେଳେ ହୃଦ୍‌ଘାତରେ ବୀର ଶାହା (୧୭)ଙ୍କ ମୃତ୍ୟୁ ହୋଇଛି। ନୃତ୍ୟ କରୁଥିବାବେଳେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବା ସହ ନାକରୁ ରକ୍ତ ବାହାରିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ଅହମଦାବାଦ, ନଭସାରି ଏବଂ ରାଜକୋଟ୍‌ରେ ଗର୍‌ବା ନୃତ୍ୟ ବେଳେ ଲୋକଙ୍କ ମୃତ୍ୟୁ ଘଟିଥିବା ରିପୋର୍ଟ ପ୍ରକାଶ ପାଇଛି।

## ଆଉ ଜଣେ ଅଗ୍ନିବୀରଙ୍କ ମୃତ୍ୟୁ


ଗୱାତେ ଅକ୍ଷୟ ଲକ୍ଷ୍ମଣ

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

କର୍ତ୍ତବ୍ୟରେ ଥାଇ ଆଉ ଜଣେ ଅଗ୍ନିବୀରଙ୍କର ସିଆଚେନ୍‌ରେ ମୃତ୍ୟୁ ଘଟିଥିବା ସେନାର ଲେହ ମୁଖ୍ୟାଳୟ ପକ୍ଷରୁ ରବିବାର କୁହାଯାଇଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ି ନାହିଁ। ଗୱାତେ ଅକ୍ଷୟ ଲକ୍ଷ୍ମଣ ନାମକ ଏହି ଅଗ୍ନିବୀରଙ୍କ ମୃତ୍ୟୁରେ ସେନା ମୁଖ୍ୟ ଜେନେରାଲ ମନୋଜ ପାଣ୍ଡେ ଏବଂ ସମସ୍ତ ର୍ୟାଙ୍କ୍‌ର ସେନା ଅଫିସରମାନେ ଶୋକବ୍ୟକ୍ତ କରିଛନ୍ତି। କର୍ତ୍ତବ୍ୟରେ ଥାଇ ପ୍ରାଣ ହରାଇଥିବାରୁ ଫାୟାର ଓ ଫୁରି କର୍ପସ୍‌ର ସବୁ ଯବାନ ତାଙ୍କୁ ସାଲ୍ୟୁଟ୍ କରିଛନ୍ତି। ଲକ୍ଷ୍ମଣଙ୍କ ଘର ମହାରାଷ୍ଟ୍ରରେ। ସମୁଦ୍ର ପତ୍ତନଠାରୁ ପାଖାପାଖି ୨୦ ହଜାର ଫୁଟ୍ ଉଚ୍ଚରେ ସିଆଚେନ୍ ଗ୍ଲାସିୟର ରହିଛି। କୋରାକୋରମ ରେଞ୍ଜରେ ଥିବା ଉକ୍ତ ଅଞ୍ଚଳ ବିଶ୍ୱର ସର୍ବୋଚ୍ଚ ସାମରିକ ଜୋନ୍ ଭାବେ ପରିଚିତ। ସୈନ୍ୟମାନଙ୍କୁ ସେଠାର ବରଫାବୃତ ପରିବେଶ ଓ ପ୍ରବଳ ବେଗରେ ବହୁଥିବା ପବନ ସହ ସଂଘର୍ଷ କରିବାକୁ ପଡ଼ିଥାଏ। ସୂଚନାଯୋଗ୍ୟ, ଭାରତର ପ୍ରଥମ ଅଗ୍ନିବୀର ପଞ୍ଜାବ ମନ୍‌ସା ଅଞ୍ଚଳର ଅମ୍ରିତ୍‌ପାଲ ସିଂଙ୍କର ଗତ ୧୧ ତାରିଖରେ କର୍ତ୍ତବ୍ୟରତ ଥାଇ ନିଜ ବନ୍ଧୁକ ଗୁଳିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଶେଷକୃତ୍ୟରେ ଭାରତୀୟ ସେନା ସାମିଲ ନ ହେବା ସହ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇ ନ ଥିଲା। ଏପରିକି ତାଙ୍କ ମରଶରୀରକୁ ଜନ୍ମସ୍ଥାନରେ ପହଞ୍ଚାଇବା ଲାଗି ସେନା ଗାଡ଼ି ଯୋଗାଇ ନ ଥିଲା। ଜଣେ ଶହୀଦଙ୍କ ପ୍ରତି ଏଭଳି ବ୍ୟବହାରକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲା।

### କର୍ତ୍ତବ୍ୟରେ ଥାଇ ମୃତ୍ୟୁ ହେଲେ ମିଳିବ ୧ କୋଟି

କର୍ତ୍ତବ୍ୟରେ ଥାଇ ଜଣେ ଅଗ୍ନିବୀରଙ୍କ ମୃତ୍ୟୁ ଘଟିଲେ ସରକାର ତାଙ୍କ ପରିବାରକୁ ୧ କୋଟି ଟଙ୍କା ଦେବେ। ଏକ ସରକାରୀ ସୂତ୍ର ଅନୁଯାୟୀ ମୃତ ଅଗ୍ନିବୀରଙ୍କ ପରିବାରକୁ ବୀମା ବାବଦରେ ୪୮ ଲକ୍ଷ ଟଙ୍କା, କ୍ଷତିପୂରଣ ବାବଦରେ ୪୪ ଲକ୍ଷ ସହିତ ଅଗ୍ନିବୀରଙ୍କ ସେବା ନିଧିର ୩୦ ପ୍ରତିଶତ ଏବଂ ସରକାର ଭରିଥିବା ସମପରିମାଣ ଅର୍ଥ ସୁଧ ସହ ପ୍ରଦାନ କରାଯିବ। ଏତଦ୍ ବ୍ୟତୀତ ୪ ବର୍ଷ କାର୍ଯ୍ୟକାଳ ପୂରଣ ହେବାକୁ ଥିବା ଅବଶିଷ୍ଟ ଅବଧି ପାଇଁ ପାରିଶ୍ରମିକ ସହ ସଶସ୍ତ୍ର ବଳ କାଜୁଆଲିଟି ଫଣ୍ଡରୁ ୮ ଲକ୍ଷ ଟଙ୍କା ପ୍ରଦାନ କରାଯିବ।

### ଫୁର୍‌ସତ୍

## ଶୁଅନ୍ତି କଫିନରେ



**ନୂଆଦିଲ୍ଲୀ**

ଲୋକେ ଭଲ ନିଦ୍ରାରେ ଶୋଇବାକୁ ଆରାମଦାୟକ ଖଟର ବ୍ୟବହାର କରିଥାନ୍ତି। ହେଲେ ଜଣେ ଯୁବତୀ ଏପରି ଏକ ସ୍ଥାନରେ ଶୁଅନ୍ତି, ଯାହା ଶୁଣିଲେ ବହୁତ ଅଜବ ଲାଗିବ। ଜଣେ ବ୍ୟକ୍ତି ମରିବା ପରେ ତାଙ୍କ ମରଶରୀରକୁ ଏକ କାଠବାକ୍ସ ଭିତରେ ରଖାଯାଇ କବର ଦିଆଯାଇଥାଏ। ହେଲେ ଯୁବତୀ ଜଣଙ୍କ ଛୋଟବେଳୁ ମୃତ ଲୋକଙ୍କ ପାଇଁ ଥିବା କାଠବାକ୍ସରେ ଶୋଇବାକୁ ସ୍ୱପ୍ନ ଦେଖିଆସୁଥିବା କହିଛନ୍ତି। ସେ ଶୋଇବା ପାଇଁ ଏକ ଖାସ୍ ଶବାଧାର ପ୍ରସ୍ତୁତ କରିଛନ୍ତି। ରିପୋର୍ଟ ମୁତାବକ, ସ୍ୟାଡ୍ ସ୍ୱାଇସ୍ ନାମକ ଟିକ୍‌ଟକ୍ ବ୍ୟବହାରକାରୀ ନିକଟରେ ତାଙ୍କ ଅଜବ ବେଡ୍‌ରୁମ୍ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତାଙ୍କର ପ୍ରାୟ ୬ ଲକ୍ଷରୁ ଅଧିକ ଫଲୋୟର୍ସ ଅଛନ୍ତି। ଭିଡିଓରେ ଏକ କଫିନ(ଶବାଧାର) ଥିବା ଦେଖିବାକୁ ମିଳିଛି। ଟେଲିଭିଜନରେ ଦେଖିବାକୁ ମିଳୁଥିବା କାଳ୍ପନିକ ଚରିତ୍ର ରାକ୍ଷସୀ, ଯାହାର ୨ ପଟର ଦାନ୍ତ ବଡ଼ ଥିବ, ସେ ସେହିପରି ନିଜର ଦାନ୍ତକୁ ବଡ଼ କରିଛନ୍ତି। ଏଥିସହ ତାଙ୍କ ରୁମ୍‌କୁ ମଧ୍ୟ ସେହିପରି ସଜାଇଛନ୍ତି। ସେ ୬ ଫୁଟ ୮ ଇଞ୍ଚର କଫିନରେ ଶୋଉଛନ୍ତି। ସେହି କଫିନ ଦେଖିବାକୁ ଆରାମଦାୟକ ଲାଗୁ ନ ଥିଲେ ମଧ୍ୟ ଯୁବତୀ ତାକୁ ବେଶ୍ ଆରାମଦାୟକ ବୋଲି କହିଛନ୍ତି। ସେ ଶୋଇବା ସମୟରେ କଫିନକୁ ବନ୍ଦ କରନ୍ତିନି। ଯୁବତୀ ଜଣକ କହିଛନ୍ତି, ତାଙ୍କୁ ୧୪ ବର୍ଷ ହୋଇଥିବାବେଳେ ସେ କଫିନରେ ଶୋଇବାକୁ ସ୍ୱପ୍ନ ଦେଖିଥିଲେ। ତାଙ୍କ କହିବା କଥା ଯେ ସେ ଏହି କଫିନ ଯୋଗୁ ଖରାପ ଜିନିଷରୁ ନିଜକୁ ବଞ୍ଚାଇପାରନ୍ତି।

## ଆମେରିକୀୟ ୟୁଟ୍ୟୁବରଙ୍କ ଉଦାରତା



**ନୂଆଦିଲ୍ଲୀ**

ଆମେରିକୀୟ ୟୁଟ୍ୟୁବର ଡରେନ ଜଶନ ୱାଟକିନ୍‌ସ ଜୁନିୟର ନିକଟରେ ଏପରି କାମ କରିଛନ୍ତି, ଯାହା ସମସ୍ତଙ୍କ ହୃଦୟକୁ ଛୁଇଁଛି। ତାଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ୟୁଟ୍ୟୁବର ଡରେନ ଭାରତ ଭ୍ରମଣରେ ଆସିଥିଲେ। ସେଠାରେ ଏକ ରାସ୍ତାରେ ଯିବାବେଳେ ତାଙ୍କ କାର୍‌ରୁ ଓହ୍ଲାଇ ଜଣେ ମହିଳାଙ୍କୁ ଭେଟିଥିଲେ। ଏହାପରେ ସେ ମହିଳାଙ୍କୁ କିଛି ଆର୍ଥିକ ସାହାଯ୍ୟ କରିଥିଲେ। ମହିଳା ଜଣକ ଡରେନଙ୍କଠାରୁ ଟଙ୍କା ନେଇ କାନ୍ଦିବାକୁ ଲାଗିଲେ। ଏହାପରେ ସେ ତାଙ୍କ ସମସ୍ୟା ଡରେନଙ୍କ ଆଗରେ କହିଥିଲେ।

## ତାରାଙ୍କ ପ୍ରେମରେ କାର୍ତ୍ତିକ



**ମୁମ୍ବାଇ:** ବଲିଉଡ୍‌ରେ ପ୍ରତିଦିନ ଅନେକ ସମ୍ପର୍କ ଗଢିଉଠିବା ସହ କିଛି ସମ୍ପର୍କ ଭାଙ୍ଗିଥାଏ। ତେବେ ବି-ଟାଉନରେ ଆଉ ୨ କଳାକାରଙ୍କ ମଧ୍ୟରେ ସମ୍ପର୍କ ଗଢି ଉଠିଥିବା ଜଣାପଡ଼ିଛି। ବଲିଉଡ୍‌ରେ ୨ ଲୋକପ୍ରିୟ କଳାକାର ଏବେ ପରସ୍ପରକୁ ଡେଟ୍ କରିବା ଆରମ୍ଭ କରିଛନ୍ତି। ସେମାନେ ହେଲେ କାର୍ତ୍ତିକ ଆର୍ଯ୍ୟନ ଓ ତାରା ସୁତାରିଆ। କିଛିଦିନ ହେବ ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳିଛି। ନିକଟରେ ଉଭୟେ ଏକ ଡିନର ଡେଟ୍‌ରେ ଯିବା ପରେ ଡେଟିଂ ଚର୍ଚ୍ଚା ଆରମ୍ଭ ହୋଇଛି। ଦୁହିଁଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସେଥିରେ ଉଭୟେ ଏକ ରେଷ୍ଟୁରାଣ୍ଟରୁ ବାହାରୁଥିବା ଦେଖିବାକୁ ମିଳିଛି। ଏହାପରେ କାର୍‌ରେ ବସିବା ପୂର୍ବରୁ ତାରା କାର୍ତ୍ତିକଙ୍କୁ ଆଲିଙ୍ଗନ କରୁଥିବା ନଜରକୁ ଆସିଛି। ସେମାନଙ୍କ ସହିତ ଖୁସି କପୁର ମଧ୍ୟ ସାମିଲ ଥିଲେ। ସେଠାରେ ରବିନା ଟଣ୍ଡନଙ୍କ ଝିଅ ରାଶା ଥାଡାନି, ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ଡିନରରେ ଥିବା ଦେଖିବାକୁ ମିଳିଛି। ପୂର୍ବରୁ ସେ ସାରା ଅଲି ଖାନଙ୍କ ସହ ଡେଟ୍ କରୁଥିଲେ। କାର୍ତ୍ତିକ ୨୦୧୧ରେ ତାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ଦର୍ଶକଙ୍କୁ ତାଙ୍କର ଅନେକ ଭେଟି ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ସତ୍ୟପ୍ରେମ କି କଥା'ରେ ଦେଖିବାକୁ ମିଳିଥିଲା। ଆସନ୍ତା ବର୍ଷ ଆସିବାକୁ ଥିବା ସିନେମା 'ଚନ୍ଦୁ ଚାମ୍ପିୟନ' ପାଇଁ ସେ ଏବେ ବ୍ୟସ୍ତ ଅଛନ୍ତି।

# ଆକୃଷ୍ଟ କରୁଛି ଆକର୍ଷଣୀୟ ରିହାତି

■୯ମ ଦିନରେ ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ମେଳା

■ବୟନିକାର ଆକର୍ଷଣୀୟ ଅଫର

ଭୁବନେଶ୍ୱର,୨୨।୧୦ (ଅଭୟ ଦାଶ)



ଚଳିତ ବର୍ଷ ପାର୍ବଣ ସମୟରେ ହ୍ୟାଣ୍ଡଲୁମ୍ ଆଣ୍ଡ ହାଣ୍ଡିକ୍ରାଫ୍ଟ ମେଳା (ଏକ୍ସପୋ)ର ଆୟୋଜନ ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆଠାରେ କରାଯାଇଛି। ବିଶେଷକରି ଶାରଦୀୟ ପୂଜା ବୁଲା ସାଙ୍ଗକୁ ସାରା ଦେଶର ଭଳିକି ଭଳି ପୋଷାକ ଓ ହସ୍ତଶିଳ୍ପ ସାମଗ୍ରୀର ବ୍ୟାପକ ସମ୍ଭାର ଉଭୟ ସହରବାସୀ ଏବଂ ପାର୍ବଣ ଉପଭୋକ୍ତାଙ୍କୁ ବେଶ୍ ଆକର୍ଷିତ କରିଛି। ଏପରିକି ପୂଜା ସାଙ୍ଗକୁ ରବିବାରର ଭିଡ଼ ମେଳାର କାରବାରକୁ ଦ୍ୱିଗୁଣିତ କରିଛି। ଅପରପକ୍ଷରେ ଓଡ଼ିଶା ସରକାରଙ୍କ ଅଗ୍ରଣୀ ସଂସ୍ଥା ବୟନିକା ଷ୍ଟଲରେ ଭିଡ଼ ଅଧିକ ଦେଖାଦେଇଥିବା ବେଳେ ବୟନିକାର ବିଶେଷ ସରକାରୀ ରିହାତି ୨୦+୧୦% ଗ୍ରାହକଙ୍କୁ ବେଶ୍ ଉତ୍ସାହିତ କରୁଛି। ସେହିଭଳି ଉକ୍ତ ମେଳାରେ ପ୍ରାୟ ୭୦ଟି ଷ୍ଟଲ ପଡିଥିବାବେଳେ ଓଡ଼ିଶା ସମେତ ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ, ଉତ୍ତର ପ୍ରଦେଶ, ରାଜସ୍ଥାନ, ମଧ୍ୟପ୍ରଦେଶ, ଗୁଜରାଟ, ବିହାର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ନାଟକ, ତେଲଙ୍ଗାନା, ଆସାମ, ପୁଡୁଚେରୀ, ତାମିଲନାଡୁ ଏବଂ ଜମ୍ମୁ-କାଶ୍ମୀର ଭଳି ରାଜ୍ୟର ବୁଣାକାର ସଂଘ, ନିଗମ ଓ ବ୍ୟବସାୟୀମାନଙ୍କର ଭଳିକି ଭଳି ପୋଷାକ ଉଭୟ ବିକ୍ରି ଓ ପ୍ରଦର୍ଶନୀ ପାଇଁ ମେଳାରେ ଉପଲବ୍ଧ। ସେହିପରି ଆକର୍ଷଣୀୟ ପୋଷାକ ସାଙ୍ଗକୁ ଘରକରଣା ସାମଗ୍ରୀ ଆଦି ଉପରେ ୨୦% ର ସ୍ୱତନ୍ତ୍ର ରିହାତି ଗ୍ରାହକମାନଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଏଠାରେ ସମସ୍ତ ଡେବିଟ ଓ କ୍ରେଡିଟ କାର୍ଡର ବ୍ୟବହାର କାରବାର ସମୟରେ ଗ୍ରହଣ କରାଯାଉଛି। ଉଲ୍ଲେଖଯୋଗ୍ୟ, କାମଧେନୁ ଖଦି ଉଲ୍ ପାନିପଥ ପକ୍ଷରୁ ହ୍ୟାଣ୍ଡଲୁମ ଆଣ୍ଡ ହାଣ୍ଡିକ୍ରାଫ୍ଟ ଏକ୍ସପୋର ଆୟୋଜନ ଭୁବନେଶ୍ୱରର ପ୍ରଦର୍ଶନୀ ପଡିଆଠାରେ କରାଯାଇଛି। ବିଶେଷକରି ଏହି ମେଳା ୨୦୨୩ ନଭେମ୍ବର ୧୧ ପର୍ଯ୍ୟନ୍ତ ଜାରି ରହିବ। ଏପରିକି ପ୍ରତିଦିନ ସକାଳ ୧୧ ଘଟିକାରୁ ସନ୍ଧ୍ୟା ୯ ଘଟିକା ପର୍ଯ୍ୟନ୍ତ ମେଳା ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ ବୋଲି କାମଧେନୁ ଖଦି ଉଲ୍ ପାନିପଥର ସମ୍ପାଦକ ରାଜେନ୍ଦ୍ର ଚୌଧୁରୀ ମତପ୍ରକାଶ କରିଛନ୍ତି।

## ଏସ୍‌ବିଆଇ କାର୍ଡର ଫେଷ୍ଟିଭ୍ ଅଫର

ଭୁବନେଶ୍ୱର, ୨୨।୧୦

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏସ୍‌ବିଆଇ କାର୍ଡ ପକ୍ଷରୁ ଫେଷ୍ଟିଭ ଅଫର-୨୦୨୩ ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଦେଶର ଲକ୍ଷ ଲକ୍ଷ ଏସ୍‌ବିଆଇ କାର୍ଡଧାରୀ ୨୨୦୦ ମର୍ଚ୍ଚାଣ୍ଟ ଫଣ୍ଡେଡ୍ ଓ କ୍ୟାଶବ୍ୟାକ ଅଫରର ସୁବିଧାକୁ ଅନଲାଇନ୍ ଓ ଅଫଲାଇନ୍ ମାଧ୍ୟମରେ ପାଇପାରିବେ। ଏପରିକି ଏହି ଅଫରଗୁଡ଼ିକୁ ବ୍ୟାପକ ଶ୍ରେଣୀୟ ଲୋକପ୍ରିୟ ବର୍ଗରେ ପ୍ରଦାନ କରାଯାଉଛି, ଯେଉଁଥିରେ କଞ୍ଜ୍ୟୁମର ଡ୍ୟୁରେବଲ୍, ମୋବାଇଲ୍, ଲାପଟପ୍, ଫେଶନ ଓ ଲାଇଫଷ୍ଟାଇଲ୍, ଜ୍ୱେଲେରି ଓ ଗ୍ରୋସେରି ଆଦି ଅନ୍ତର୍ଭୁକ୍ତ ରହିଛି। ଏ ସମ୍ପର୍କରେ ଏସ୍‌ବିଆଇ କାର୍ଡର ଏମ୍‌ଡି ତଥା ସିଇଓ ଅଭିଜିତ୍ ଚକ୍ରବର୍ତ୍ତୀ କହିଛନ୍ତି, ଏକ ଗ୍ରାହକକେନ୍ଦ୍ରିତ ବ୍ରାଣ୍ଡ ଭାବେ ଆମେ ସବୁବେଳେ ଆମ ଗ୍ରାହକଙ୍କ ସାମଗ୍ରିକ ଅଭିଜ୍ଞତା ବଢ଼ାଇବା ଉପରେ ଧ୍ୟାନ ଦେଉଛୁ। ଏଥିରେ କ୍ରମାଗତ ଭାବେ ସେମାନଙ୍କର ସପିଂ ଅଭିଜ୍ଞତାକୁ ଅଧିକ ଲାଭଦାୟକ କରିବା ଆମର ମୂଳ ଲକ୍ଷ୍ୟ ରହିଛି। ସେହିଭଳି ଏସବିଆଇ କାର୍ଡ ଅନେକ ଇଏମ୍‌ଆଇ ଫୋକସଡ୍ ଅଫର ପ୍ରଦାନ କରୁଛି ଓ ଏହା ସହିତ ଅନେକ ମାର୍କି ବ୍ରାଣ୍ଡକୁ ଏହା ସୁନିଶ୍ଚିତ କରିଥାଏ।

## ଆଭାଡା ଗ୍ରୁପ୍ ସହ ଜିପିଏଲ୍‌ର ବୁଝାମଣା




ଭୁବନେଶ୍ୱର, ୨୨।୧୦

ଦେଶର ଅଗ୍ରଣୀ ଶକ୍ତି କମ୍ପାନି ଆଭାଡା ଗ୍ରୁପ୍ ଏବଂ ଗୋପାଳପୁର ବନ୍ଦର ଲିମିଟେଡ୍ (ଜିପିଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷକରି ଏହି ଗୁରୁତ୍ୱପୂର୍ଣ୍ଣ ସହଯୋଗିତା ମାଧ୍ୟମରେ ଗୋପାଳପୁର ବନ୍ଦରଠାରେ ଏକ ଗ୍ରୀନ୍ ଆମୋନିଆ ସଂରକ୍ଷଣ ବ୍ୟବସ୍ଥା ସ୍ଥାପନ କରାଯିବ, ଯାହା ସବୁଜ ଭବିଷ୍ୟତ ଆଡ଼କୁ ଯାତ୍ରା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବ। ଏପରିକି ପରିବେଶ ମିତବ୍ୟୟୀ ସମାଧାନ ଗ୍ରୀନ୍ ଆମୋନିଆ ନେଟ୍ ଜିରୋ ନିର୍ଗତ ଲକ୍ଷ୍ୟ ହାସଲ କରିବାରେ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏହି ବୁଝାମଣା ପତ୍ର (ଏମ୍‌ଓୟୁ) ହେଉଛି ସେ ଦିଗରେ ଏକ ବଡ଼ ପଦକ୍ଷେପ, ଯାହାଦ୍ୱାରା ଗ୍ରୀନ୍ ଆମୋନିଆ ରପ୍ତାନି ହବ୍‌ରେ ପରିଣତ ହେବା ଲାଗି ତାହା ବନ୍ଦରକୁ ସକ୍ଷମ କରିବ।

ଏହି ପରିପ୍ରେକ୍ଷୀରେ ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ମିଶ୍ର, ଗୋପାଳପୁର ବନ୍ଦର ଲିମିଟେଡ୍‌ର ସିଇଓ ଜନାର୍ଦ୍ଦନ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଆଭାଡା ଗ୍ରୁପ୍‌ର ଅଧ୍ୟକ୍ଷ ବିନୀତ ମିତଲ କହିଛନ୍ତି, ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଜରୁରୀ ହୋଇଥିବାବେଳେ ଅର୍ଥନୈତିକ ବିକାଶକୁ ସୁଦୃଢ଼ କରିବା ଏବଂ ସମସ୍ତଙ୍କ ସମୃଦ୍ଧି ପାଇଁ ବିଶ୍ୱବ୍ୟାପୀ ବ୍ୟବସାୟ ଓ ସରକାର ଅଧିକ ଦୀର୍ଘସ୍ଥାୟୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏପରିକି ସମସ୍ତ କ୍ଷେତ୍ର ଓ ଭୌଗୋଳିକ ସ୍ଥାନରେ ଡିକାର୍ବନାଇଜେଶନକୁ ତ୍ୱରାନ୍ୱିତ କରିବା ଲାଗି ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଏହାର ଡେରିଭେଟିଭ୍ ଉଭା ହୋଇଛି। ସେହିପରି ଅକ୍ଷୟ ଶକ୍ତିରେ ବ୍ୟାପକ ସମ୍ଭାବନା ଓ ଦକ୍ଷ ଶ୍ରମ ଶକ୍ତିକୁ ନେଇ ବିଶ୍ୱ ଗ୍ରୀନ ହାଇଡ୍ରୋଜେନ ଓ ଏହାର ଡେରିଭେଟିଭ୍ ଚାହିଦା ପୂରଣ କରିବାରେ ଭାରତ ପ୍ରମୁଖ ଭୂମିକା ନିର୍ବାହ କରିବ। ଅପରପକ୍ଷରେ ଏକ କାର୍ବନ ନିଉଟ୍ରାଲ ଦୁନିଆର ସନ୍ଧାନରେ ଗୋପାଳପୁର ବନ୍ଦର ସହିତ ଆଭାଡାର ସହଯୋଗିତା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖଣ୍ଟ ହେବ।

## ଏମ୍‌ଏସ୍‌ଇଡିସିଏଲ୍‌କୁ ୫୦,୦୦୦ ଏସ୍‌ପିଡବ୍ଲ୍ୟୁପିଏସ୍

ଭୁବନେଶ୍ୱର, ୨୨।୧୦

ମହାରାଷ୍ଟ୍ର ରାଜ୍ୟ ବିଦ୍ୟୁତ ବିତରଣ କମ୍ପାନି ଲିମିଟେଡ (ଏମ୍‌ଏସ୍‌ଇଡିସିଏଲ୍) କୁ ନିକଟରେ ୫୦,୦୦୦ ଅଫ ଗ୍ରୀଡ ସୋଲାର ଫଟୋ ଭୋଲଟାଇକ ୱାଟର ପମ୍ପିଂ ସିଷ୍ଟମ (ଏସ୍‌ପିଡବ୍ଲ୍ୟୁପିଏସ) ଶକ୍ତି ପମ୍ପ ପକ୍ଷରୁ ଯୋଗାଇ ଦିଆଯାଇଛି। ବିଶେଷ କରି ପିଏମ୍ କୁସୁମ ଯୋଜନାର ଫେଜ ୩ ପାଇଁ ଉକ୍ତ ପରିମାଣର ପମ୍ପ କମ୍ପାନୀ ପକ୍ଷରୁ ଦିଆଯାଇଛି, ଯାହାର ମୂଲ୍ୟ ପ୍ରାୟ ୧୬୦୩ କୋଟି ହେବ ବୋଲି କୁହାଯାଇଛି। ଏପରିକି ଉକ୍ତ ଯୋଜନା ଅଧୀନରେ କୃଷକମାନେ ୯୦% ସବ୍‌ସିଡି ପାଉଛନ୍ତି। ଫଳରେ କୃଷକମାନେ ଉକ୍ତ ଯୋଜନା ଜରିଆରେ ଯଥେଷ୍ଟ ଉପକୃତ ହୋଇପାରିଛନ୍ତି। ବିଶେଷ କରି କମ୍ପୋନେଣ୍ଟ ବି ୩, ୫ ଓ ୭.୫ ଏଚପି କ୍ଷମତା ବିଶିଷ୍ଟ ଷ୍ଟାଣ୍ଡାଲୋନ ସୋଲାର ଚାଳିତ କୃଷି ପମ୍ପ ବ୍ୟବହାର ଯୋଗ୍ୟ ଅଟେ।

ଏ ସମ୍ପର୍କରେ ଶକ୍ତି ପମ୍ପର ଅଧ୍ୟକ୍ଷ ଦିନେଶ ପାଟିଦାର କହିଛନ୍ତି, ଏହି ପଦକ୍ଷେପ ଲାଗି ମହାରାଷ୍ଟ୍ରର ଉତ୍ସର୍ଗୀକୃତ କୃଷକ ତଥା ଏମ୍‌ଏସ୍‌ଇଡିସିଏଲ ସରକାରୀ କର୍ମଚାରୀଙ୍କୁ ଆମେ କୃତଜ୍ଞତା ଜଣାଉଛୁ। ଏହି ପଦକ୍ଷେପ ଡିସ୍‌କମକୁ ସବସିଡି କ୍ଷତି ଭାରରୁ ମୁକ୍ତ କରିବ। ବିଶେଷ କରି ଯେଉଁ କୃଷକଙ୍କ ପାଇଁ ବିଦ୍ୟୁତ ଯୋଗାଣର ସମସ୍ୟା ରହିଛି, ସେମାନେ ଏହି ପମ୍ପ ବ୍ୟବହାର କରି ବେଶ୍ ଉପକୃତ ହୋଇପାରିବେ। ଏପରିକି କୃଷକଙ୍କ ପାଇଁ ଆଉ ଜଳ ସମସ୍ୟା ରହିବ ନାହିଁ, ସେମାନେ ବର୍ଷ ସାରା ଫସଲ ଅମଳ କରିପାରିବେ।

ଉଲ୍ଲେଖଯୋଗ୍ୟ, ଡିଜେଲରୁ ସୌରପମ୍ପକୁ ପରିବର୍ତ୍ତନ କରିବା ଦ୍ୱାରା ଅର୍ଥନୈତିକ ସଞ୍ଚୟ, ଶକ୍ତି ସ୍ୱାଧୀନତା ମିଳିବା ସହିତ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ଓ ବାୟୁ ପ୍ରଦୂଷଣ ହ୍ରାସ ପାଇବ। ଏପରିକି ଗତ ତିନି ବର୍ଷ ମଧ୍ୟରେ ଶକ୍ତି ପମ୍ପର ଉଲ୍ଲେଖନୀୟ ସଫଳତା ଯଥେଷ୍ଟ ଅଧିକ ରହିଛି, କୃଷକମାନେ ଏହାକୁ ବ୍ୟବହାର କରି ଲାଭ ପାଉଛନ୍ତି। ଏହା ସୁଗମ, ଖର୍ଚ୍ଚ ହ୍ରାସକାରୀ ଓ ସ୍ଥାୟିତ୍ୱ ବଜାୟ ରଖିବା ସହିତ ପରିବେଶକୁ ସୁରକ୍ଷିତ ରଖିଥାଏ।

## ବଦଳିବ ୮୪ କୁଟିଆ ରୂପରେଖ

ନୂଆ ରୂପରେ ନେବ ମହର୍ଷି ମହେଶ ଯୋଗୀଙ୍କ ଆଶ୍ରମ

ଭୁବନେଶ୍ୱର,୨୨।୧୦( ଅନୁରାଧା ମହାରଣା)



ମହର୍ଷି ମହେଶ ଯୋଗୀଙ୍କ ଦ୍ୱାରା ଟ୍ରାନ୍ସେଡେଣ୍ଟାଲ ମେଡିଟେଶନ (ଯୋଗ ଓ ଧ୍ୟାନ)ର ପ୍ରଚାର ପ୍ରସାରର ଆରମ୍ଭ ହୋଇଥିବା ବିଟିଲ୍ସ ଆଶ୍ରମ ବା ୮୪ କୁଟିଆର ରୂପରେଖ ବଦଳିବ। ଏନେଇ ଉତ୍ତର ପ୍ରଦେଶ ପର୍ଯ୍ୟଟନ ବିଭାଗ ଓ ବନ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ୧୯୬୩ରେ ବନ ବିଭାଗ ଅଧୀନରେ ଥିବା ଜମି ମହର୍ଷି ଲିଜ୍ ନେବା ପରେ ଏହାକୁ ଇଣ୍ଟରନ୍ୟାଶନାଲ ଏକାଡେମୀ ଅଫ୍ ମେଡିଟେଶନ ନାମରେ ନାମିତ କରିଥିଲେ। ତେବେ ଅନେକ ଏହାକୁ ଶଙ୍କରାଚାର୍ଯ୍ୟନଗର ଭାବେ ଜାଣନ୍ତି। ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଏହି କେନ୍ଦ୍ର ଶ୍ରଦ୍ଧାଳୁଙ୍କୁ ନିଆରା ଅନୁଭୂତି ଦେଇଥାଏ। ୧୯୭୦ରୁ ୧୯୮୦ ମଧ୍ୟରେ ଏକ ଲୋକପ୍ରିୟ ଧ୍ୟାନକେନ୍ଦ୍ର ଭାବେ ପରିଚିତ ଏହି ସ୍ଥାନର ଲିଜ ଅବଧି ସମାପ୍ତ ପରେ ପରିତ୍ୟକ୍ତ ହୋଇପଡ଼ିବା ସହ ଏହା ଲୋକପ୍ରିୟତା ହରାଇବାକୁ ଲାଗିଥିଲା। ତେବେ ଉତ୍ତରାଖଣ୍ଡ ପର୍ଯ୍ୟଟନ ଉନ୍ନୟନ ନିଗମ (ୟୁଟିଡିବି) ପକ୍ଷରୁ କନ୍‌ସଲାଟନ୍ସି ଫାର୍ମ ଏସିପି ଡିଜାଇନ୍, ପ୍ଲାନିଂ ଆଣ୍ଡ ମାନେଜ୍‌ମେଣ୍ଟ ପ୍ରାଇଭେଟ୍ ଲିମିଟେଡକୁ ଭିଜନ୍ ଡକ୍ୟୁମେଣ୍ଟ, ମାଷ୍ଟର ପ୍ଲାନ୍ ତଥା ଇଞ୍ଜିନିୟରିଂ ଡିଜାଇନ୍ ପ୍ରଦାନ ନେଇ ଆଲୋଚନା କରାଯାଇଛି। ଏହି କେନ୍ଦ୍ରର ପୁନରୁଦ୍ଧାର ଫଳରେ ଏକ ସ୍ୱତନ୍ତ୍ର ପର୍ଯ୍ୟଟନସ୍ଥଳ ଭାବେ ଦେଶବିଦେଶରେ ପରିଚୟ ପାଇବ ବୋଲି ଆଶା କରାଯାଉଛି।

ମହର୍ଷି ଅନ୍ତର୍ଜାତୀୟ ସ୍ତରରେ 'ଯୌଗିକ ଉଡ଼ାଣ' ତଥା 'ଧ୍ୟାନରୁ ଉତ୍ତୋଳନ' କଳା ଶିଖାଉଥିବାବେଳେ ଏହି ସ୍ଥାନର ପୁନର୍ବିକାଶ ଏହି ଧାରାକୁ ବଜାୟ ରଖିବ । ସମଗ୍ର ବିଶ୍ୱରୁ ସଙ୍ଗୀତଜ୍ଞ, ଗବେଷକ ତଥା ମହର୍ଷିଙ୍କ ଅନୁଗତମାନଙ୍କୁ ଆକର୍ଷିତ କରିବା ସହ ନୃତ୍ୟ, ସଙ୍ଗୀତ ଆଦି କଳାର ପ୍ରଚାରପ୍ରସାରକୁ ପ୍ରୋତ୍ସାହିତ କରିବ।

## ବନ୍ଧନ ବ୍ୟାଙ୍କର ତ୍ରୈମାସିକ ଫଳାଫଳ

ଭୁବନେଶ୍ୱର, ୨୨।୧୦

ବନ୍ଧନ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୩-୨୪ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକରେ ବ୍ୟାଙ୍କର ଜମା ପୂର୍ବ ବର୍ଷର ସମାନ ତ୍ରୈମାସିକ ତୁଳନାରେ ୧୨.୮% ବୃଦ୍ଧି ପାଇଛି। ଏପରିକି ମୋଟ ଜମା ବର୍ତ୍ତମାନ ୧.୧୨ ଲକ୍ଷ କୋଟି ଟଙ୍କା ରହିଛି। ଚଳନ୍ତି (କରେଣ୍ଟ) ଓ ସଞ୍ଚୟ ଖାତା ପୁସ୍ତିକା (କାସା) ମୋଟ ଜମାର ୩୮.୫% ରହିଛି। ସେହିପରି ମୋଟ ଅଗ୍ରିମ ବର୍ତ୍ତମାନ ୧.୦୮ ଲକ୍ଷ କୋଟି ଟଙ୍କା ରହିଛି। ବ୍ୟାଙ୍କ ସ୍ଥିରତାର ସଙ୍କେତ ଭାବେ ବିଚାର କରାଯାଉଥିବା ପୁଞ୍ଜି ସ୍ୱଚ୍ଛତା ଅନୁପାତ (ସିଏଆର୍) ୧୯.୨% ରହିଛି, ଯାହା ନିୟାମକ ଆବଶ୍ୟକତା ତୁଳନାରେ ଅଧିକ ରହିଛି, ଏପରିକି ବ୍ୟାଙ୍କର ବିବିଧୀକରଣ ଏଜେଣ୍ଡା ଅନୁସାରେ ବନ୍ଧନ ବ୍ୟାଙ୍କର ରିଟେଲ୍ ଋଣ ବୁକ୍‌ରେ ସୁସ୍ଥକର ୮୦% ବୃଦ୍ଧି ଘଟିଛି। ବ୍ୟାଙ୍କର ମୋଟ ଜମାରେ ରିଟେଲ୍‌ର ଭାଗ ବର୍ତ୍ତମାନ ୭୪% ରହିଛି। ଏହି ସମୟରେ ବ୍ୟାଙ୍କର ମୋଟ ବ୍ୟବସାୟ ୨.୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ହୋଇଛି। ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଚନ୍ଦ୍ରଶେଖର ଘୋଷ କହିଛନ୍ତି, ଦ୍ୱିତୀୟ ତ୍ରୈମାସିକର କାରବାର ବ୍ୟାଙ୍କ ପାଇଁ ବେଶ୍ ଉତ୍ସାହଜନକ ତ୍ରୈମାସିକ ହୋଇଛି। ଏପରିକି ବ୍ୟାଙ୍କର ବିବିଧୀକରଣ ଏଜେଣ୍ଡା ଅନୁସାରେ ବ୍ୟାଙ୍କ ତା'ର ରିଟେଲ୍ ବ୍ୟାଙ୍କିଂ ପୋର୍ଟଫୋଲିଓକୁ ଆହୁରି ବଢ଼ାଇବା ଉପରେ ଗୁରୁତ୍ୱାରୋପ କରୁଛି, ଗତ କିଛି ତ୍ରୈମାସିକରେ ଶୁଭାରମ୍ଭ କରାଯାଇଥିବା ନୂଆ କାରବାର କ୍ଷେତ୍ରକୁ ନେଇ ଚଳିତ ଆର୍ଥିକ ବର୍ଷର ପ୍ରଦର୍ଶନ ଭଲ ରହିବ ବୋଲି ଆମର ବିଶ୍ୱାସ ରହିଛି।

ଅନ୍ୟାନ୍ୟ ଖବର

## ସଫା କରିବା ଆଳରେ ଅଳଙ୍କାର ଲୁଟ୍

ଖୁଣ୍ଟୁଣୀ, ୨୨।୧୦ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅଧୀନ ଉପର ସାହିର ବିଶ୍ୱରଞ୍ଜନ ପାତ୍ରଙ୍କ ଘରୁ ୨ ଜଣ ଦୁର୍ବୃତ୍ତ ସଫା କରିବା ଆଳରେ ସୁନା ଅଳଙ୍କାର ଲୁଟି ନେଇଛନ୍ତି। ରବିବାର ମଧ୍ୟାହ୍ନରେ ଦୁର୍ବୃତ୍ତ ଦ୍ୱୟ ଏକ ବାଇକ୍‌ରେ ଆସି ବିଶ୍ୱରଞ୍ଜନଙ୍କ ଘରେ ପହଞ୍ଚିଥିଲେ। ଘରେ ଥିବା ଜଣେ ମହିଳାଙ୍କୁ ସୁନା ଅଳଙ୍କାର ସଫା କରିବା ପାଇଁ କହିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ଘର ବାହାରକୁ ପଳାଇ ଯାଇଥିଲେ। ପରେ ମହିଳା ଜଣଙ୍କ ଘରେ ଥିବା ଦୁର୍ବୃତ୍ତଙ୍କୁ ସଫା କରିବା ପାଇଁ ଚେନ୍, ହାର, ମଙ୍ଗଳସୂତ୍ର ଓ ମୁଦି ଦେଇଥିଲେ। ଦୁର୍ବୃତ୍ତ ଜଣଙ୍କ ଏକ ଟିଫିନ ଭିତରେ ଅଳଙ୍କାଗୁଡିକ ରଖି କିଛି କେମିକାଲ ପକାଇ ଘୋଡଣି ଦେଇଥିଲେ। ଅନ୍ୟ ଏକ ଖାଲି ଟିଫିନ ନିଜ ପାଖରେ ରଖିଥିଲେ। ମହିଳାଙ୍କ ଅନ୍ୟ ମନସ୍କତାର ସୁଯୋଗ ଦେଖି ଅଳଙ୍କାର ରଖିଥିବା ଟିଫିନକୁ ବଦଳାଇ ଦେଇଥିଲେ। ଖାଲି ପାଣି ଥିବା ଟିଫିନକୁ ମହିଳାଙ୍କୁ ଦେବା ସହ ଏହାକୁ ଗ୍ୟାସ୍‌ରେ ଗରମ କରି ଆଣ ବୋଲି କହିଥିଲେ। ମହିଳା ଘର ଭିତରକୁ ଯାଇ ଗରମ କରି ଫେରିବା ପରେ ଦୁର୍ବୃତ୍ତ ଜଣଙ୍କ ନ ଥିବା ଦେଖିବାକୁ ପାଇଥିଲେ। ପରେ ସେ ପାଟି କରି ବାରୁ ସାହି ଲୋକେ ଏକାଠି ହୋଇ ଖୋଜାଖୋଜି କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ପାଇ ନ ଥିଲେ। ରିପୋର୍ଟ ଲେଖାଯିବାବେଳକୁ ଥାନାରେ ଏ ନେଇ ଅଭିଯୋଗ ହୋଇନାହିଁ।

## ୬ ପୂଜା ମଣ୍ଡପ ନିକଟରେ ଖୋଲିଲା କିଓସ୍କ

ସ୍ୱଚ୍ଛତା ବାର୍ତ୍ତା ବାଣ୍ଟିବେ ବିଏମ୍‌ସି କର୍ମଚାରୀ



ଭୁବନେଶ୍ୱର, ୨୨।୧୦। (ବନ୍ଦନା ସେଠୀ)

ସ୍ୱଚ୍ଛ ଓ ସବୁଜ ଭୁବନେଶ୍ୱର ବାର୍ତ୍ତା ଦେବାପାଇଁ ବିଭିନ୍ନ ପୂଜା ମଣ୍ଡପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କିଓସ୍କ ଖୋଲାଯାଇଛି। ମେୟର ସୁଲୋଚନା ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ କରିବା ପାଇଁ ବିଏମ୍‌ସି ପକ୍ଷରୁ ବିଭିନ୍ନ ପଦକ୍ଷେପମାନ ନିଆଯାଉଥିବାବେଳେ ଏହାର ଅଂଶ ସ୍ୱରୂପ ରାଜଧାନୀର ସମସ୍ତ ପୂଜା ମଣ୍ଡପରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ପ୍ରୟାସ ଜାରି ରହିଛି। ଏହି କ୍ରମରେ ସହରର ୬ଟି ବଡ ପୂଜା ମଣ୍ଡପରେ କିଓସ୍କ ଖୋଲାଯାଇଛି। ସହରର ମୋଟ ୧୮୫ଟି ପୂଜା ମଣ୍ଡପରେ ସ୍ୱଚ୍ଛତାର ପଞ୍ଚସୂତ୍ର ସଂପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଅସ୍ଥାୟୀ ସୂଚନା ଫଳକ ବିଏମ୍‌ସି ପକ୍ଷରୁ ଲାଗିଛି। କିଓସ୍କରେ ଦର୍ଶନାର୍ଥୀ ଓ ଶ୍ରଦ୍ଧାଳୁଙ୍କୁ ସଚେତନ କରିବା ପାଇଁ ଠେଲାଗାଡି ଦୋକାନୀଙ୍କ ସହ ନାଗରିକଙ୍କୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ସହର ସମ୍ପର୍କରେ ସଚେତନ କରାଇବେ। ସ୍ଥାନୀୟ କର୍ପୋରେଟରଙ୍କ ତତ୍ତ୍ୱାବଧାନରେ କିଓସ୍କଗୁଡିକ ପରିଚାଳିତ ହେଉଥିବାବେଳେ ସବୁ ପୂଜା କମିଟିର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସହଯୋଗ କରୁଛନ୍ତି। ଶ୍ରଦ୍ଧାଳୁ ଓ ଜନସାଧାରଣ ଯେପରି ଅଳିଆ ଡଷ୍ଟବିନରେ ପକାଇବେ, ଦୋକାନୀମାନେ ଅଳିଆ ଗଦାକୁ ପୋଡିବେ ନାହିଁ, ଓଦା ଓ ଶୁଖିଲା ଅଳିଆକୁ ଅଲଗା ଅଲଗା କରି ବିଏମ୍‌ସି ସଫା ଗାଡିକୁ ଦେବେ, ଏକକ ବ୍ୟବହାର ପ୍ଲାଷ୍ଟିକକୁ ସଂପୂର୍ଣ୍ଣ ଭାବେ ବର୍ଜନ କରିବା ଆଦି ସମ୍ପର୍କରେ ବିଏମ୍‌ସି କର୍ମଚାରୀ ସଚେତନତା ବାର୍ତ୍ତା ବାଣ୍ଟିବେ। ପୂଜା ମଣ୍ଡପ ଓ ଏହାର ଆଖପାଖରୁ ଦିନକୁ ତିନି ଥର ଲେଖାଏ ଅଳିଆ ଉଠାଇବା ପାଇଁ ବିଭିନ୍ନ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି। ଅପରପକ୍ଷେ କିଓସ୍କ ନିକଟରେ ଥିବା ସେଲ୍ଫି ପଏଣ୍ଟ ଶ୍ରଦ୍ଧାଳୁଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଛୋଟପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ସେଠାରେ ସେଲ୍ଫି ନେବାକୁ ବେଶ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି।

## ଦୁର୍ଘଟଣାରେ ମହିଳା ମୃତ

ଛତିଆ,୨୨।୧୦(ସୌମ୍ୟରଞ୍ଜନ ସାହୁ)

ପଶ୍ଚିମବଙ୍ଗରୁ ପୁରୀ ଅଭିମୁଖେ ଯାଉଥିବା ଏକ କାର୍ ଯାଜପୁର ଜିଲା ଛତିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇ ଥିବାବେଳେ ଅନ୍ୟ ୪ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି।

## ମା'ଦୁର୍ଗାଙ୍କୁ ଦର୍ଶନ କଲେ ସଂସ୍କୃତି ମନ୍ତ୍ରୀ

କଟକ,୨୨।୧୦(ସୁପ୍ରିୟା ପ୍ରିୟଦର୍ଶନୀ)



କଟକ ଶେଖ୍ ବଜାର ପୂଜା ମଣ୍ଡପରେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ରଙ୍କ ସହ ଅନ୍ୟମାନେ।

କଟକର ବିଭିନ୍ନ ମଣ୍ଡପରେ ମା'ଦୁର୍ଗାଙ୍କ ମହାଷ୍ଟମୀ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ମଣ୍ଡପ ଝଲସିଉଠୁଛି। ମା'ଙ୍କୁ ଦର୍ଶନ ପାଇଁ ମଣ୍ଡପରେ ଗହଳି ଲାଗିଛି। ଏହି ଅବସରରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ସପରିବାର ସହରର ପୂଜା ମଣ୍ଡପ ପରିଦର୍ଶନ କରିଛନ୍ତି। କଟକ ମହାନଗର ନିଗମ ମେୟର ସୁବାସ ସିଂ ମନ୍ତ୍ରୀ ପାତ୍ରଙ୍କୁ ସ୍ୱାଗତ କରିଥିଲେ। ମନ୍ତ୍ରୀ ପ୍ରଥମେ ମା' କଟକ ଚଣ୍ଡୀଙ୍କ ଦର୍ଶନ କରିଥିଲେ। ପରେ ଶେଖ୍ ବଜାର ଚାନ୍ଦି ମେଢ଼ ଦେଖିବାକୁ ଯାଇଥିଲେ। ସେଠାରେ ଶେଖ୍ ବଜାର ପୂଜା କମିଟି ପକ୍ଷରୁ ମନ୍ତ୍ରୀ ଓ ମେୟରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ଅବସରରେ ନିରାମୟ ଉପଦେଷ୍ଟା ରଞ୍ଜନ କୁମାର ବିଶ୍ୱାଳ, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ ମୋନାଲିଶା ଦାସ, କର୍ପୋରେଟର ବସନ୍ତ କୁମାର ବେହେରା, ଶେଖ୍‌ବଜାର ପୂଜା କମିଟି ସମ୍ପାଦକ କିଶୋର ବେହେରା, ଦେବେନ୍ଦ୍ର ପାଣିଗ୍ରାହୀ, ସାକିଲ ଅଖ୍‌ତାର, କ୍ୟାଟରିଂ କର୍ମଚାରୀ ସଂଘ ସଭାପତି ବିନୋଦ ପଣ୍ଡା ପ୍ରମୁଖ ଉପସ୍ଥିତଥିଲେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST-350E, ତା.18.10.2023ରିଖ

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଶାଳଗାଁ-ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍‌ର ନିର୍ମାଣ ସମ୍ବନ୍ଧୀୟ ମେରାମଣ୍ଡଳୀ (MRDL)/TSS, ଯୋରନ୍ଦା (JRZ)/SP, ହିନ୍ଦୋଳ (HNDL)/SSP, ଦାଣ୍ଡିମାଳ (DNDL)/SP, ରାଜଆଠଗଡ଼ (RJGR)/SSP ଏବଂ ଶାଳଗାଁ (SQQ)/SPର ଲେଫ୍ଟଓଭର ଫାଉଣ୍ଡେସନ କାର୍ଯ୍ୟ ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 93.17 ଲକ୍ଷ, EMD : ₹ 1,86,400/-, କାର୍ଯ୍ୟ ଶେଷ ହେବା ଅବଧି : 03 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.11.2023ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଘଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଉପରର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-I)/ ଭୁବନେଶ୍ୱର

PR-79/CG/23-24


## ଜୟଦୁର୍ଗା ଗ୍ରୁପର ବାର୍ଷିକ ଉତ୍ସବ



ଭୁବନେଶ୍ୱର,୨୨।୧୦

ରାଜ୍ୟର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ତଥା ଜୟଦୁର୍ଗା ଗ୍ରୁପ ଅଫ୍ କମ୍ପାନିଜର ବାର୍ଷିକ ଉତ୍ସବ ରବିବାର ସତ୍ୟବିହାରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଓ କାରଖାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏପରିକି ଚଳିତ ବର୍ଷ ଦୁର୍ଗାପୂଜାର ମହାଷ୍ଟମୀ ଅବସରରେ କମ୍ପାନୀର ଶୁଭେଚ୍ଛୁ ଓ କାରଖାନା କର୍ମଚାରୀମାନଙ୍କୁ ନେଇ ଏକ ବନ୍ଧୁମିଳନ ସାଙ୍ଗକୁ ପୂଜାବିଧି ମଧ୍ୟ ରୀତିନୀତି ଅନୁସାରେ ଶେଷ ହୋଇଥିଲା।

ଏ ସମ୍ପର୍କରେ ଜୟଦୁର୍ଗା ଗ୍ରୁପର ଏମ୍‌ଡି ଇଂ. ବାବୁରାମ ସ୍ୱାଇଁ କହିଛନ୍ତି, ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଆଡମ୍ବର ସହକାରେ ପାଳନ କରାଯାଇଛି। ସେହିଭଳି କମ୍ପାନୀର ଅଭିବୃଦ୍ଧି ସାଙ୍ଗକୁ ଉଭୟ କର୍ମଚାରୀ ଓ ଗ୍ରାହକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ମଧ୍ୟ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ପରିଶେଷରେ ବ୍ୟବସାୟିକ ଉନ୍ନତି ପାଇଁ ଦୁର୍ଗା ମାଆଙ୍କର ଆଶୀର୍ବାଦ ଓ ଗ୍ରାହକଙ୍କ ଭଲ ପାଇବାକୁ ପାଥେୟ କରି ଆଗକୁ ବଢ଼ିବାର ସଙ୍କଳ୍ପ କରିଥାଉ ବୋଲି ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଜୟଦୁର୍ଗା ଗ୍ରୁପର ପ୍ରମୁଖ ସଂସ୍ଥା ଯଥା ଜୟଦୁର୍ଗା କେମିକାଲ୍ସ, ଜୟଦୁର୍ଗା ପେଟ୍ ଇଣ୍ଡଷ୍ଟ୍ରିଜ, ଜୟଦୁର୍ଗା ହୋମ୍ କେୟାର ପ୍ରା.ଲି ଏବଂ ସ୍ୱାଇଲ ଗୋଲ୍ଡ ଜୁଏଲର୍ସ ଏବଂ ସ୍ୱାଇଲ ହେଲ୍‌ଥ କେୟାର ଭଳି ସଂସ୍ଥା ସାମିଲ ରହିଛି।


**DIRECTORATE OF GROUND WATER DEVELOPMENT, ODISHA**
**Office of the Deputy Director, Geology, GWD Division, Angul**
**At- Tikira Irrigation Colony, Matiasahi, Dist.- Angul, Pin- 759143**
**[e-mail: ddgangul.gwd@gmail.com]**
**INVITATION FOR BIDS (IFB)**

e-Procurement Notice: 883 Date: 18.10.2023

**Bid Identification No. 01/GWDANG/ARUA/ 2023-24**
**(Single-Envelope Bidding Process)**

No.A-699:- Deputy Director, Geology, GWD Division, Angul, At- Tikira Irrigation Colony, Matiasahi, Angul-759143 on behalf of Governor of Odisha invites bids from bidders Class 'D' and 'C' registered with the State Governments and bidders of equivalent Grade/Class registered with Central Government /MES/ Railways for the construction of works following work.

Bids must be submitted online on or before 06.11.2023 at 14.00 hrs. IST (system server time). Proposals will be opened online on 06.11.2023; at 15.00 hours. In the event of the date specified for proposal opening being declared as a closed holiday for the purchaser's office, the due date for opening of bid will be the following working day at the appointed time. Details of the tender will be available in the procurement portal www.tendersodisha.gov.in.

| Sl. No. | Description | Details |
|---|---|---|
| 1 | Name of the work | Construction of 06 Nos. Recharge Shafts in existing Tanks / Ponds of Talcher block under Angul district |
| 2 | Start date of availability of bid document online (bid download) | 26.10.2023 from 11.00 hrs. |
| 3 | Last date of availability of bid document online (bid download) | 06.11.2023 upto 14.00 hrs. |
| 4 | Last date and time for receipt of bid document (Bid Submission end date & time) | 06.11.2023 upto 14.00 hrs. |
| 5 | Date & time of opening of bid document (bid opening date) | 06.11.2023 upto 15.00 hrs. |

OIPR-32422/11/0003/2324 Sd./- Deputy Director, Geology, GWD Division, Angul

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବେଗୁନିଆରୁ ଲଢ଼ିବେ ପୃଥ୍ୱୀବଲ୍ଲଭ: ସୁରେଶ

**ଖୋର୍ଦ୍ଧା,୨୨।୧୦(ପ୍ରଭାତ ପାଣିଗ୍ରାହୀ):** ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୁଅ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଆସନ୍ତା ସାଧାରଣ ନିର୍ବାଚନରେ କଂଗ୍ରେସ ଟିକେଟରେ ବେଗୁନିଆରୁ ନିର୍ବାଚନ ଲଢ଼ିବେ। ଏନେଇ ରବିବାର ଖୋର୍ଦ୍ଧାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି। ରାଉତରାୟ କହିଛନ୍ତି ଯେ, ପୃଥ୍ୱୀବଲ୍ଲଭ ରାଜନୀତିରେ ସକ୍ରିୟ ଭୂମିକା ଗ୍ରହଣ କରିବା ସହ ବିଧାୟକ ହୁଅନ୍ତୁ ବୋଲି ଜାନକୀବାବୁଙ୍କ ଇଚ୍ଛା ଥିଲା। ତେବେ ପରିବାରବାଦ ବିବାଦ ଯୋଗୁ ପୃଥ୍ୱୀବଲ୍ଲଭଙ୍କୁ ସୁଯୋଗ ମିଳି ନ ଥିଲା। ଜାନକୀବାବୁ ମୋତେ କହିଥିଲେ, ମୋ ପୁଅକୁ ତମେ ଟିକେଟ ଦେବ। ତାଙ୍କୁ ନିର୍ବାଚନରେ ଜିତାଇବ। ସେ ବିଧାୟକ ହେଲେ ମୋ ଅଭିଳାଷ ପୂର୍ଣ୍ଣ ହେବ ବୋଲି ସେ ଇଚ୍ଛା ପ୍ରକାଶ କରିଥିଲେ। ତାଙ୍କ ଶେଷଇଚ୍ଛାକୁ ସମ୍ମାନ ଜଣାଇ ୨୦୨୪ ନିର୍ବାଚନରେ ପୃଥ୍ୱୀବଲ୍ଲଭ ବେଗୁନିଆ ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବେ ବୋଲି ରାଉତରାୟ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୧୯ରେ କଂଗ୍ରେସ ପୃଥ୍ୱୀବଲ୍ଲଭଙ୍କୁ ଟିକେଟ ଦେଇଥିଲା। ତେବେ ପରବର୍ତ୍ତୀ ସମୟରେ କୌଣସି କାରଣରୁ ସେ ଟିକେଟ ଫେରାଇଦେଇଥିଲେ। ଟିକେଟ ସେ ସ୍ୱଇଚ୍ଛାରେ ନା କାହା ଚାପରେ ଫେରାଇଥିଲେ ପ୍ରଶ୍ନରେ ବିଧାୟକ ରାଉତରାୟ କହିଥିଲେ ଯେ, ପରିବାରବାଦ ଯୋଗୁ ସେ ନିର୍ବାଚନ ଲଢ଼ି ନ ଥିଲେ। ଗତ ପଞ୍ଚାୟତ ନିର୍ବାଚନରେ ପୃଥ୍ୱୀବଲ୍ଲଭ ବୋଲଗଡ଼ ଓ ବେଗୁନିଆରେ ଦଳୀୟ କର୍ମୀଙ୍କୁ ଜିତାଇବା ପାଇଁ ଉଦ୍ୟମ କରିଥିଲେ। ତୃଣମୂଳ ସ୍ତରରେ ଦଳକୁ ମଜଭୁତ ପାଇଁ ଲାଗିଛନ୍ତି। ଆସନ୍ତା ସାଧାରଣ ନିର୍ବାଚନରେ ପୃଥ୍ୱୀବଲ୍ଲଭ ବିପୁଳ ଭୋଟରେ ବିଜୟୀ ହୋଇ ବେଗୁନିଆରୁ ବିଧାୟକ ହେବେ ବୋଲି ବିଧାୟକ ରାଉତରାୟ କହିଛନ୍ତି।

# ଛତିଶଗଡ଼ ନିର୍ବାଚନୀ ପ୍ରଚାର ଲାଗି ଘୁଞ୍ଚିଲା ଜନଆକ୍ରୋଶ କାର୍ଯ୍ୟକ୍ରମର ତାରିଖ

**ଭୁବନେଶ୍ୱର, ୨୨।୧୦(ସୁନିତ୍ ମିଶ୍ର):** କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଲୋକମାରଣ ନୀତି ବିରୋଧରେ ଓଡ଼ିଶାର ଅଣଭାଜପା ଓ ବିଜେଡି ଦଳଗୁଡିକ ପକ୍ଷରୁ ଆସନ୍ତା ୮ରେ ରାୟଗଡ଼ା ଏବଂ ଆସନ୍ତା ୧୫ରେ ବାଲେଶ୍ୱର ଠାରେ ହେବାକୁ ଥିବା ମିଳିତ ଜନଆକ୍ରୋଶ ସମାବେଶକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ସଂଯୋଜନା କମିଟି ଅଧ୍ୟକ୍ଷ ତଥା ପିସିସି ସଭାପତି ଶରତ ପଟ୍ଟନାୟକ ଏନେଇ ରବିବାର ପ୍ରକାଶ କରିଥିବା ମିଳିତ ବିରୋଧୀ ଏକତା ମେଣ୍ଟର ସଂଯୋଜକ ପ୍ରସାଦ ହରିଚନ୍ଦନ ସୂଚନା ଦେଇଛନ୍ତି। ଛତିଶଗଡ଼ ନିର୍ବାଚନ ପ୍ରଚାରରେ ବିରୋଧୀ ମେଣ୍ଟର ଅଧ୍ୟକ୍ଷ ଶରତଙ୍କୁ ପ୍ରମୁଖ ଦାୟିତ୍ୱ ମିଳିଥିବାରୁ କୋରାପୁଟ ଏମ୍‌ପି ଓ ରାୟଗଡ଼ା ଜିଲା କଂଗ୍ରେସର କାର୍ଯ୍ୟକର୍ତ୍ତାମାନେ ଛତିଶଗଡ଼ରେ ପ୍ରଚାର କରିବେ। ଏଥିଯୋଗୁ ଏବଂ ମେଣ୍ଟରେ ଥିବା ଅନ୍ୟ ଦଳର କାର୍ଯ୍ୟକ୍ରମ ସ୍ଥିର ହୋଇଥିବାରୁ ରାୟଗଡ଼ା ଓ ବାଲେଶ୍ୱର ଜନଆକ୍ରୋଶ ସମାବେଶକୁ ନଭେମ୍ବର ୧୭ ନୁହେଁ ବରଂ ପରବର୍ତ୍ତୀ ସମୟକୁ ଘୁଞ୍ଚାଇ ଦିଆଯାଇଛି। ଦଳଗୁଡ଼ିକର ନେତୃମଣ୍ଡଳୀ ଏକ ବୈଠକରେ ମିଳିତ ହୋଇ ଜନଆକ୍ରୋଶ ସମାବେଶର ତାରିଖ ଚୂଡ଼ାନ୍ତ କରିବେ, ଯାହାକୁ ଗ୍ରହଣ କରିବାପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

# ତେଲଙ୍ଗାନାରେ ଭାଜପାର ପ୍ରଥମ ପ୍ରାର୍ଥୀ ତାଲିକା

- ୩ ଏମ୍‌ପି ଲଢ଼ିବେ ନିର୍ବାଚନ
- ଟି. ରାଜା ସିଂଙ୍କ ଉପରୁ ନିଲମ୍ବନ ଉଠିଲା

**ନୂଆଦିଲ୍ଲୀ,୨୨।୧୦(ପି.ଟି.)** ତେଲଙ୍ଗାନା ବିଧାନସଭା ନିର୍ବାଚନ ନଭେମ୍ବର ୩୦ରେ ଅନୁଷ୍ଠିତ ହେବାକୁ ଥିବାବେଳେ ଭାଜପା ପକ୍ଷରୁ ରବିବାର ପ୍ରଥମ ପର୍ଯ୍ୟାୟରେ ୫୨ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଛି। ତାଲିକାରେ ୩ ଜଣ ଏମ୍‌ପି ଦଳର ପୂର୍ବତନ ରାଜ୍ୟ ସଭାପତି ବନ୍ଦି ସଞ୍ଜୟ କୁମାର, ସୋୟମ ବାପୁ ରାଓ ଏବଂ ଧର୍ମପୁରୀ ଅରବିନ୍ଦଙ୍କ ନାମ ରହିଛି। କୁମାର କରିମନଗରରୁ ପ୍ରାର୍ଥୀ ହୋଇଥିବାବେଳେ ସୋୟମ ବୋଆଥ୍ ଆସନରୁ ଏବଂ ଧର୍ମପୁରୀ କୋରାଟ୍‌ଲା ଆସନରୁ ଲଢ଼ିବେ। ଏହା ବ୍ୟତୀତ ହିନ୍ଦୁତ୍ୱବାଦୀ ନେତା ତଥା ବିଧାୟକ ଟି. ରାଜା ସିଂଙ୍କ ଉପରୁ ଭାଜପା ନିଲମ୍ବନ ପ୍ରତ୍ୟାହାର କରିନେଇଛି। ତାଙ୍କୁ ଗୋଷାମହଲ ଆସନରୁ ପ୍ରାର୍ଥୀ କରାଯାଇଛି। ପ୍ରଫେଟ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇ ସେ ବିବାଦକୁ ଆସିବା ପରେ ଭାଜପା ତାଙ୍କୁ ନିଲମ୍ବନ କରିଥିଲା। ହୁଜୁରାବାଦ ଆସନରୁ ଦଳର ନିର୍ବାଚନ କମିଟି ମୁଖ୍ୟ ଏଟେଲା ରାଜେନ୍ଦରଙ୍କୁ ଟିକେଟ ଦିଆଯାଇଛି। ଶାସକ ବିଆର୍‌ଏସ୍ ଏବଂ କଂଗ୍ରେସର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେବା ପାଇଁ ଭାଜପା ଜୋର୍‌ଦାର ଉଦ୍ୟମ ଚଳାଇଛି।


ଭାଜପା ନିଲମ୍ବନ ପ୍ରତ୍ୟାହାର କରିବା ପରେ ହାଇଦ୍ରାବାଦରେ ଉତ୍ସବ ମନାଉଛନ୍ତି ବିଧାୟକ ଟି. ରାଜା ସିଂ।

# ୨୭ରେ କଂଗ୍ରେସର ପରିବର୍ତ୍ତନ ସମାବେଶ

**ଖୋର୍ଦ୍ଧା,୨୨।୧୦ (ପ୍ରଭାତ ପାଣିଗ୍ରାହୀ)** ଖୋର୍ଦ୍ଧା ଜିଲା ଅବହେଳିତ ଅବସ୍ଥାରେ ରହିଛି। ଏଠି ବେକାର ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ନାହିଁ। ସରକାରୀ ଯୋଜନାର ରୂପାୟନରେ ବ୍ୟାପକ ଦୁର୍ନୀତି ହେଉଛି। ସରକାରୀ ଶିକ୍ଷାନୁଷ୍ଠାନରେ ପାଠପଢ଼ାର ମାନ ହ୍ରାସ ପାଉଥିବା ବେଳେ ଘରୋଇ ବିଦ୍ୟାଳୟ ପ୍ରତି ସରକାର ଅନୁକମ୍ପା ଦେଖାଉଛନ୍ତି। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଜିଲାରେ ନିଶା କାରବାର ବଢ଼ିଚାଲିଛି। କେନ୍ଦ୍ର ସରକାରଙ୍କ ଆବାସ ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏଭଳି ବିଭିନ୍ନ ସମସ୍ୟା ନେଇ ଖୋର୍ଦ୍ଧା ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ୨୭ ତାରିଖରେ ସ୍ଥାନୀୟ ହାବେଳି ପଡିଆରେ ପରିବର୍ତ୍ତନ ସମାବେଶ ହେବ ବୋଲି ରବିବାର ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ତଥା ଖୋର୍ଦ୍ଧା ଜିଲା କଂଗ୍ରେସ ସଭାପତି ସୁରେଶ କୁମାର ରାଉତରାୟ ସୂଚନା ଦେଇଛନ୍ତି। ଏହି ସମାବେଶରେ ଜିଲାର ୧୦ଟି ବ୍ଲକରୁ ୧୦ହଜାରରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଯୋଗଦେବେ। ବିଧାୟକ ରାଉତରାୟ ଆହୁରି କହିଥିଲେ, ଜିଲାର ସ୍କୁଲ କଲେଜରେ ଶିକ୍ଷକ ପଦବୀ ଖାଲି ପଡିଛି। ସରକାରୀ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ନାହାନ୍ତି। ଜିଲାରେ ବେକାରି ସମସ୍ୟା ଉତ୍କଟ ରହିଛି। ଶିଳ୍ପସଂସ୍ଥାଗୁଡିକରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ନଗଣ୍ୟ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତା, ଜନବିରୋଧୀ ନୀତିରେ ରାଜ୍ୟବାସୀ ଅତିଷ୍ଠ ହେଲେଣି। ଓଡ଼ିଶାର ଚାଷୀ ସବୁଠି ଅବହେଳିତ। ବିଭିନ୍ନ ଯୋଜନାରେ ବ୍ୟାପକ ହରିଲୁଟ ଚାଲିଛି। ରାଜ୍ୟ ଓ ଦେଶରେ ଗଣତନ୍ତ୍ର ବିପର୍ଯ୍ୟସ୍ତ। ବିରୋଧୀ ଦଳର କଣ୍ଠରୋଧ ପାଇଁ ସରକାରୀ କଳର ଅପବ୍ୟବହାର ହେଉଛି। ଏହାର ପ୍ରତିବାଦରେ କଂଗ୍ରେସ ପରିବର୍ତ୍ତନ ସମାବେଶ ଡାକରା ଦେଇଛି। ସେହିଦିନ ଗୋଡି ପୋଖରୀଠାରୁ ପୂର୍ବାହ୍ନ ୧୦ଟାରେ ଏକ ଶୋଭାଯାତ୍ରା ବାହାରି ପୂର୍ବାହ୍ନ ୧୧ଟା ୩୦ରେ ସଭାସ୍ଥଳରେ ପହଞ୍ଚିବ। ଏହି ସମାବେଶରେ ଅଖିଳ ଭାରତ କଂଗ୍ରେସ କମିଟି ଓଡ଼ିଶା ପ୍ରଭାରୀ ଡା.ଚେଲ୍ଲା କୁମାର, ପିସିସି ସଭାପତି ଶରତ ପଟ୍ଟନାୟକ, କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ପ୍ରମୁଖ ଯୋଗଦେବେ ବୋଲି ବିଧାୟକ ରାଉତରାୟ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ବିଶ୍ୱଭୂଷଣ ଛୋଟରାୟ, ଜିଲା ସମ୍ପାଦକ ପ୍ଲାବନ ପଟ୍ଟନାୟକ, ସେବାଦଳର ବିଭାସ ଚନ୍ଦ୍ର ମହାପାତ୍ର, ଛାତ୍ର କଂଗ୍ରେସ ଜିଲା ସଭାପତି ସୌମ୍ୟ ରଞ୍ଜନ ବରାଳ, ନଗର ସଭାପତି ସୌମ୍ୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ବିଧାୟକ ସୁରେଶ କୁମାର ରାଉତରାୟ ସୂଚନା ଦେଉଛନ୍ତି।

# ମା'ଦଶଭୁଜାଙ୍କୁ ଦର୍ଶନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ


ତାଳଚେର ସାଉଥବଲଣ୍ଡାସ୍ଥିତ ଦୁର୍ଗା ମନ୍ଦିରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତାଙ୍କ ସ୍ତ୍ରୀ ମୃଦଳା ଟି ପ୍ରଧାନ ପୂଜାର୍ଚ୍ଚନା କରୁଛନ୍ତି।

**ତାଳଚେର,୨୨।୧୦ (ମନୋଜ ନନ୍ଦ)** ପବିତ୍ର ମହାଷ୍ଟମୀ ଅବସରରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅନୁଗୋଳ ଜିଲା ତାଳଚେରର ବିଭିନ୍ନ ଶକ୍ତି ପୀଠକୁ ଯାଇ ଜଗତଜନନୀ ମା' ଦୁର୍ଗାଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଛନ୍ତି। ସକାଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ସସ୍ତ୍ରୀକ ସାଉଥବଲଣ୍ଡାସ୍ଥିତ ଦୁର୍ଗା ମନ୍ଦିରରେ ପହଞ୍ଚି ମା'ଦଶଭୁଜାଙ୍କ ପୂଜାର୍ଚ୍ଚନା କରିବା ସହ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଏହାପରେ ସେ କର୍ଣ୍ଣପୁର ଗ୍ରାମସ୍ଥିତ କନକେଶ୍ୱର ମହାଦେବ ମନ୍ଦିର ଓ ମା' କନକେଶ୍ୱରୀଙ୍କ ପୂଜାର୍ଚ୍ଚନା କରିଥିଲେ। ଶେଷରେ ସେ ଘଣ୍ଟପଡ଼ା ଗ୍ରାମରେ ଥିବା ଦୁର୍ଗା ମନ୍ଦିରକୁ ଯାଇ ମା' ଦୁର୍ଗାଙ୍କ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସମ୍ପାଦକ କାଳିନ୍ଦୀ ସାମଲଙ୍କ ସମେତ ବହୁ ରାଜନେତା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ସାଉଥବଲଣ୍ଡାରେ ଦଶହରାରେ ହେବାକୁ ଥିବା ରାବଣ ପୋଡ଼ି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# ଗାଲେରିରେ ବିଜେଡିର ଜନସମ୍ପର୍କ ପଦଯାତ୍ରା


ପଦଯାତ୍ରାରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

**ଭଞ୍ଜନଗର, ୨୨।୧୦ (ବାବୁଲା ପ୍ରଧାନ)** ଭଞ୍ଜନଗର ନିର୍ବାଚନମଣ୍ଡଳୀ ଗାଲେରୀ ପଞ୍ଚାୟତରେ ରବିବାର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଢେପସାହି ଛକରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟକୁ ଦେଶର ଏକ ପ୍ରଗତିଶୀଳ ଏବଂ ଉନ୍ନତ ରାଜ୍ୟ ଭାବେ ଗଢିତୋଳିବା ପାଇଁ ଅହରହ ଉଦ୍ୟମ କରିଛନ୍ତି। ରାଜ୍ୟର କୃଷକ, ମହିଳା, ଯୁବକ, ଛାତ୍ର ସମସ୍ତଙ୍କୁ ସଶକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ଆରୁଖ କହିଥିଲେ। ବୈଠକରେ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ଭଞ୍ଜନଗର ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଏମପି ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ, ଗଞ୍ଜାମ ଜିଲା ବିଜେଡ଼ି ଉପସଭାପତି ରାଜ କୁମାର ସାହୁ, ଜିଲା ପରିଷଦ ସଭ୍ୟା ପ୍ରମୁଖ ଉଦବୋଧନ ଦେଇଥିଲେ। ଶୂଳପାଣି ସତପଥୀ ସଭା ସଂଯୋଜନା କରିଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM — Duration : 3 Year, Eligibility : +2 Pass (Any Stream) 40% Mark
ANM — Duration : 2 Year, Eligibility : +2 Pass (Any Stream)
DMRT DMLT — Duration : 2 Year, Eligibility : +2 Science
CBCA — Certified Blood Collection Assistant, Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313

ଦୁର୍ଗା ପୂଜା ଧମାକା
ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ
୧ ରୁ ୨୦ ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି
ମହିଳାଙ୍କ ପାଇଁ ବିଶେଷ ରିହାତି
ଅନ୍‌ଲାଇନ୍ ସୁବିଧା ।
ମୁଦ୍ରା ଫାଇନାନ୍ସ
Mob. 7382841797, 7618668625

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## Classified Everyday 0674-2580101, 2549949


REAL ESTATE

SALE

3900 Sqrft. Land with 5000 Sqrft. Construction 3 storeyed building for sale near AMRI Hospital, Bhubaneswar, Price- 3crore. No mediator please. Contact No- 7377777979. D-1635

Bhubaneswar/ Nakhara/ Pahala ଛକ ପାଖରେ ଘରବାରି ବାସୋପଯୋଗୀ ପ୍ଲଟ୍ free boundary, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘରକରି ପାରିବେ। 9178704897. D-75247

ଭୁବନେଶ୍ୱର ମୌଜା କଣ୍ଟିଲୋ ବ୍ରହ୍ମକୁଣ୍ଡଳରେ, 30' road, ଘରବାରି Boundary, ଥାଇ ପ୍ଲଟ୍‌ମିଳୁଛି– 9348884684. D-75244

ଭୁବନେଶ୍ୱର KIIT University ଜଗନ୍ନାଥମନ୍ଦିର ପାଖରେ Boundary, ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ – 9437205314, 9937513595. D-75243

ଗଙ୍ଗପଡ଼ା ଛକରୁ 400 Mtr. 1350/-, Retanga Railway Station ପୂର୍ବରୁ 1250/-. 8658864750. D-75241

ଘରବାରି ପଟ୍ଟା Plots, Resale Hotel / house at Puri Town, ସମୁଦ୍ରକୂଳ ଏବଂ ତା'ର ପାଖାପାଖି ଏରିଆରେ ମିଳୁଅଛି। 7008067338, 9090746445. D-75242

Readymade 3 BHK Duplex with land 1530 sqft. for sale @ 65 Lakhs onwards near Pahala (Jagannathpur). Contact: 9348838338. D-1601

Plot sale near AIIMS Hospital, Bhubaneswar. Contact: 9777433701. D-75240

Twincity ମଧ୍ୟଭାଗରେ Grand Bazar, (Nakhara NH-16) ସମ୍ମୁଖରୁ ଅଳ୍ପଦୂରତାରେ ଘରବାରି plot ସୁଲଭ ମୂଲ୍ୟରେ କିଣନ୍ତୁ, ଗୃହନିର୍ମାଣ କରନ୍ତୁ। 8249310759. D-75238

Khurda ITBP & IRB ପାଖରେ Stithiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233

Khurda - Bhubaneswar, ମଧ୍ୟରେ Pitapalli Chhakରେ Stithiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75054

Spa Kerala body Massage only best Therapist @699/- Bhubaneswar. 9337672475. D-1602

Full Body massage, expert Therapist positively health benefits. 8917243035 / 7205044659. D-75156

Full body relax massage refresh your body with trend therapist. 9827090587. D-1580

Body massage by experience, good looking therapist @999/-. (Bhubaneswar) 9078484455. D-1533

### AFFIDAVIT

By virtue of an affidavit sworn before the Executive Magistrate, Sonepur I Damayanti Kalata, W/o- Susanta Kalata, R/o- Village Mrutyunjayapur, Po-Dapala, Dist.- Boudh, declare that after marriage I have changed my name from Mahadei Bhue to Damayanti Kalata. That both the names belongs to one and same person. Henceforth I shall be known as Damayanti Kalata for all purposes. D-1641

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତ ଲକ୍ଷ୍ମଣ କୁମାର ବାରିକ୍
ଚିଦାନନ୍ଦ ଶାନ୍ତିଧାମ, ଦଳଭାଣପୁର
ତିରୋଧାନ: ତା. ୧୮।୧୦।୨୦୨୩
ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଆତ୍ମୀୟତା ଓ ସାମାଜିକ ଭାବପ୍ରବଣତା ଆମ୍ଭମାନଙ୍କୁ ସର୍ବଦା ପ୍ରେରଣା ଦେଉ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ନିବେଦନ ଓ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର– ମାନସ ରଞ୍ଜନ, ହରିଚନ୍ଦନ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୧୬୪୩

### ଏକାଦଶାହ ଉପଲକ୍ଷେ


ସ୍ୱର୍ଗତ ସୁରେନ୍ଦ୍ରନାଥ କୁଣ୍ଡୁ
କୁସିଆପାଳ- କେନ୍ଦ୍ରାପଡା
ଆବିର୍ଭାବ-୨୪।୧୧।୧୯୫୧
ତିରୋଧାନ- ୧୩।୧୦।୨୦୨୩
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲି ପାରିବୁ ନାହିଁ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ସାନଭାଇ ଦେବେନ୍ଦ୍ର, ପୁତ୍ର- ସାରଦା, ବରଦା ତୁଷାର, ପୁତ୍ରବଧୂ- ସୁନିତା, ରୋଜାଲିନ, ଝିଅ- ପଦ୍ମଜା, ବନଜା, ତନୟା, ଜ୍ୱାଇଁ- ଶରତ, ରତ୍ନାକର, ନାତି/ନାତୁଣୀ- ଗୁଡୁ, ଗେହ୍ଲୀ, ଅଂଶୁ, ମାମୁଲ, ସୋମୁ, ଗୁଗୁଲ, କ୍ରିଶୁ, ଆତ୍ମୀୟସ୍ୱଜନ ଓ ବନ୍ଧୁପରିଜନ
ଧ-୧୬୪୨

Shradhanjali
(On 2nd Death Anniversary)

DOB: 01.07.1929
DOD: 15.10.2021
Late Biswanath Mishra
(Former Law Secretary)
A noble soul, your simple, honest and disciplined life will continue to guide us. You will live in our memories and be in our prayers always.
DEEPLY MOURNED BY
Family, Friends and Relatives
ଧ-୧୬୪୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in



# ସୁସ୍ଥ ରହିବ ଦାନ୍ତ

ଖାଦ୍ୟକୁ ଚୋବାଇବାରେ ଦାନ୍ତର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହା କିପରି ସୁସ୍ଥ ତଥା ଦୃଢ଼ ରହିବ ସେ ନେଇ ଆମେ ସଚେତନ ହେବା ନିହାତି ଦରକାର। ସକାଳୁ ବିଛଣା ଛାଡ଼ିବା ପରେ ଆମେ ଦାନ୍ତ ଘଷିଥାଉ। ଏହାର ସମୟ ଅବଧି ଅତିକମ୍‌ରେ ଦୁଇ ମିନିଟ୍ ହେବା ଦରକାର। ତା'ସହ ରାତ୍ରଭୋଜନ ପରେ ଦାନ୍ତ ଘଷିବାକୁ ଭୁଲନ୍ତୁ ନାହିଁ। ଏଥିପାଇଁ ଭଲ ବ୍ରାଣ୍ଡର ଟୁଥ୍‌ବ୍ରଶ୍ ଏବଂ ଫ୍ଲୋରାଇଡ୍‌ଯୁକ୍ତ ଟୁଥପେଷ୍ଟ ବ୍ୟବହାର କରନ୍ତୁ। ତରତର ହୋଇ ଆଦୌ ଦାନ୍ତ ଘଷନ୍ତୁ ନାହିଁ। ଏଭଳି ବ୍ରଶ୍ କରନ୍ତୁ ଯେମିତି ଦାନ୍ତର ସବୁ ଭାଗକୁ ବ୍ରଶ୍ ଛୁଉଁଥିବ। ଆମେ ଖାଦ୍ୟ ଖାଇବା ସମୟରେ ଏହାର କିଛି ଅଂଶ ଦାନ୍ତ ସନ୍ଧିରେ ରହିଯାଇଥାଏ। ତେଣୁ ଭଲ ଭାବରେ ବ୍ରଶ୍ କଲେ ସେଗୁଡ଼ିକ ବାହାରିଯାଏ ଏବଂ ଦାନ୍ତ ମୂଳ ମଜଭୁତ ରହେ। ଦାନ୍ତ ଘଷିବା ପରେ ଜିଭକୁ ମଧ୍ୟ ଭଲ ଭାବରେ ପରିଷ୍କାର କରନ୍ତୁ। ତା'ପରେ ଭଲ ଭାବରେ କୁଳି କରନ୍ତୁ। କେବଳ ଦାନ୍ତ ଘଷିଦେଲେ ଯେ ଏହା ଦୃଢ଼ ଏବଂ ସୁସ୍ଥ ରହିବ ତା'ନୁହେଁ, ଅଧିକ ମିଠାଜାତୀୟ ଖାଦ୍ୟ ଖାଇଲେ ଦାନ୍ତମୂଳ ପ୍ରଭାବିତ ହେବା ର ଆଶଙ୍କା ରହିଛି। ତା'ସହ ଗୁଟ୍‌କାଜାତୀୟ ଦ୍ରବ୍ୟ ଦାନ୍ତ ପାଇଁ କ୍ଷତିକାରକ। ତେଣୁ ଏଭଳି ଅଭ୍ୟାସକୁ ଯେତେସମ୍ଭବ ବର୍ଜନ କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ବର୍ଷକୁ ଅତିକମ୍‌ରେ ଦୁଇ ଥର ଅଭିଜ୍ଞ ଦନ୍ତ ବିଶେଷଜ୍ଞଙ୍କ ନିକଟରେ ଦାନ୍ତ ପରୀକ୍ଷା କରାଇ ନିଅନ୍ତୁ। ଦାନ୍ତ ଘଷୁଥିବା ବ୍ରଶ୍‌କୁ ଅତିକମ୍‌ରେ ୪-୬ ମାସ ମଧ୍ୟରେ ବଦଳାଇବାକୁ ଭୁଲନ୍ତୁ ନାହିଁ।

# ଉପକାରୀ ଅଙ୍ଗୁର



ଅଙ୍ଗୁରରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି। ଏଥିରେ ଥିବା ଆଣ୍ଟି ଅକ୍ସିଡ଼ାଣ୍ଟ ତତ୍ତ୍ୱ ଶରୀର ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ଦୀର୍ଘକାଳୀନ ତଥା କ୍ରୋନିକ୍ ରୋଗ ପାଇଁ ଅଙ୍ଗୁର ବେଶ୍ ଉପକାରୀ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ଜଣେ ବ୍ୟକ୍ତି ନିଜକୁ କ୍ୟାନ୍‌ସରଠାରୁ କେତେକାଂଶରେ ଦୂରେଇ ରଖିପାରିବ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର କ୍ୟାନ୍‌ସର ବିଜ୍ଞାନୀମାନେ ମତ ଦେଇଛନ୍ତି। କେବଳ ସେତିକି ନୁହେଁ, ଏହା ଶରୀରରେ ପୋଟାସିୟମ, ସୋଡିୟମ ମାତ୍ରାକୁ ସନ୍ତୁଳିତ ରଖିଥାଏ। ଏହା ଶରୀରରେ କୋଲେଷ୍ଟରଲ୍‌ର ମାତ୍ରାକୁ ବି କମାଇଦିଏ। ଅଙ୍ଗୁରରେ ଥିବା ଲୁଟେନ୍, ଜିଜାନ୍‌ଥିନ୍ ତତ୍ତ୍ୱ ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ। ନିୟମିତ କିଛି ପରିମାଣର ଅଙ୍ଗୁର ଖାଇଲେ ତାହା ଆମର ସ୍ମରଣ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ଏଥିରେ ଭିଟାମିନ୍-ସି ଅଧିକ ଥିବାରୁ ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବ୍ୟାକ୍ଟେରିଆ, ଭାଇରସ୍, ଇଷ୍ଟ ଆଦି ସଂକ୍ରମଣରୁ ମଧ୍ୟ ଏହା ଆମକୁ ସୁରକ୍ଷା ପ୍ରଦାନ କରେ। ଅଙ୍ଗୁର ଶରୀରକୁ ସତେଜ ରଖିଥାଏ।

## ନୋବେଲ ପୁରସ୍କାର-୨୦୨୩ (ରସାୟନ ବିଜ୍ଞାନ)

# କ୍ୱାଣ୍ଟମ୍ ଡଟ୍‌ର ଆବିଷ୍କାର



ପ୍ର. ରମେଶ ଚନ୍ଦ୍ର ପରିଡ଼ା

''ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଛନ୍ତି ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମୋଉଙ୍ଗୀ ଗ୍ରାବିଏଲ୍ ବାଓ୍ୱେଣ୍ଡି, ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଲୁଇସ୍ ଇଉଜେନ୍ ବ୍ରୁସ ଏବଂ ନ୍ୟୁୟର୍କସ୍ଥିତ ନାନୋକ୍ରିଷ୍ଟାଲ ଟେକ୍ନୋଲୋଜି କମ୍ପାନୀର ଆଲେକ୍ସି ଇଭାନୋଭିଚ୍ ଏକିମୋଭ୍। କ୍ୱାଣ୍ଟମ୍ ଡଟ୍ ଆବିଷ୍କାର ପାଇଁ ସେମାନଙ୍କୁ ଏହି ସମ୍ମାନଜନକ ପୁରସ୍କାର ପାଇଁ ଚୟନ କରାଯାଇଛି।''



ମୋଉଙ୍ଗୀ ବାଓ୍ୱେଣ୍ଡି



ଲୁଇସ୍ ବ୍ରୁସ୍



ଆଲେକ୍ସି ଏକିମୋଭ

କ୍ୱାଣ୍ଟମ୍ ଡଟ୍ ହେଲା ଅର୍ଦ୍ଧ ପରିବାହୀ ନାନୋ ସ୍ଫଟିକ। ତହିଁରେ ଥିବା କଣିକାଗୁଡ଼ିକର ବ୍ୟାସ ମାତ୍ର କେତେ ନାନୋମିଟର। ତେଣୁ କ୍ୱାଣ୍ଟମ୍ ଯାନ୍ତ୍ରିକ ପ୍ରଭାବ ହେତୁ ସେଗୁଡ଼ିକର ଆଲୋକୀୟ ତଥା ଇଲେକଟ୍ରୋନିୟମଗୁଡିକ ବଡ ବଡ କଣିକାମାନଙ୍କଠାରୁ ଅଲଗା ହୋଇଥାଏ। ଏଗୁଡ଼ିକ ସୀସା ସଲଫାଇଡ୍, କ୍ୟାଡ୍‌ମିୟମ ସଲଫାଇଡ୍ ଭଳି ଦ୍ୱି-ଧାରୀ ଯୌଗିକଗୁଡ଼ିକରେ ଗଢ଼ା। ଯେତେବେଳେ ଏଗୁଡିକୁ ଅଲଟ୍ରାଭାଓଲେଟ୍ ଆଲୋକରେ ଆଲୋକିତ କରାଯାଏ, ତହିଁରେ ଥିବା ଇଲେକଟ୍ରୋନ୍‌ଟିଏ ଉଚ୍ଚତର ଶକ୍ତି ସ୍ତରକୁ ଚାଲିଯାଏ ଏବଂ ତତ୍ପରେ ଶକ୍ତିକୁ ପ୍ରତିଦୀପ୍ତ (ଆଲୋକ) ରୂପେ ନିର୍ଗତ କରି ମୂଳ ସ୍ତରକୁ ଫେରିଆସେ। କ୍ୱାଣ୍ଟମ୍ ଡଟ୍‌ର ଆକାର ବଡ଼ (୫/୬ ନାନୋମିଟର ବ୍ୟାସ) ହୋଇଥିଲେ ତହିଁରୁ ବୃହତ୍ତର ତରଙ୍ଗଲମ୍ବଯୁକ୍ତ ଆଲୋକ (ନାରଙ୍ଗୀ ବା ପାରଲୋହିତ) ଏବଂ ଛୋଟ (୨/୩ ନାନୋମିଟର ବ୍ୟାସ) ହୋଇଥିଲେ କ୍ଷୁଦ୍ରତର ତରଙ୍ଗ ଲମ୍ବଯୁକ୍ତ (ନୀଳ ବା ସବୁଜ) ଆଲୋକ ନିର୍ଗତ ହୁଏ।

ଏହି ନାନୋବସ୍ତୁଗୁଡିକର ପ୍ରସ୍ତୁତି ଏବଂ ଗୁଣସମୂହ ଆବିଷ୍କାର କରିବାରେ ସଫଳତା ଯୋଗୁ ଚଳିତ ବର୍ଷ ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ଲାଭ କରିଛନ୍ତି ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ମୋଉଙ୍ଗୀ ଗ୍ରାବିଏଲ୍ ବାଓ୍ୱେଣ୍ଡି, ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ଲୁଇସ୍ ଇଉଜେନ୍ ବ୍ରୁସ ଏବଂ ନ୍ୟୁୟର୍କସ୍ଥିତ ନାନୋକ୍ରିଷ୍ଟାଲ ଟେକ୍ନୋଲୋଜି କମ୍ପାନୀର ଆଲେକ୍ସି ଇଭାନୋଭିଚ୍ ଏକିମୋଭ୍।

ତାତ୍ତ୍ୱିକ ଭାବେ ରସାୟନବିତମାନଙ୍କୁ କ୍ୱାଣ୍ଟମ୍ ଡଟ୍ ସମ୍ପର୍କରେ ଆଗରୁ ଜଣାଥିଲା। ତେବେ ସେତେବେଳେ ଏହା ତିଆରି କରିବାର ସାଧନ ଉପଲବ୍ଧ ନ ଥିଲା। ପ୍ରଥମେ ୧୯୮୦ ଦଶକରେ ଏକିମୋଭ ରଙ୍ଗୀନ କାଚରେ ବସ୍ତୁର ଆକାର ଉପରେ ନିର୍ଭରଶୀଳ କ୍ୱାଣ୍ଟମ୍ ପ୍ରଭାବ ସୃଷ୍ଟି କରିବାକୁ ସମର୍ଥ ହେଲେ। ତମ୍ବା କ୍ଲୋରାଇଡ୍‌ର ନାନୋକଣିକା ପ୍ରସ୍ତୁତ କରି କାଚ ଉପରେ ସେ ଏହା ପ୍ରଦର୍ଶନ କରିପାରିଲେ। ଏହାର କିଛି ବର୍ଷ ପରେ ବ୍ରୁସ୍ ତରଳ ପଦାର୍ଥରେ ମୁକ୍ତ ଭାବେ ଭାସମାନ ନାନୋକଣିକାରେ ଆକାର ଉପରେ ନିର୍ଭରଶୀଳ କ୍ୱାଣ୍ଟମ୍ ପ୍ରଭାବ ପ୍ରମାଣିତ କଲେ। ତତ୍ପରେ ୧୯୯୩ ମସିହାରେ ବାଓ୍ୱେଣ୍ଡି ରାସାୟନିକ ପଦ୍ଧତିରେ କ୍ୱାଣ୍ଟମ୍ ଡଟ୍‌ମାନ ପ୍ରସ୍ତୁତ କରିପାରିଲେ। ଏଗୁଡିକର ମାନ ଅତି ଉଚ୍ଚକୋଟୀର ହୋଇଥିବାରୁ ତାହାକୁ ନାନାଦି କ୍ଷେତ୍ରରେ ଉପଯୋଗ କରାଯାଇପାରିଲା।

ବାଓ୍ୱେଣ୍ଡି ୧୯୬୧ମସିହା ମାର୍ଚ୍ଚ ୧୫ ତାରିଖରେ ପ୍ୟାରିସଠାରେ ଜନ୍ମଲାଭ କରିଥିଲେ। ତେବେ ବାଲ୍ୟକାଳରେ ତାଙ୍କ ପରିବାର ଫ୍ରାନ୍ସ ଛାଡି ଆମେରିକା ଚାଲି ଆସିଥିଲେ। ଏଣୁ ସେ ସେଠାରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରୁ ଉଚ୍ଚ ଶିକ୍ଷା (୧୯୮୮) ଲାଭ କରିଥିଲେ। ରସାୟନ ବିଜ୍ଞାନରେ ପିଏଚଡି ଡିଗ୍ରୀ ହାସଲ ପରେ ୧୯୯୦ ମସିହାରେ ସେ ମାସାଚ୍ୟୁସେଟ୍‌ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିରେ ଯୋଗଦେଲେ। ଏବେ ସୁଦ୍ଧା ସେ ସେଠାରେ ପ୍ରଫେସର ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି। ନୋବେଲ ପୁରସ୍କାର-୨୦୨୩ ବ୍ୟତୀତ ତାଙ୍କୁ ମିଳିଛି ଆମେରିକାର କେମିକାଲ ସୋସାଇଟି ପୁରସ୍କାର (୧୯୯୮), ସାକଲେ ପୁରସ୍କାର (୨୦୦୧), 'ସେମି' ପୁରସ୍କାର (୨୦୧୧) ଏବଂ ଆହୁରି ଅନେକ ପୁରସ୍କାର ଓ ସମ୍ମାନ।

ବ୍ରୁସ୍ ୧୯୪୩ ମସିହା ଅଗଷ୍ଟ ୧୦ରେ ଓହିଓସ୍ଥିତ କ୍ଲେଭେଲ୍ୟାଣ୍ଡଠାରେ ଜନ୍ମଗ୍ରହଣ କରିଥିଲେ। ସେ ରାଇସ୍ ବିଶ୍ୱବିଦ୍ୟାଳୟ (୧୯୬୫) ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟ (୧୯୬୯)ରୁ ଉଚ୍ଚ ଶିକ୍ଷା ଲାଭ ପରେ ଓ୍ୱାଶିଂଟନ୍ ଡିସିଠାରେ ଥିବା ଆମେରିକାନ୍ ନାଭାଲ ରିସର୍ଚ୍ଚ ଲାବୋରେଟୋରିରେ ବୈଜ୍ଞାନିକ ରୂପେ ଯୋଗଦେଇଥିଲେ। ତା'ପରେ ସେ ଏଟି ଏଣ୍ଡଟି ବେଲ୍ ଲାବୋରେଟୋରିରେ କିଛି ଦିନ କାମ କଲା ପରେ କଲମ୍ବିଆ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ ଯୋଗ (୧୯୭୩) ଦେଲେ। ଏବେ ସେ ସେଠାରେ ପ୍ରଫେସର ରୂପେ କାର୍ଯ୍ୟରତ। ଏଥରର ନୋବେଲ ପୁରସ୍କାର ବିଜେତା ବ୍ରୁସ୍‌ଙ୍କୁ ମିଳିଥିବା ପ୍ରମୁଖ ପୁରସ୍କାରଗୁଡ଼ିକ ମଧ୍ୟରେ ରହିଛି- ଆମେରିକାନ୍ ଅପଟିକାଲ ସୋସାଇଟିର ଆର.ଡବ୍ଲ୍ୟୁ. ଉଡ୍ ପୁରସ୍କାର (୨୦୦୬), କାଲଭି ପୁରସ୍କାର (୨୦୦୮) ଏବଂ ରାଇସ୍ ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ପ୍ରାକ୍ତନ୍ ଛାତ୍ର ପୁରସ୍କାର (୨୦୧୦)।

ସୋଭିଏଟ ରୁଷ୍‌ରେ ୧୯୪୫ ମସିହା ଫେବୃୟାରୀ ୨୮ ତାରିଖରେ ଜନ୍ମଲାଭ କରିଥିଲେ ଏକିମୋଭ। ଲେଲିନ୍‌ଗ୍ରେଡ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପନ ସେ ଲୋଫେ ଇନଷ୍ଟିଚ୍ୟୁଟ୍‌ରୁ ପିଏଚଡି ଡିଗ୍ରୀ (୧୯୬୭) ହାସଲ କଲେ। ତେବେ ସେ କ୍ୱାଣ୍ଟମ୍ ଡଟ୍ ଆବିଷ୍କାର କରିଥିଲେ ଭିଭିଲୋ ଷ୍ଟେଟ୍ ଅପ୍ଟିକାଲ ଇନଷ୍ଟିଚ୍ୟୁଟ୍‌ରେ ଗବେଷଣାକାଳରେ। ସେଥିପାଇଁ ତାଙ୍କୁ ୧୯୭୫ ମସିହାରେ ୟୁଏସଆର ଷ୍ଟେଟ୍ ପ୍ରାଇଜ ଫର ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ୨୦୦୬ ମସିହାରେ ଆର.ଡବ୍ଲ୍ୟୁ ଉଡ୍ ପ୍ରାଇଜ (ବ୍ରୁସ୍‌ଙ୍କ ସହିତ) ଆଦି ପୁରସ୍କାର ମିଳିଥିଲା। ତେବେ ୧୯୯୯ ମସିହାଠାରୁ ସେ ଆମେରିକା ଆସି ନାନୋ କ୍ରିଷ୍ଟାଲ ଟେକ୍ନୋଲୋଜି କମ୍ପାନୀରେ ବୈଜ୍ଞାନିକ ରୂପେ କାର୍ଯ୍ୟ ନିର୍ବାହ କରୁଛନ୍ତି।

ରସାୟନ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଁ ମନୋନୟନକାରୀ କମିଟିର ସୂଚନା ଅନୁସାରେ ଏହି ବୈଜ୍ଞାନିକ ତିନିଜଣ କ୍ୱାଣ୍ଟନ୍ ଡଟ୍‌ର ଆବିଷ୍କାର ଏବଂ ତାହାର ବିବିଧ ଅନନ୍ୟ ଗୁଣାବଳୀ ଅଧ୍ୟୟନ କରିବା ସହିତ ଏହାକୁ ଇଲେକ୍ଟ୍ରୋନିକ୍ସ ବାୟୋକେମେଷ୍ଟ୍ରି, ଚିକିତ୍ସା ବିଜ୍ଞାନ ଆଦି ବିବିଧ ଜନହିତକାରୀ କ୍ଷେତ୍ରରେ ବିନିଯୋଗରୁ ବଳିଷ୍ଠ ଅବଦାନ ଦେଇଛନ୍ତି।

-ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର-୩୦
ମୋ : ୯୯୩୭୩୦୧୪୬୦

# ମାନସିକ ଚିନ୍ତା ଓ ହରର୍ ମୁଭି



ମନପସନ୍ଦର ମୁଭି ବା ସିନେମାଟିଏ ଦେଖିଲେ ଭାରାକ୍ରାନ୍ତ ମନ କେତେକାଂଶରେ ହାଲୁକା ହୋଇଥାଏ। ଏହାଦ୍ୱାରା ଆଉ ଏକ ଉପକାର ମିଳିଥାଏ ବୋଲି ନିକଟରେ ମତ ଦେଇଛନ୍ତି ଟୋକିଓ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ। ସେମାନେ ଏକ ସର୍ଭେରୁ ଜାଣିପାରିଛନ୍ତି ଯେ ହରର ମୁଭି ଦେଖିବା ଦ୍ୱାରା ମାନସିକ ଚିନ୍ତା କେତେକାଂଶରେ ଦୂର ହୋଇଥାଏ। ଏଭଳି ନିଷ୍ପତ୍ତିରେ ପହଞ୍ଚିବା ପୂର୍ବରୁ ସେମାନେ ଅଧିକାଂଶ ସମୟ ମାନସିକ ଚିନ୍ତାଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କୁ ସେମାନଙ୍କର ମନପସନ୍ଦର ହରର ମୁଭି ଦେଖିବାକୁ ପରାମର୍ଶ ଦେଇଥିଲେ। ତା'ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ସେମାନଙ୍କର ମାନସିକ ଚିନ୍ତାକୁ ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କର ମାନସିକ ଚିନ୍ତା କେତେକାଂଶରେ କମିଥିବାର ଜଣାପଡ଼ିଥିଲା। ତେବେ ଏହାସହ ମାନସିକ ଚିନ୍ତାଗ୍ରସ୍ତ ବ୍ୟକ୍ତିମାନେ ନିଜକୁ ଏଭଳି ପରସ୍ଥିତିରୁ ଦୂରେଇ ରଖିବାକୁ ଚେଷ୍ଟିତ ହେବା ଦରକାର ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

# ସନ୍ତୁଳିତ ରହିବ କ୍ୟାଲୋରି



ଆମ ଶରୀରରେ କ୍ୟାଲୋରି ସନ୍ତୁଳିତ ରହିବା ନିହାତି ଜରୁରୀ। ତେବେ ଏହି ସ୍ତରକୁ ସନ୍ତୁଳିତ ରଖିବା ପାଇଁ କେତେକ ଦିଗ ପ୍ରତି ଧ୍ୟାନ ଦେବାକୁ ପଡ଼େ। ସନ୍ତୁଳିତ ଖାଦ୍ୟ ଖାଇବା ବ୍ୟତୀତ ଆଉ ଏକ ସରଳ ଉପାୟରେ ଆମେ କ୍ୟାଲୋରିକୁ ସନ୍ତୁଳିତ ରଖିପାରିବା। ତାହା କ'ଣ ଜାଣନ୍ତି ? ରକ୍ତଦାନ। ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରନ୍ତି ତେବେ ତାଙ୍କ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିଥାଏ। ହେଲେ ରକ୍ତଦାନ କରିବା ପୂର୍ବରୁ ସେମାନେ ଏ ନେଇ କେତେ ଫିଟ୍ ତାହା ପରୀକ୍ଷା କରାଇନେବା ଯଥେଷ୍ଟ ଜରୁରୀ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ରକ୍ତଦାନ କରୁଥିବା କେତେକ ବ୍ୟକ୍ତିଙ୍କ କ୍ୟାଲୋରି ପରିମାଣ କେତେ ରହୁଛି ତାହାକୁ ପରୀକ୍ଷା କରିବା ପରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକଥା ଜାଣିପାରିଥିଲେ।

# ଜାଣି ରଖନ୍ତୁ...

ରକ୍ତଦାନ ଏକ ମହତ କାମ। କେତେକେ ଏଥିରେ ନିଜକୁ ପ୍ରାୟ ନିୟୋଜିତ ରଖିଥାଆନ୍ତି। ହେଲେ ଏହାପୂର୍ବରୁ କେତେକ ବିଷୟ ପ୍ରତି ସମ୍ପୃକ୍ତ ବ୍ୟକ୍ତି ସଚେତନ ହେବା ନିହାତି ଦରକାର। ରକ୍ତଦାନ କରିବା ପୂର୍ବରୁ ଜଣେ ବ୍ୟକ୍ତି ସୁସ୍ଥ ରହିବା ନିହାତି ଦରକାର। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ତାଙ୍କର ଓଜନ ସନ୍ତୁଳିତ ଥିବା ଆବଶ୍ୟକ। ରକ୍ତଦାନ ଦ୍ୱାରା ଆପଣ ଅନ୍ୟ ଜଣେ ବ୍ୟକ୍ତିଙ୍କର ଜୀବନ ରକ୍ଷା କରିବାକୁ ଯାଉଛନ୍ତି। ତେଣୁ ଏ ନେଇ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖନ୍ତୁ। ରକ୍ତଦାନ ବିଷୟରେ ମନରେ ଯଦି କୌଣସି ପ୍ରଶ୍ନ ରହିଛି ତେବେ ସେ ନେଇ ଅଭିଜ୍ଞ ରକ୍ତ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ। ରକ୍ତଦାନ କରିବା ଦ୍ୱାରା ଆପଣଙ୍କ ଶରୀରରେ କ୍ୟାଲୋରୀ ପରିମାଣ ସନ୍ତୁଳିତ ରହିଥାଏ। ଯଦି ଆପଣ କୌଣସି ରୋଗରେ ପୀଡ଼ିତ, ତେବେ ଜମାରୁ ବି ରକ୍ତଦାନ କରନ୍ତୁ ନାହିଁ। ରକ୍ତଦାନ କରୁଥିବା ବ୍ୟକ୍ତିଙ୍କର ବୟସ ଅତିକମ୍‌ରେ ୧୮ରୁ ଅଧିକ ହେବା ଦରକାର। ଏହାପୂର୍ବରୁ କିପରି ନିଜକୁ ପ୍ରସ୍ତୁତ କରିବେ ସେ ବିଷୟରେ ରକ୍ତ ସଂଗ୍ରହ କରୁଥିବା ବିଶେଷଜ୍ଞଙ୍କ ନିକଟରୁ ବୁଝି ନିଅନ୍ତୁ।

# ସ୍ୱାସ୍ଥ୍ୟ ସୂଚନା

➢ସବୁବେଳେ ଖାଇବାର ସମୟ ନିର୍ଘଣ୍ଟ ଠିକ୍ ରଖନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଳମ୍ବିତ ରାତିରେ ଖାଉଥିଲେ ଏଭଳି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ଏହାଦ୍ୱାରା ପାଚନ କ୍ରିୟା ଏବଂ ନିଦ୍ରା ପ୍ରଭାବିତ ହୋଇଥାଏ।

➢ଶୋଇବାର ଠିକ୍ ପୂର୍ବରୁ ଟିଭି କିମ୍ବା ମୋବାଇଲ୍ ସଂସ୍ପର୍ଶରେ ଆସିଲେ ତାହା ନିଦ୍ରାରେ ବ୍ୟାଘାତ ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଏଭଳି ଅଭ୍ୟାସକୁ ବଦଳାଇବାକୁ ଚେଷ୍ଟା କରନ୍ତୁ।



➢ଖାଇବା ସମୟରେ ଟିଭି ଦେଖିବା, ଅନ୍ୟମାନଙ୍କ ସହ ଗପିବା କେତେକ ବ୍ୟକ୍ତିଙ୍କର ଅଭ୍ୟାସ। ଏଭଳି ଅଭ୍ୟାସ ଥିଲେ ତାହାକୁ ପରିବର୍ତ୍ତନ କରନ୍ତୁ। ଶାନ୍ତ ମନରେ ଭୋଜନ କରନ୍ତୁ।

➢ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ପରାମର୍ଶ କରୁଥିଲେ ସେ ଔଷଧ ଖାଇବା ବ୍ୟତୀତ ଆଉ କେତେକ ବିଷୟରେ ସଚେତନ ରହିବାକୁ କହିଥାଆନ୍ତି। ଏହାକୁ ଏଡାଇ ଦେବା ଆଦୌ ଠିକ୍ ନୁହେଁ।

➢ଖାଇସାରିବା ପରେ କେତେକେ ଫଳମୂଳ ଖାଇଥାଆନ୍ତି। କିନ୍ତୁ ଏହା ଠିକ୍ ନୁହେଁ।

➢ବ୍ୟାୟାମ କରିବା ପୂର୍ବରୁ ମନକୁ ଯେତେ ହାଲୁକା ରଖିବେ ସେତେ ଭଲ। ଭାରାକ୍ରାନ୍ତ ମନରେ ଆଦୌ ବ୍ୟାୟାମ କରନ୍ତୁ ନାହିଁ।

# ମୁଣ୍ଡ ବ୍ୟଥା ହେଉଥିଲେ..

ମୁଣ୍ଡ ବ୍ୟଥା ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ଏହାକୁ କଦାପି ଅବହେଳା କରନ୍ତୁ ନାହିଁ। ହୁଏତ ପରବର୍ତ୍ତୀ ସମୟରେ ତାହା ମାଇଗ୍ରେନ୍‌ର ରୂପ ନେଇପାରେ। ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ତେବେ କେତୋଟି ବିଷୟ ପ୍ରତି ନଜର ଦେଲେ ଆମେ ନିଜକୁ ମୁଣ୍ଡବ୍ୟଥାଠାରୁ ଦୂରେଇ ରଖିପାରିବା। ପାଣି ପିଇବାରେ ଅନିୟମିତତା ହେଲେ ମୁଣ୍ଡ ବିନ୍ଧିଥାଏ। ତେଣୁ ସବୁବେଳେ ନିର୍ଦ୍ଦିଷ୍ଟ ସମୟରେ ଆବଶ୍ୟକ ପରିମାଣର ପାଣି ପିଅନ୍ତୁ। ତା'ସହ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ଆଉ ଏକ କଥା ହେଲା ନିଦ୍ରା। ନିଦ୍ରାରେ ଯଦି ଏପଟସେପଟ ହେଲା ତେବେ ତାହା ମୁଣ୍ଡ ବିନ୍ଧାର କାରଣ ସାଜିଥାଏ। ତେଣୁ ପ୍ରତିଦିନ ୭-୮ ଘଣ୍ଟା ଶୁଅନ୍ତୁ। ଯଦି ନିଦ୍ରାଜନିତ ସମସ୍ୟା ଲାଗି ରହୁଛି ତେବେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ମୁଣ୍ଡ ବିନ୍ଧାରୁ ନିଜକୁ ଦୂରେଇ ରଖିବା ଲାଗି ଏକ ସରଳ ତଥା ସହଜ ଉପାୟ ରହିଛି। ନିୟମିତ ଯୋଗ, ପ୍ରାଣାୟାମ କଲେ ତାହା ଏଥିପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ।

# ଆପଣାନ୍ତୁ ପାଞ୍ଚଟି କଥା

ଖୁସିର ମାହୋଲ ଭିତରେ ରହିବାକୁ କିଏ ବା ନ ଚାହେଁ ? ହେଲେ ସବୁବେଳେ ଏହା ସମ୍ଭବ ହୋଇ ନ ଥାଏ। ତେବେ ଯଦି ଆମେ ପାଞ୍ଚଟି କଥାକୁ ଗୁରୁତ୍ୱ ଦେବା ତା'ହେଲେ ନିଜକୁ କେତେକାଂଶରେ ସୁସ୍ଥ ରଖିପାରିବା। ପ୍ରଥମ କଥା ହେଲା ରୁଟିନ୍‌ଯୁକ୍ତ ଜୀବନଶୈଳୀ। ଏଭଳି ଜୀବନଶୈଳୀ ଆପଣେଇ ପାରିଲେ ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିବ। ଏହାଦ୍ୱାରା ପ୍ରତିଟି କାମକୁ ଆପଣ ସୁଚାରୁ ରୂପେ ତୁଲାଇପାରିବେ। ଦ୍ୱିତୀୟ କଥା ହେଲା ବ୍ୟାୟାମ। ପ୍ରତିଦିନ ସକାଳୁ କିଛି ସମୟ ବ୍ୟାୟାମ କରନ୍ତୁ। ଅତିକମ୍‌ରେ ୨୦-୩୦ ମିନିଟ୍ ଚାଲନ୍ତୁ। ତୃତୀୟ କଥା ହେଲା ଆଚାର ବ୍ୟବହାର। ନିଜର ଆଚାର ବ୍ୟବହାର ମାର୍ଜିତ ହେବା ନିହାତି ଦରକାର। କାରଣ ଏହା ନିଜ ବ୍ୟକ୍ତିତ୍ୱକୁ ଆହୁରି ପ୍ରଶଂସନୀୟ କରିଥାଏ। ଚତୁର୍ଥ ଜିନିଷ ହେଉଛି ବିଚାରଧାରା। ନିଜର ବିଚାରଧାରା ଉପରେ ହିଁ ଆପଣଙ୍କ ଜୀନବଶୈଳୀ ନିର୍ଭର କରିଥାଏ। କ'ଣ କରିବେ, କ'ଣ ନ କରିବେ, ନିଜ କାମକୁ କିପରି ଠିକ୍ ଭାବରେ ସମ୍ପାଦନ କରିବେ ଏଥିପାଇଁ ଥଣ୍ଡା ମନରେ ଚିନ୍ତା କରନ୍ତୁ। ପଞ୍ଚମ କଥାଟି ହେଉଛି ସ୍ୱାସ୍ଥ୍ୟ ପରୀକ୍ଷା। ଏବେ ଆମେ ନିଜ ସ୍ୱାସ୍ଥ୍ୟ ପ୍ରତି ଯେତେ ସଚେତନ ରହିବା ତାହା ସେତେ ଭଲ। କାରଣ କରୋନା ମହାମାରୀ ଆମକୁ ଏକ ଶିକ୍ଷା ଦେଇଛି କହିଲେ ଭୁଲ୍ ହେବ ନାହିଁ। ତେଣୁ ନିଜ ସ୍ୱାସ୍ଥ୍ୟ ପ୍ରତି ସବୁବେଳେ ସଚେତନ ରୁହନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ଡାକ୍ତରଙ୍କ ନିକଟରେ ନିଜ ଶରୀରର ରୁଟିନ୍ ଚେକଅପ କରାଇ ନିଅନ୍ତୁ। ବିଶେଷ ଭାବରେ ବୟସ୍କ ବ୍ୟକ୍ତି ଏଥିପ୍ରତି ସତର୍କ ରହିବା ନିହାତି ଦରକାର। ଉପରୋକ୍ତ ପାଞ୍ଚଟି କଥାକୁ ଯଦି ଆମେ ଆପଣେଇ ପାରିବା ତେବେ ନିଜକୁ ଅନେକାଂଶରେ ସୁସ୍ଥ ରଖିପାରିବା।



# ଏସିଆନ୍ ଗେମ୍ସ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା



ଅତିଥିଙ୍କ ସହ ପଦକ ବିଜେତା ଖେଳାଳି।

## ସ୍ୱର୍ଣ୍ଣ ୫, ରୌପ୍ୟ ୩, କାଂସ୍ୟ ବିଜେତାଙ୍କୁ ୨ ଲକ୍ଷ

**ଭୁବନେଶ୍ୱର,୨୨।୧୦(ସରୋଜ ଜେନା)**
ଚାଇନାର ହାଙ୍ଗ୍‌ଝୋରେ ଶେଷ ହୋଇଥିବା ୧୯ତମ ଏସିଆନ ଗେମ୍ସ ଓ ୩୧ତମ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ପଦକ ହାସଲ କରିଥିବା କିଟ୍ ଖେଳାଳିମାନଙ୍କୁ ରବିବାର କିଟ୍ ଓ କିସ୍‌ରେ ସମ୍ବର୍ଦ୍ଧନା ଦିଆଯାଇଛି। ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ, ଓଡ଼ିଶା ମହିଳା ଫୁଟବଲ ଦଳର କୋଚ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଅଲିମ୍ପିଆନ ଦୂତୀ ଚାନ୍ଦ, ଭାରତର ଦ୍ରୁତତମ ଧାବକ ଅମିୟ ମଲ୍ଲିକ, ଓଡ଼ିଶା ରଗ୍‌ବୀ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର ମହାନ୍ତି, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କୁଳପତି ପ୍ରଫେସର ଶରଣଜିତ ସିଂହ, କ୍ରୀଡ଼ା ମହାନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଉପସ୍ଥିତ ରହି ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିବା ଶଟପୁଟର ତାଜିନ୍ଦରପାଲ ସିଂହ ଓ ଭାରତୀୟ ହକି ଦଳର ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୫ଲକ୍ଷ ଟଙ୍କା ଲେଖାଏଁ ନଗଦ ଅର୍ଥରାଶି ପ୍ରଦାନ କରାଯାଇଥିଲା। ରୌପ୍ୟ ପଦକ ଜିତିଥିବା ଜାଭେଲିନ ଥ୍ରୋୟର କିଶୋର କୁମାର ଜେନା ଏବଂ ଡେକାଥଲନରେ ତେଜସ୍ୱିନ ଶଙ୍କରଙ୍କୁ ୩ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ବ୍ରୋଞ୍ଜ ବିଜେତା ଖେଳାଳି ରେସ୍ ୱାକର ପ୍ରିୟଙ୍କା ଗୋସ୍ୱାମୀ ଏବଂ ଅମ୍ଲାନ ବୋର୍ଗୋହେନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ପ୍ରତି ଅଚ୍ୟୁତ ସାମନ୍ତଙ୍କ ଅହେତୁକ ଭଲ ପାଇବା ଅନ୍ୟ କୌଣସିଠାରେ ଦେଖିବାକୁ ମିଳି ନ ଥାଏ ବୋଲି ପ୍ରକାଶ କରିବା ସହ ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ ସମସ୍ତ ଆଥଲେଟ୍।

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ସର୍ବଦା ପ୍ରୋତ୍ସାହିତ କରିଆସୁଛନ୍ତି। ରାଜ୍ୟ ସରକାରଙ୍କୁ ଅନୁସରଣ କରି ଆମେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କୁ ଶିକ୍ଷା ସହ ସମସ୍ତ ପ୍ରକାର ପ୍ରୋତ୍ସାହନ ଓ ସହଯୋଗ ଯୋଗାଇ ଦେଇ ଆସୁଛୁ ବୋଲି କହିଥିଲେ ଅଚ୍ୟୁତ ସାମନ୍ତ। ବର୍ତ୍ତମାନ ସୁଦ୍ଧା କିଟ୍ ଓ କିସ୍ ୧୫ ଜଣ ଅଲିମ୍ପିଆନ ସୃଷ୍ଟି କରିବା ସହ ୫ହଜାରରୁ ଊର୍ଦ୍ଧ୍ୱ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ ସୃଷ୍ଟି କରିପାରିଛି ବୋଲି ସେ କହିଥିଲେ।

# ଆଜିଠୁ ପାରା ଏସିଆନ୍ ଗେମ୍ସ ପାରୁଲ, ଅମିତ ଧ୍ୱଜାବାହକ


ପାରା ଏସିଆନ୍ ଗେମ୍ସର ଉଦ୍‌ଘାଟନୀ ସମାରୋହରେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ।

**ହାଙ୍ଗଝୋ,୨୨।୧୦**
ଚାଇନାର ହାଙ୍ଗଝୋରେ ରବିବାର ଆରମ୍ଭ ହୋଇଛି ପାରା ଏସିଆନ୍ ଗେମ୍ସ। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହିତ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଭାରତ ପକ୍ଷରୁ ପାରା ସଟଲର ପାରୁଲ ପରମାର ଓ ପାରା କ୍ଲବ୍ ଥ୍ରୋୟର ଅମିତ ସରୋହା ଧ୍ୱଜା ବାହକ ରହିଥିଲେ। ୧୫ ଦିନ ପୂର୍ବରୁ ସମାନ ଭେନ୍ୟୁରେ ଭାରତୀୟ ଆଥ୍‌ଲେଟମାନେ ଏସିଆନ୍ ଗେମ୍ସରେ ପଦକ ସଂଖ୍ୟାରେ ଶତକ ହାସଲ କରିଥିଲେ। ବିଗତ ପାରା ଏସିଆନ୍ ଗେମ୍ସରେ ଭାରତ ୭୨ ପଦକ ହାସଲ କରିଥିବା ବେଳେ ଚଳିତବର୍ଷ ଏହି ସଂଖ୍ୟାକୁ ଅତିକ୍ରମ କରିବାକୁ ପ୍ରୟାସ କରିବ। ଚଳିତ ପାରା ଏସିଆନ୍ ଗେମ୍ସ ପାଇଁ ଭାରତ ୩୧୩ ଜଣିଆ ଦଳ ପ୍ରେରଣ କରିଛି। ଭାରତୀୟ ଇତିହାସରେ ଏହା ସବୁଠାରୁ ବଡ ଦଳ ଓ ଚଳିତ ସଂସ୍କରଣରେ ରେକର୍ଡ ପଦକ ହାସଲ କରିବା ଲକ୍ଷ୍ୟରେ ରହିଛି ଭାରତ। ୨୨ଟି ଇଭେଣ୍ଟରୁ ୧୭ଟିରେ ଭାରତୀୟ ଆଥ୍‌ଲେଟ ଅଂଶଗ୍ରହଣ କରିବେ। ପ୍ରଥମ ଥର ପାଇଁ ରୋଇଂ, କାନୋଇଂ, ଲନ୍ ବଲ୍, ଟାଏକୋଣ୍ଡୋ ଓ ଦୃଷ୍ଟିବାଧିତ ଫୁଟବଲରେ ଭାରତ ଅଂଶଗ୍ରହଣ କରିବ। ୪୩ ଦେଶର ସମୁଦାୟ ୪୦୦୦ ପ୍ରତିଯୋଗୀ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ୨୦୧୪ ଓ ୨୦୧୮ ସଂସ୍କରଣରେ ଭାରତ ଯଥାକ୍ରମେ ୧୫ ଓ ୯ମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ତେବେ ଚଳିତବର୍ଷ ଦଳ ପଦକ ସଂଖ୍ୟାରେ ଶତକ ହାସଲ କରିବା ନେଇ ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆ ଦୃଢୋକ୍ତି ପ୍ରକାଶ କରିଛି।

## ଆକ୍ସନରେ ଜୟନ୍ତୀ



**ହାଙ୍ଗଝୋ,୨୨।୧୦**
ଭାରତୀୟ ଦଳରେ ସାମିଲ ଓଡ଼ିଆ ଆଥଲେଟ ଜୟନ୍ତୀ ବେହେରାଙ୍କୁ ସୋମବାର ଆକ୍ସନରେ ଦେଖିବାକୁ ମିଳିବ। ସେ ୨୦୦ ମିଟର ସ୍ପ୍ରିଣ୍ଟରେ ଭାରତର ପ୍ରତିନିଧିତ୍ୱ କରିବେ। ପୂର୍ବ ସଂସ୍କରଣରେ ମଧ୍ୟ ଜୟନ୍ତୀ ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସୋମବାର ଜୟନ୍ତୀଙ୍କ ନିକଟରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।

# ରମାନାଥନ ଚାମ୍ପିୟନ

**ଧରୱାଡ, ୨୨।୧୦ (ପି.ଟି.)**
ଏସିଆନ ଗେମ୍ସ ରୌପ୍ୟ ପଦକ ବିଜେତା ରାମକୁମାର ରମାନାଥନ ଏଠାରେ ଚାଲିଥିବା ଆଇଟିଏଫ୍ ଧରୱାଦ ପୁରୁଷ ୱାର୍ଲ୍ଡ ଟେନିସ ଟୁର୍ ଚାମ୍ପିୟନ ହୋଇଛନ୍ତି। ଏକ ଅଲ୍ ଇଣ୍ଡିଆନ ଫାଇନାଲରେ ଚତୁର୍ଥ ସିଡ୍ ରମାନାଥନ ତୃତୀୟ ସିଡ୍ ଦିଗ୍‌ବିଜୟ ପ୍ରତାପ ସିଂଙ୍କଠାରୁ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ ହେଁ ମ୍ୟାଚକୁ ୭-୬ (୫), ୭-୬ (୬)ରେ ଜିତି ନେଇଥିଲେ। ଚାମ୍ପିୟନ ଭାବେ ସେ ୩୬୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ପକେଟସ୍ଥ କରିଥିବା ବେଳେ ୨୦ ଏଟିପି ପଏଣ୍ଟ ଅର୍ଜନ କରିବାରେ ସମର୍ଥ ହୋଇଛନ୍ତି। ଧରୱାଦ ଜିଲା ଲନ୍ ଟେନିସ ଆସୋସିଏଶନ କୋର୍ଟରୁ ଦିଗ୍‌ବିଜୟ ୨୧୨୦ ଡଲାର ପୁରସ୍କାର ବ୍ୟତୀତ ୧୨ ଏଟିପି ପଏଣ୍ଟ ହାସଲ କରିଛନ୍ତି। ଦୁଇ ଖେଳାଳି ପ୍ରଥମ ଥର ପରସ୍ପରକୁ ଭେଟିଥିଲେ। ସମଗ୍ର ମ୍ୟାଚରେ ସର୍ଭିସ ବ୍ରେକ୍ ହୋଇ ନ ଥିବାରୁ ଦୁଇ ଖେଳାଳିଙ୍କ ମଧ୍ୟରେ ଏହି ମ୍ୟାଚ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା।

# ଆଉ ଏକ ସ୍ପ୍ରିଣ୍ଟ ରେସ୍ ଜିତିଲେ ଭର୍ଷ୍ଟାପେନ୍

**ଅଷ୍ଟିନ, ୨୨।୧୦ (ଏପି)**
ସର୍କିଟ ଅଫ୍ ଆମେରିକାଠାରେ ପୋଲ୍ ପୋଜିଶନରୁ ରେସ୍ ଆରମ୍ଭ କରିଥିବା ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ସିଜନରେ ତାଙ୍କର ତୃତୀୟ ସ୍ପ୍ରିଣ୍ଟ ରେସ୍ ଜିତିଛନ୍ତି। ଶୁକ୍ରବାର କ୍ୱାଲିଫାଇଂର ଫାଇନାଲ ଲାପ୍‌ରେ ବିରଳ ତ୍ରୁଟି ପାଇଁ ଭର୍ଷ୍ଟାପେନ ରବିବାର ରେସ୍ ପାଇଁ ପୋଲ୍ ପୋଜିଶନରୁ ବଞ୍ଚିତ ହୋଇଥିଲେ। ସୂଚନାଯୋଗ୍ୟ, ଚଳିତ ସିଜନରେ ୧୪ ଗ୍ରାଁ ପ୍ରି ବିଜୟ ସହ ଭର୍ଷ୍ଟାପେନ୍ ଇତିମଧ୍ୟରେ ଚାମ୍ପିୟନଶିପ୍ ଜିତିସାରିଛନ୍ତି। ଏପର୍ଯ୍ୟନ୍ତ ଅନୁଷ୍ଠିତ ୫ ସ୍ପ୍ରିଣ୍ଟ ରେସ୍ ମଧ୍ୟରୁ ସେ ୩ଟିରେ ବିଜୟ ହାସଲ କରି ସାରିଛନ୍ତି। ଭର୍ଷ୍ଟାପେନ୍ ଲୁଇସ୍ ହାମିଲଟନ ଓ ଚାର୍ଲ୍ସ ଲେକରେଙ୍କୁ ପଛରେ ପକାଇ ସ୍ପ୍ରିଣ୍ଟ ରେସ୍ ଜିତିଛନ୍ତି।



ଭାରତ ଓ ନ୍ୟୁଜିଲାଣ୍ଡ ମ୍ୟାଚ୍ ଅବସରରେ ଧର୍ମଶାଳା କ୍ରିକେଟ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ।

# ୨୦୦୦ ରନ୍ କ୍ଲବ୍‌ରେ ଗିଲ୍ ଦ୍ରୁତତମ

**ଧର୍ମଶାଳା, ୨୨।୧୦ (ପି.ଟି.)**
ଭାରତୀୟ ଓପନର ଶୁବମନ ଗିଲ୍ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ୨୦୦୦ ରନ ପୂରଣ କରିବାରେ ଦ୍ରୁତତମ ଖେଳାଳି ହୋଇଛନ୍ତି। ଏଠାରେ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚ ବେଳେ ସେ ଏହି ସଫଳତା ହାସଲ କରିଛନ୍ତି। ଗିଲ୍ ୩୮ ଇନିଂସରେ ଏହି ମାଇଲଖୁଣ୍ଟରେ ପହଞ୍ଚିଛନ୍ତି। ଏହାଦ୍ୱାରା ସେ ଦକ୍ଷିଣ ଆଫ୍ରିକାର ହାଶିମ ଅମ୍‌ଲାଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଅମ୍‌ଲା ଅନ୍ତର୍ଜାତୀୟ ଦିନିକିଆରେ ୨୦୦୦ ରନ ପୂରଣ କରିବା ଲାଗି ୪୦ଟି ଇନିଂସ ନେଇଥିଲେ। ୨୪ ବର୍ଷୀୟ ଭାରତୀୟ ବାଂଲାଦେଶ ବିପକ୍ଷରେ ତାଙ୍କ ପୂର୍ବ ମ୍ୟାଚରେ ୫୩ ରନ ସ୍କୋର କରିଥିଲେ। ଏହି ମାଇଲଖୁଣ୍ଟରେ ପହଞ୍ଚିବା ଲାଗି ସେତେବେଳ ତାଙ୍କର ୧୪ ରନ ଦରକାର ପଡୁଥିଲା। ରବିବାର ଭାରତୀୟ ରନ୍ ଚେଜ୍ ବେଳେ ୭ମ ଓଭରରେ ଟ୍ରେଣ୍ଟ ବୋଲ୍ଟଙ୍କ ବଲ୍‌ରେ ଏକ ଚୌକା ମାରି ଏହି ସଫଳତା ହାସଲ କରିଥିଲେ। ଗିଲ୍ ୧୪ତମ ଓଭରରେ ଲୋକି ଫର୍ଗୁସନଙ୍କ ବଲ୍‌ରେ ଆଉଟ ହେବା ପୂର୍ବରୁ ୩୧ ବଲ୍‌ରେ ୨୬ ରନ ସଂଗ୍ରହ କରିଥିଲେ। ଅମ୍‌ଲା ୨୦୧୧ ଜାନୁୟାରୀ ୨୧ରେ ପୋର୍ଟ ଏଲିଜାବେଥସ୍ଥିତ ସେଣ୍ଟ ଜର୍ଜ ପାର୍କଠାରେ ଦକ୍ଷିଣ ଆଫ୍ରିକାର ଭାରତ ବିପକ୍ଷ ମ୍ୟାଚ ବେଳେ ରେକର୍ଡ ପ୍ରତିଷ୍ଠା କରିଥିଲେ। ସୂଚନାଯୋଗ୍ୟ, ଗିଲ୍ ଡେଙ୍ଗୁରେ ପୀଡ଼ିତ ହେବାରୁ ସେ ଅଷ୍ଟ୍ରେଲିଆ ଓ ଆଫଗାନିସ୍ତାନ ବିପକ୍ଷ ଭାରତର ପ୍ରଥମ ଦୁଇ ବିଶ୍ୱକପ୍ ମ୍ୟାଚ ଖେଳି ନ ଥିଲେ। ପରେ ସେ ପାକିସ୍ତାନ ବିପକ୍ଷ ମ୍ୟାଚରେ ଭାରତୀୟ ଦଳକୁ ଫେରିଥିଲେ। ଏହି ମ୍ୟାଚରେ ସେ ୧୬ ରନ କରିଥିଲେ।

# ବର୍ନିଲଙ୍କୁ ୧୫ ବର୍ଷରୁ କମ୍‌ରେ ସ୍ୱର୍ଣ୍ଣ

## ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୨୨।୧୦ (ପି.ଟି.)**
ଯୁବ ବ୍ୟାଡ୍‌ମିଣ୍ଟନ ଖେଳାଳି ବର୍ନିଲ ଆକାଶ ଚାଙ୍ଗମାଇ ଏଠାରେ ଚାଲିଥିବା ବ୍ୟାଡ୍‌ମିଣ୍ଟନ ଏସିଆ ଜୁନିୟର ଚାମ୍ପିୟନଶିପ୍ ୧୫ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବିଭାଗରେ ସ୍ୱର୍ଣ୍ଣ ଜିତିଛନ୍ତି। ୧୩ ବର୍ଷୀୟ ବର୍ନିଲ ଫାଇନାଲରେ ଫାନ୍ ହଙ୍ଗ୍ ଜୁଆନଙ୍କୁ ୨୧-୧୯, ୨୧-୧୩ରେ ହରାଇ ଦେଇଥିଲେ। ରବିବାର ଖେଳାଯାଇଥିବା ଏହି ମ୍ୟାଚ ମାତ୍ର ୩୪ ମିନିଟରେ ଶେଷ ହୋଇଥିଲା। ୨୦୧୩ରେ ସିରିଲ ବର୍ମାଙ୍କ ପରେ ଆସାମର ବର୍ନିଲ ଭାରତର ଦ୍ୱିତୀୟ ଜୁନିୟର ଖେଳାଳି ଭାବେ ଏହି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟରେ ଟପ୍ ପୋଡିୟମ ଫିନିଶ କରିଛନ୍ତି। ଭାରତୀୟ ଖେଳାଳି ଟୁର୍ନାମେଣ୍ଟ ସାରା ଭଲ ପ୍ରଦର୍ଶନ କରିଆସୁଛନ୍ତି। ଶନିବାର ସେମିଫାଇନାଲରେ ସେ ନିଜ ଦେଶର ଜାଗଶେର ସିଂ ଖାଙ୍ଗୁରାଙ୍କୁ ହରାଇ ଦେଇଥିଲେ।

ଅନ୍ୟପକ୍ଷରେ ୧୭ ବର୍ଷରୁ କମ୍ ବାଳିକା ଫାଇନାଲରେ ଭାରତର ତନ୍‌ଭି ଶର୍ମା ହାରିଯାଇଛନ୍ତି। ଚେଙ୍ଗଡୁ ୱେନଜିଆଙ୍ଗ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ସେ ଥାଇଲାଣ୍ଡର ୟାତାୱିମିନ୍ କେଟକ୍ଲିଏଙ୍କଠାରୁ ୧୭-୨୧, ୨୧-୧୧, ୧୯-୨୧ରେ ପରାଜିତ ହୋଇଥିଲେ। ପରାଜୟ ସତ୍ତ୍ୱେ ଉନ୍ନତି ହୁଡାଙ୍କ ପରେ ତନ୍‌ଭି ଦ୍ୱିତୀୟ ଭାରତୀୟ ବାଳିକା ଭାବେ ୧୭ ବର୍ଷରୁ କମ୍ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଉନ୍ନତି ଗତବର୍ଷ ଥାଇଲାଣ୍ଡରେ ନନ୍ଥାବୁରିଠାରେ ଫାଇନାଲ ଖେଳିଥିଲେ। ମାତ୍ର ସେ ହାରିଯିବାରୁ ରୌପ୍ୟ ଜିତିଥିଲେ। ବର୍ନିଲଙ୍କ ଏହି ପ୍ରଦର୍ଶନ ଭାରତୀୟ ବ୍ୟାଡ୍‌ମିଣ୍ଟନ ପାଇଁ ଜୁନିୟର ସର୍କିଟରେ ଆଉ ଏକ ଉଲ୍ଲେଖନୀୟ ସଫଳତା। ଚଳିତ ମାସ ପ୍ରାରମ୍ଭରେ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଷ୍ଠିତ ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ଚାମ୍ପିୟନଶିପ୍‌ରେ ଆୟୁଷ ଶେଟ୍ଟି ଏକ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ନିକଟରେ ହାଙ୍ଗ୍‌ଝୋଠାରେ ଅନୁଷ୍ଠିତ ହୋଇଯାଇଥିବା ଏସିଆନ ଗେମ୍ସରେ ଭାରତର ଟପ୍ ବ୍ୟାଡ୍‌ମିଣ୍ଟନ ଖେଳାଳିମାନେ ଉତ୍ତମ ପ୍ରଦର୍ଶନ କରିଛନ୍ତି। ପୁରୁଷ ଡବଲ୍ସ ଯୋଡ଼ି ଚିରାଗ ଶେଟ୍ଟି ଓ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଐତିହାସିକ ସ୍ୱର୍ଣ୍ଣ ସହ ବିଶ୍ୱର ନମ୍ବର ୱାନ ଯୋଡ଼ି ହୋଇଯାଇଥିଲେ। ବ୍ୟାଡ୍‌ମିଣ୍ଟନ ଷ୍ଟଲୱାର୍ଟ ଏଚ୍‌ଏସ୍ ପ୍ରଣୟଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବୀ ରହିଥିଲା। ସେ ଏହି ମହାଦେଶୀୟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

# ଓଡ଼ିଶା ସେଭେନ୍ ଏ ସାଇଡ୍ ରଗ୍‌ବୀ ଦଳ ଘୋଷିତ

## ୩୭ତମ ଜାତୀୟ କ୍ରୀଡ଼ା

**ଭୁବନେଶ୍ୱର,୨୨।୧୦ (ସରୋଜ ଜେନା)**
ଆସନ୍ତା ଅକ୍ଟୋବର ୨୬ ତାରିଖରେ ଗୋଆରେ ହେବାକୁ ଥିବା ୩୭ ତମ ଜାତୀୟ କ୍ରୀଡା ପାଇଁ ଓଡ଼ିଶା ସେଭେନ୍ ଏ ସାଇଡ୍ ପୁରୁଷ ଓ ମହିଳା ରଗ୍‌ବୀ ଦଳ ରବିବାର ଘୋଷଣା କରାଯାଇଛି। ଉଭୟ ଦଳରେ ୧୨ ଜଣ ଲେଖାଏ ଖେଳାଳି ରହିଥିବା ବେଳେ ୩ ଜଣ ସପୋର୍ଟ ଷ୍ଟାଫଙ୍କୁ ସାମିଲ କରାଯାଇଛି।

**ପୁରୁଷ ଦଳ:** ସୁଗୁଡା ମାଝି, ବିନୋଦ ମାରାଣ୍ଡି, ଅଶୋକ ହାଁସଦା, ଯୁଗଳ କିଶୋର ମାଝି, ରାଜକିଶୋର ମୁର୍ମୁ, ବିଭୂତି ଭୂଷଣ ସେଠୀ, ଆଶୁ ସବର, ଶାହାନୱାଜ ଅହମଦ, ନାରାୟଣ ସାହୁ, ଅଜିତ କୁମାର ହାଁସଦା, ଗଣେଶ ଧାଙ୍ଗଡା ମାଝି, ସାଲେ ମାଝି। **କୋଚ୍:** ଉପେନ୍ଦ୍ର କୁମାର ମହାନ୍ତି, **ମ୍ୟାନେଜର:** ଭରତ କୁମାର ସାହୁ, ଫିଜିଓ: ଶିବାଶିଷ ପତି।

**ମହିଳା ଦଳ:** ହୁପି ମାଝି, ନିର୍ମାଲ୍ୟ ରାଉତ, ତରୁଲତା ନାଏକ, ସନ୍ଧ୍ୟାରାଣୀ ଟୁଡୁ, ଡୁମୁଣି ମାରାଣ୍ଡି, ମାମା ନାଏକ, ସୁନୀତା ହାଁସଦା, ପାର୍ବତୀ ହାଁସଦା, ମାଲିନ୍ ସୟ, ରୀନା ସିଂଘା, କବିତା କସ୍ତୁରୀ ପଡିହାରୀ, ଆରତୀ ମୁର୍ମୁ। **କୋଚ୍:** ମାନସ କୁମାର ଜେନା, **ମ୍ୟାନେଜର:** ପ୍ରଜ୍ଞା ପରିମିତା ଗରାବଡୁ, ଫିଜିଓ: ସୌମ୍ୟାଶ୍ରୀ ମିଶ୍ର।



ଜାତୀୟ କ୍ରୀଡ଼ା ପାଇଁ ମନୋନୀତ ଓଡ଼ିଶା ପୁରୁଷ ରଗ୍‌ବୀ ଦଳ।



ଓଡ଼ିଶା ମହିଳା ରଗ୍‌ବୀ ଦଳ।





ଜାତୀୟ ସଂଗୀତ ଗାନ ଅବସରରେ ଠିଆ ହୋଇଛନ୍ତି ଭାରତ ଓ ନ୍ୟୁଜିଲାଣ୍ଡ ଦଳର ଖେଳାଳି ଓ ଦର୍ଶକ।

# କୁମ୍ବଲେଙ୍କୁ ପଛରେ ପକାଇଲେ ଶାମି

**ଧର୍ମଶାଳା,୨୨।୧୦**

ଭାରତୀୟ କ୍ରିକେଟ ଦଳର ଦ୍ରୁତ ବୋଲର ମହମ୍ମଦ ଶାମି ବିଶ୍ୱକପରେ ଏକ ନୂତନ ରେକର୍ଡ କରିଛନ୍ତି। ବିଶ୍ୱକପ ଉଇକେଟ ସଂଖ୍ୟାରେ ଭାରତୀୟ କ୍ରିକେଟର କିମ୍ବଦନ୍ତୀ ଅନୀଲ କୁମ୍ବଲେଙ୍କୁ ପଛରେ ପକାଇଛନ୍ତି ଶାମି। ଚଳିତ ବିଶ୍ୱକପରେ ନିଜର ପ୍ରଥମ ମ୍ୟାଚ୍ ଖେଳୁଥିବା ଶାମି ୫୪ ରନ୍ ଦେଇ ୫ ଉଇକେଟ ନେଇଥିଲେ। ଏହି ମ୍ୟାଚ୍ ପୂର୍ବରୁ ବିଶ୍ୱକପରେ ୧୧ ମ୍ୟାଚ୍‌ରୁ ସେ ୩୧ ଉଇକେଟ ନେଇଥିଲେ। ଅନ୍ୟ ପକ୍ଷରେ କୁମ୍ବଲେ ୧୮ ବିଶ୍ୱକପ ମ୍ୟାଚରୁ ୩୧ ଉଇକେଟ ନେଇଥିଲେ। ଏହା ସହିତ ଶାମି ୧୨ ମ୍ୟାଚ୍‌ରୁ ୩୬ ଉଇକେଟ ନେଇ ଭାରତୀୟ ବୋଲରଙ୍କ ମଧ୍ୟରେ ତୃତୀୟ ସ୍ଥାନରେ ରହିଛନ୍ତି। ଜାହିର ଖାନ୍ ୨୩ ମ୍ୟାଚ୍‌ରୁ ୪୪ ଉଇକେଟ ସହ ପ୍ରଥମ ସ୍ଥାନରେ ରହିଥିବା ବେଳେ ଜାଭାଗଲ ଶ୍ରୀନାଥ ୩୩ ମ୍ୟାଚ୍‌ରୁ ୪୪ ଉଇକେଟ ସହିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହା ସହ ଶାମି ପ୍ରଥମ ଭାରତୀୟ ବୋଲର ଭାବେ ବିଶ୍ୱକପରେ ଦୁଇଥର ୫ ଉଇକେଟ ସଫଳତା ହାସଲ କରିଛନ୍ତି। ୨୦୧୯ ବିଶ୍ୱକପରେ ଇଂଲଣ୍ଡ ବିପକ୍ଷରେ ୬୯ ରନ୍ ଦେଇ ଶାମି ୫ ଉଇକେଟ ସଫଳତା ହାସଲ କରିଥିଲେ। ଅଷ୍ଟ୍ରେଲିଆର ମିଚେଲ୍ ଷ୍ଟାର୍କ ବିଶ୍ୱକପରେ ୩ ଥର ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ ଗ୍ୟାରୀ ଗିଲମୋର୍, ଭାସବର୍ଟ ଡାର୍କସ, ମୁସ୍ତାଫିଜୁର ରେହମାନ, ଅଶାନ୍ତ ଡି ମେଲ୍ ଓ ଗ୍ଲେନ୍ ମ୍ୟାକଗ୍ରା ୨ଥର ଲେଖାଏ ଏହି ସଫଳତା ହାସଲ କରିଥିଲେ।



ମ୍ୟାଟ୍ ହେନ୍‌ରୀଙ୍କୁ ବୋଲ୍ଡ କରିବା ପରେ ମହମ୍ମଦ ଶାମି।

### ଖରାପ ଆଲୋକ ପାଇଁ ଖେଳ ବନ୍ଦ

ଧର୍ମଶାଳାରେ ଖେଳା ଯାଇଥିବା ଏହି ମ୍ୟାଚ୍‌ଟି ଖରାପ ଆଲୋକ କାରଣରୁ କିଛି ସମୟ ବନ୍ଦ ରହିଥିଲା। ଦ୍ୱିତୀୟ ଇନିଂସରେ ଭାରତ ବ୍ୟାଟିଂ କରୁଥିବା ବେଳେ ଘନ କୁହୁଡି କାରଣରୁ ଖେଳ ବନ୍ଦ ରହିଥିଲା। ମ୍ୟାଚ୍‌ର ୧୫.୪ ଓଭରର ଖେଳ ହୋଇଥିବା ବେଳେ ଭାରତ ୨ ଉଇକେଟ ହରାଇ ୧୦୦ ରନ୍ ସଂଗ୍ରହ କରିଥିଲା। ବିରାଟ କୋହଲି ଓ ଶ୍ରେୟସ୍ ଆୟର କ୍ରିଜ୍‌ରେ ଉପସ୍ଥିତ ଥିବା ବେଳେ ୧୦ ମିନିଟ ପାଇଁ ଖେଳ ବନ୍ଦ ରହିଥିଲା।

## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଡେଭନ କନୱେ-କ-ଆୟର-ବୋ-ସିରାଜ-୦
ୱିଲ ୟଙ୍ଗ-ବୋ-ଶାମି-୧୭
ରାଚିନ ରବୀନ୍ଦ୍ର-କ-ଗିଲ୍-ବୋ-ଶାମି-୭୫
ଡେରିଲ ମିଚେଲ-କ-କୋହଲି-ବୋ-ଶାମି-୧୩୦
ଟମ୍ ଲଥାମ-ଏଲବିଡବ୍ଲ୍ୟୁ-କୁଲ୍‌ଦୀପ-୫
ଗ୍ଲେନ ଫିଲିପ୍ସ-କ-ଶର୍ମା-ବୋ-କୁଲଦୀପ-୨୩
ମାର୍କ ଚାପମ୍ୟାନ-କ-କୋହଲି-ବୋ-ବୁମ୍‌ରା-୬
ମିଚେଲ ସାଣ୍ଟନର-ବୋ-ଶାମି-୧
ମ୍ୟାଟ ହେନ୍‌ରୀ-ବୋ-ଶାମି-୦
ଲୋକି ଫର୍ଗୁସନ-ରନଆଉଟ-ରାହୁଲ-୧
ଟ୍ରେଣ୍ଟ ବୋଲ୍ଟ-ନଟ ଆଉଟ-୦।
ଅତିରିକ୍ତ: ୧୫
**ମୋଟ:** (୫୦ ଓଭର/ଅଲଆଉଟ) ୨୭୩।
**ଉଇକେଟ ପତନ:** ୧/୯, ୨/୧୯, ୩/୧୭୮, ୪/୨୦୫, ୬/୨୪୭, ୭/୨୬୦, ୮/୨୬୦, ୯/୨୭୩, ୧୦/୨୭୩।
**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୧୦-୧-୪୫-୧
ମହମଦ ସିରାଜ ୧୦-୧-୪୫-୧
ମହମଦ ଶାମି ୧୦-୦-୫୪-୫
ରବୀନ୍ଦ୍ର ଜାଡେଜା ୧୦-୦-୪୮-୦
କୁଲଦୀପ ଯାଦବ ୧୦-୦-୭୩-୨।

**ଭାରତ ଇନିଂସ**
ରୋହିତ ଶର୍ମା-ବୋ-ଲୋକି ଫର୍ଗୁସନ-୪୬
ଗିଲ୍-କ-ଡେରିଲ ମିଚେଲ-ବୋ-ଫର୍ଗୁସନ-୨୬
କୋହଲି-କ-ଫିଲିପ୍ସ-ବୋ-ହେନ୍‌ରୀ-୯୫
ଶ୍ରେୟସ ଆୟର-କ-କନୱେ-ବୋ-ବୋଲ୍ଟ-୩୩
କେ.ଏଲ୍. ରାହୁଲ-ଏଲବିଡବ୍ଲ୍ୟୁ-ସାଣ୍ଟନର-୨୭
ସୂର୍ଯ୍ୟକୁମାର-ରନ ଆଉଟ (ବୋଲ୍ଟ-ଲଥାମ)-୨
ଜାଡେଜା-ନଟଆଉଟ-୩୯
ମହମଦ ଶାମି-ନଟଆଉଟ-୧
ଅତିରିକ୍ତ: ୫
**ମୋଟ:** (୪୮ ଓଭର/୬ ଉଇକେଟ) ୨୭୪।
**ଉଇକେଟ ପତନ:** ୧/୭୧, ୨/୭୬, ୩/୧୨୮, ୪/୧୮୨,୫/୧୯୧, ୬/୨୬୯।
**ବୋଲିଂ (ନ୍ୟୁଜିଲାଣ୍ଡ)**
ଟ୍ରେଣ୍ଟ ବୋଲ୍ଟ ୧୦-୦-୬୦-୧
ମ୍ୟାଟ୍ ହେନ୍‌ରୀ ୯-୦-୫୫-୧
ମିଚେଲ ସାଣ୍ଟନର ୧୦-୦-୩୭-୧
ଲୋକି ଫର୍ଗୁସନ ୮-୦-୬୩-୨
ରାଚିନ ରବୀନ୍ଦ୍ର ୯-୦-୪୬-୦
ଗ୍ଲେନ ଫିଲିପ୍ସ ୨-୦-୧୨-୦।



ଶତକ ହାସଲ ପରେ ଡାରିଲ ମିଚେଲ

# ଧର୍ମଶାଳା ଆଉଟ ଫିଲ୍ଡ ଭଲ ନୁହେଁ

**ଧର୍ମଶାଳା, ୨୨।୧୦ (ପି.ଟି.)**

ହିମାଚଳ ପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ)ର ଆଉଟ ଫିଲ୍ଡ ଭଲ ନୁହେଁ। ଏହି କାରଣରୁ ରବିବାର ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱକପ୍ ମ୍ୟାଚରେ ଭାରତୀୟ ଖେଳାଳିମାନେ ଯେପରି ଇଞ୍ଜୁରି ନ ହୁଅନ୍ତି ସେଥିଲାଗି ସେମାନେ ଫିଲ୍ଡିଂ ବେଳେ ଡାଇଭ୍‌କୁ ଏଡ଼ାଇ ଯାଇଥିଲେ। ନ୍ୟୁଜିଲାଣ୍ଡ ଇନିଂସର ପ୍ରାରମ୍ଭରେ ଭାରତ ଅଧିନାୟକ ରୋହିତ ଶର୍ମାଙ୍କ ଗୋଡ଼ ଖସିଯିବା ଫଳରେ ତାଙ୍କ ଆଙ୍ଗୁଠିରେ ଆଘାତ ଲାଗିଥିଲା। ଚିକିତ୍ସା ପାଇଁ ତାଙ୍କୁ ପଡ଼ିଆ ଛାଡ଼ିବାକୁ ପଡ଼ିଥିଲା। କିଛି ସମୟ ପରେ ସେ ପଡ଼ିଆକୁ ଫେରି ଦଳର ଅଧିନାୟକତ୍ୱ କରିଥିଲେ। ଯଶପ୍ରୀତ ବୁମ୍‌ରା ନ୍ୟୁଜିଲାଣ୍ଡ ଅଧିନାୟକ ଟମ୍ ଲଥାମଙ୍କ ଏକ ଶଟ୍‌କୁ ଅଟକାଇବାକୁ ଡାଇଭ୍ ମାରିଥିଲେ ହୁଏତ ବଲ୍‌କୁ ଅଟକାଇ ପାରିଥାନ୍ତେ, ମାତ୍ର ସେ ତାହା କଲେ ନାହିଁ। ଫଳରେ ଏକ ଚୌକାରେ ପରିଣତ ହୋଇଯାଇଥିଲା। ଧର୍ମଶାଳାର ଆଉଟ ଫିଲ୍ଡ ବାରମ୍ବାର ସମାଲୋଚିତ ହୋଇ ଆସୁଛି। ବାଂଲାଦେଶ ବିପକ୍ଷ ସେମାନଙ୍କ ବିଶ୍ୱକପ୍ ମ୍ୟାଚ ପୂର୍ବରୁ ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ଖରାପ ଆଉଟ ଫିଲ୍ଡ ବୋଲି କହିଥିଲେ। ଏହି ଭେନ୍ୟୁରେ ବାଂଲାଦେଶ ବିପକ୍ଷ ମ୍ୟାଚ ପରେ ଆଫଗାନିସ୍ତାନ କୋଚ୍ ଜୋନାଥନ ଟ୍ରଟ୍ ଏହାର ଆଉଟଫିଲ୍‌ଡକୁ ନେଇ ଅସନ୍ତୋଷ ପ୍ରକାଶ କରିବାପରେ ବଟଲର ତାଙ୍କ ମନ୍ତବ୍ୟ ଦେଇଥିଲେ। ରନ୍‌କୁ ରୋକିବାକୁ ହେଲେ ଡାଇଭ୍ ମାରିବାକୁ ପଡ଼ିଥାଏ। ଏଥିଲାଗି ଏହାର ଆଉଟଫିଲ୍ଡ ଅନୁପଯୁକ୍ତ ।

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୫ | ୫ | ୦ | ୧୦ | +୧.୩୫୩ |
| ନ୍ୟୁଜିଲାଣ୍ଡ | ୫ | ୪ | ୧ | ୮ | +୧.୪୮୧ |
| ଦକ୍ଷିଣ ଆଫ୍ରିକା | ୪ | ୩ | ୧ | ୬ | +୨.୨୧୨ |
| ଅଷ୍ଟ୍ରେଲିଆ | ୪ | ୨ | ୨ | ୪ | -୦.୧୯୩ |
| ପାକିସ୍ତାନ | ୪ | ୨ | ୨ | ୪ | -୦.୪୫୬ |
| ବାଂଲାଦେଶ | ୪ | ୧ | ୩ | ୨ | -୦.୭୮୪ |
| ନେଦରଲାଣ୍ଡ୍ସ | ୪ | ୧ | ୩ | ୨ | -୦.୭୯୦ |
| ଶ୍ରୀଲଙ୍କା | ୪ | ୧ | ୩ | ୨ | -୧.୦୪୮ |
| ଇଂଲଣ୍ଡ | ୪ | ୧ | ୩ | ୨ | -୧.୨୪୮ |
| ଆଫଗାନିସ୍ତାନ | ୪ | ୧ | ୩ | ୨ | -୧.୨୫୦ |

# ଚେପକ୍‌ରେ ପାକିସ୍ତାନ ଆଗରେ ଆଫଗାନ ଚ୍ୟାଲେଞ୍ଜ

**ଚେନ୍ନାଇ,୨୨।୧୦(ପି.ଟି.)**

ବିଶ୍ୱକପ୍‌ର ୨୨ତମ ମ୍ୟାଚ୍‌ରେ ପରସ୍ପରକୁ ଭେଟିବେ ଆଫଗାନିସ୍ତାନ ଓ ପାକିସ୍ତାନ। କ୍ରମାଗତ ଦୁଇଟି ପରାଜୟ ପରେ ଚେପକ୍‌ର ସ୍ପିନିଂ ଟ୍ରାକ୍‌ରେ ପାକିସ୍ତାନ ସମ୍ମୁଖରେ ଆଫଗାନିସ୍ତାନ ଏକ ଚ୍ୟାଲେଞ୍ଜ ଭାବରେ ଉଭା ହେବ। ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରିଥିବା ଆଫଗାନିସ୍ତାନ ଆତ୍ମବିଶ୍ୱାସରେ ରହିଥିବା ବେଳେ ଏହା ନିକଟରେ ରହିଛି ବିଶ୍ୱର ସର୍ବଶ୍ରେଷ୍ଠ ସ୍ପିନ୍ ବୋଲିଂ ଆଟାକ୍। ରଶିଦ୍ ଖାନ୍, ମହମ୍ମଦ ନବି ଓ ମୁଜିବ୍ ଉର ରେହମାନଙ୍କ ସ୍ପିନ୍ ତ୍ରିମୂର୍ତ୍ତି ବିଶ୍ୱର ଯେ କୌଣସି ବ୍ୟାଟିଂ ଲାଇନ୍ ଅପ୍‌କୁ ଧ୍ୱସ୍ତ କରିବା ପାଇଁ ଯଥେଷ୍ଟ। ଦୁଇଟି ପରାଜୟ ପରେ ପାକିସ୍ତାନ ପାଇଁ ଏହି ମ୍ୟାଚରେ ବିଜୟ ନିହାତି ଆବଶ୍ୟକ ଥିବାବେଳେ ଚେପକ୍‌ର ସ୍ପିନିଂ ଟ୍ରାକ୍ ସମସ୍ୟା ସୃଷ୍ଟି କରିପାରେ। ପୂର୍ବରୁ ଏହି ଭେନ୍ୟୁରେ ଆଫଗାନିସ୍ତାନ ବିପକ୍ଷରେ ନ ଖେଳିବା ପାଇଁ ଆଇସିସିକୁ ଅନୁରୋଧ କରିଥିଲା ପାକିସ୍ତାନ। ଏହା ଆଫଗାନିସ୍ତାନ ଦଳକୁ ଅଧିକ ଆତ୍ମବିଶ୍ୱାସ ପ୍ରଦାନ କରିବ। ୪ ମ୍ୟାଚ୍ ଖେଳି ସାରିଥିବା ପାକିସ୍ତାନ ୪ ପଏଣ୍ଟ ସହିତ ୫ ନମ୍ବର ସ୍ଥାନରେ ରହିଛି। ତେବେ ରନ୍ ରେଟ୍ -୦.୪୫୬ ରହିବା ଦଳକୁ ସମସ୍ୟାରେ ପକାଇବ। ବ୍ୟାଟରଙ୍କ ବିଫଳତା ପାକିସ୍ତାନ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ବେଙ୍ଗାଲୁରୁ ପରି ବ୍ୟାଟିଂ ଟ୍ରାକ୍‌ରେ ମଧ୍ୟ ପାକିସ୍ତାନର ଖେଳାଳି ବିଫଳ ହୋଇଥିଲେ। ଏକଦା ମ୍ୟାଚ୍ ଜିତିବା ପାଇଁ ଫେଭରିଟ୍ ରହିଥିଲେ ମଧ୍ୟ ଶେଷ ମୁହୂର୍ତ୍ତରେ ଚାପ ଆଗରେ ହାର ମାନିଥିଲେ। ଟୁର୍ନାମେଣ୍ଟର ସର୍ବାଧିକ ସ୍କୋରର ରହିଥିବା ମହମ୍ମଦ ରିଜୱାନ ନିୟମିତ ଭଲ ସ୍କୋର କରିଥିବା ବେଳେ ତାଙ୍କୁ ଅନ୍ୟ ବ୍ୟାଟରଙ୍କ ସହାୟତା ମିଳିନାହିଁ। ଅଧିନାୟକ ବାବର ଆଜମ୍‌ଙ୍କ ନିକଟରୁ ଏକ ଭଲ ଇନିଂସ ଆଶା କରିବ ପାକିସ୍ତାନ। ତେବେ ଆଫଗାନିସ୍ତାନ ସ୍ପିନରଙ୍କୁ ସତର୍କତାର ସହିତ ଖେଳିବାକୁ ପଡିବ। ରଶିଦ୍ ଖାନ୍, ମହମ୍ମଦ ନବି ଓ ମୁଜିବ୍ ଉର ରେହମାନଙ୍କ ବ୍ୟତୀତ ଆଫଗାନିସ୍ତାନ ନିକଟରେ ୧୬ ବର୍ଷୀୟ ସ୍ପିନର ନୁର ଅହମ୍ମଦ ମଧ୍ୟ ରହିଛନ୍ତି। ଓପନର ଇମାମ୍ ଉଲ୍ ହକ୍ ନିୟମିତ ଭାବରେ ସ୍କୋର କରିବାରେ ବିଫଳ ହୋଇଥିବା ବେଳେ ମଧ୍ୟକ୍ରମରେ ସୌଦ୍ ସକିଲ୍ ଓ ଇଫତିଖାର ଅହମ୍ମଦ ମଧ୍ୟ ଫର୍ମରେ ଥିବା ଭଳି ପ୍ରତୀୟମାନ ହେଉନାହାନ୍ତି। ଏହା ସହ ପାକିସ୍ତାନ ଦଳର ବଡ ସମସ୍ୟା ରହିଛି ଫିଲ୍ଡିଂ। ଦଳ ପ୍ରତି ମ୍ୟାଚ୍‌ରେ କ୍ୟାଚ୍ ହାତଛଡା କରୁଛି। ପାକିସ୍ତାନ ଏହାର ପେସ୍ ବୋଲର ଶାହିନ୍ ଆଫ୍ରିଦିଙ୍କ ଉପରେ ଅଧିକ ନିର୍ଭର କରିବ। ତେବେ ହାରିସ୍ ରୌଫ୍‌ଙ୍କ ଫର୍ମ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି।

ଆଫଗାନିସ୍ତାନର କୌଣସି ବ୍ୟାଟର ବଡ ସ୍କୋର କରି ନ ଥିଲେ ମଧ୍ୟ ଦଳଗତ ଭାବରେ ଏହାର ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହିଛି। ଓପନର ରେହମାନଉଲ୍ଲା ଗୁରବାଜ, ହସମତୁଲ୍ଲା ଶାହିଦି, ଅଜମତଉଲ୍ଲା ଓମାରଜାଇ ବ୍ୟାଟିଂରେ ଅବଦାନ ଦେଇଛନ୍ତି। ତେବେ ଦଳର ବୋଲରମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଉଭୟ ପେସ୍ ଓ ସ୍ପିନ୍ ବୋଲର ପ୍ରତିପକ୍ଷ ବ୍ୟାଟରଙ୍କୁ ନିୟନ୍ତ୍ରଣରେ ରଖିଛନ୍ତି। ତେବେ ଖରାପ ଫିଲ୍ଡିଂ ଆଫଗାନିସ୍ତାନ ପାଇଁ ମଧ୍ୟ ଏକ ବଡ ସମସ୍ୟା ପାଲଟିଛି। ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ନିୟନ୍ତ୍ରଣରେ ରହିଥିଲେ ମଧ୍ୟ ଖରାପ କ୍ଷେତ୍ରରକ୍ଷଣ ପାଇଁ ଦଳ ମ୍ୟାଚ୍ ହାତଛଡା କରିଥିଲା। ଏହା ସହିତ ଚେନ୍ନାଇରେ ଏକ ସପ୍ତାହ ହେଲାଣି ରହିଛି ଆଫଗାନିସ୍ତାନ। ସ୍ଥାନୀୟ ପରିବେଶ ସହିତ ଦଳ ଅଧିକ ଅଭ୍ୟସ୍ତ। ଏହା ଦଳକୁ ଫାଇଦାରେ ରଖିବାରେ ସମର୍ଥ ହେବ।



ପାକିସ୍ତାନ ଦଳର ଅଭ୍ୟାସ ସେସନରେ ହାରିସ୍ ରୌଫ୍(ବାମ) ଓ ବୋଲିଂ କୋଚ୍ ମର୍ନେ ମର୍କେଲ।

# ଘରୋଇ ପରିବେଶରେ ଭାରତ ଫେଭରିଟ୍: ଟେଲର

**ନୂଆଦିଲ୍ଲୀ,୨୨।୧୦(ପି.ଟି.)**

ଭାରତରେ ଅନୁଷ୍ଠିତ ଦିନିକିଆ କ୍ରିକେଟ ବିଶ୍ୱକପ୍ ୨୦୨୩ ପାଇଁ ଭାରତକୁ ଫେଭରିଟ୍ ବୋଲି ବିବେଚନା କରିଛନ୍ତି ନ୍ୟୁଜିଲାଣ୍ଡର ପୂର୍ବତନ ମଧ୍ୟକ୍ରମ ବ୍ୟାଟର ରସ୍ ଟେଲର। ଘରୋଇ ପରିବେଶରେ ଭାରତ ଏହି ବିଶ୍ୱକପ ଖେଳୁଥିବା ବେଳେ ଏହାକୁ ହରାଇବା ଅନ୍ୟ ଦଳମାନଙ୍କ ପାଇଁ ସହଜ ହେ ନାହିଁ। ଘରୋଇ ପରିବେଶରେ ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦଳ ଏହା ନିଃସନ୍ଦେହ। ଅପରାଜେୟ ଭାବରେ ଏହା ନକ୍‌ଆଉଟରେ ପ୍ରବେଶ କଲେ ମୁଁ ଆଶ୍ଚର୍ଯ୍ୟ ହେବି ନାହିଁ ବୋଲି ମଧ୍ୟ କହିଛନ୍ତି ଟେଲର। ଆଇସିସି ପକ୍ଷରୁ ପ୍ରକାଶିତ ଏକ ସ୍ତମ୍ଭରେ ଟେଲର ଏଭଳି ମତ ଦେଇଛନ୍ତି। ଭାରତୀୟ ବ୍ୟାଟର ଓ ବୋଲରଙ୍କ ପ୍ରଦର୍ଶନରେ ଯେଉଁଭଳି ସନ୍ତୁଳନ ଦେଖିବାକୁ ମିଳୁଛି ତାହା ଅଦ୍ୱିତୀୟ। ବ୍ୟାଟିଂରେ ରୋହିତ ଶର୍ମା, ବିରାଟ କୋହଲି ଓ ଲୋକେଶ ରାହୁଲ ଚମତ୍କାର ଫର୍ମରେ ରହିଛନ୍ତି। ଅନ୍ୟପକ୍ଷରେ ବୋଲିଂରେ କୁଲଦୀପ ଓ ରବୀନ୍ଦ୍ର ଜାଡେଜା ଚମତ୍କାର ପ୍ରଦର୍ଶନ କରିଛନ୍ତି। କୌଣସି ବି ଦଳର ଟପ୍-୩ ବ୍ୟାଟର ସର୍ବଦା ଭଲ ପ୍ରଦର୍ଶନ କରିପାରିବେ ନାହିଁ। ଏପରି ସ୍ଥଳେ ୪ ଓ ୫ ନମ୍ବରରେ ଶ୍ରେୟସ ଆୟର ଓ ଲୋକେଶ ରାହୁଲ ରହିଛନ୍ତି। ଆଗାମୀ ଦିନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନରେ ଭାରତୀୟ ଦଳ ଆହୁରି ଅଧିକ ଶକ୍ତିଶାଳୀ ହେବ।

ଭାରତକୁ କ୍ରିକେଟ ଫ୍ୟାନ୍‌ଙ୍କ ଯେଉଁଭଳି ସମର୍ଥନ ମିଳୁଛି ତାହା ମଧ୍ୟ ଅତ୍ୟନ୍ତ ଚମତ୍କାର। କେବଳ ଭାରତୀୟ ଦଳକୁ ନୁହେଁ ବିଶ୍ୱର ସମସ୍ତ କ୍ରିକେଟ ଦଳକୁ ଏଠାରେ ସମର୍ଥନ ମିଳିଥାଏ। ଭାରତୀୟ ପରିବେଶରେ ଖେଳିବାର ଅଭିଜ୍ଞତା ବେଶ୍ ଚମତ୍କାର ବୋଲି ଟେଲର ଲେଖିଛନ୍ତି। ଯେତେବେଳେ ଆମେ ଭାରତକୁ ଆସିଥାଉ ଫୁଲ ହାଉସ୍ ଦର୍ଶକଙ୍କ ଆଗରେ ଖେଳିବାର ସୌଭାଗ୍ୟ ମିଳିଥାଏ। ଚଳିତ ବିଶ୍ୱକପ୍‌ରେ ରାଚିନ୍ ରବୀନ୍ଦ୍ର ନ୍ୟୁଜିଲାଣ୍ଡ ପାଇଁ ଟ୍ରମ୍ପକାର୍ଡ ହେବେ ବୋଲି କହିଛନ୍ତି ଟେଲର।

### ଦିନିକିଆ ବିଶ୍ୱକପ

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**
**ପାକିସ୍ତାନ ବନାମ ଆଫଗାନିସ୍ତାନ**

**ସ୍ଥାନ: ଚେନ୍ନାଇ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



Reliance
ଦଶହରା ମନାନ୍ତୁ
#DilKholKe
ଫେଷ୍ଟିଭାଲ ଅଫ୍ ଇଲେକ୍ଟ୍ରୋନିକ୍ସ
କୋ-ପାୱର୍ଡ ବାୟ
intel evo
ONEPLUS
₹10000 ପର୍ଯ୍ୟନ୍ତ ଇନଷ୍ଟାଣ୍ଟ ଡିସ୍କାଉଣ୍ଟ*
ICICI Bank
ପାଆନ୍ତୁ ଏଜିଓ ଏବଂ ରିଲାଏନ୍ସ ଟ୍ରେଣ୍ଡସ ଭାଉଚର୍ସ ମୂଲ୍ୟ ₹4000*
Reliance digital
PERSONALISING TECHNOLOGY
#TechnologySeRishtaJodo
MATCH DAY DEALS
TCL 4K UHD TV
216cm(85) UHD TV
₹149990*
146CM (58) 165CM (65) 189CM (75)
₹31990* ₹42990* ₹65990*
SAMSUNG Neo QLED
₹99990*
LG NanoCell ULTRA BRIGHT PANEL
₹99990 ₹159990
₹59990* ₹89990*
SONY X90L Series XR Full Array LED
139CM (55) 165CM (65) 189CM (75)
₹5500* ₹6500* ₹7500*
SAMSUNG Q-Series DOLBY ATMOS SOUNDBAR
Starting from ₹24990*
ADDITIONAL MAX 20% CASHBACK UP TO ₹20000* ON LEADING BANK
Intel® Core™ i3 Everyday Laptop Starting at ₹29999*
Intel® Core™ i5 Multi-Tasking Laptop Starting at ₹39999* Gaming Laptop Starting at ₹40999*
AMD R5 Multi-Tasking Laptop Starting at ₹39999* Gaming Laptop Starting at ₹40999*
PRICE AFTER PROMO, CASHBACK & EXCHANGE BONUS AS APPLICABLE*
OnePlus Open
Open for Everything
Pre-book Now
OPPO FIND N3 FLIP ₹99999 Starting from ₹82999*
VIVO V29 5G Starting from ₹32999*
SIDE BY SIDE ₹57990* ₹74990* ₹97990*
FRONT LOAD ₹24990* ₹33490* ₹33990*
BREAKFAST COMBO
HAVELLS HOT AND COLD BOTTLE & SANDWICH MAKER
WONDERCHEF ELECTRIC KETTLE
COMBO OFFER ₹1999*
AIRPODS PRO 1st Gen ₹26300 ₹15990*
WATCH S9 ₹1359*
HDFC BANK ଟ. 10000 ପର୍ଯ୍ୟନ୍ତ କ୍ୟାସବ୍ୟାକ୍* କଂଜ୍ୟୁମର ଫାଇନାନ୍ସ ଉପରେ
Paytm CASHBACK ₹1000*
Reliance resQ 1800 889 1044
ଆଜ ହିଁ ସପିଂ କରନ୍ତୁ: reliancedigital.in
SHOP ANY ELECTRONICS AT MY JIO STORE
Jio DIGITAL LIFE
VISIT US AT ODISHA : BHUBANESWAR • RELIANCE MALL, MASTER CANTEEN PH:- 9861925887 / 89 • NANDAN KANAN ROAD, PATIA PH:-8249999839/8260100330 • ESPLANADE ONE MALL, RASULGARH PH:9324413077 / 9324413657 • CUTTACK • COLLEGE SQUARE 9324405125 • CDA, CUTTACK PH:- 6291979291 • PURI, VIP ROAD PH:- 9348532784/8100784254 • BALASORE, CINEMA COMPLEX • BERHAMPUR, BHAPUR BAZAAR AVENUE • ROURKELA • PANPOSH ROAD • FORUM MALL CIVIL TOWN SHIP • SAMBALPUR, BUDHARAJA MAIN ROAD • ANGUL SANKAR CINEMA ROAD • BALANGIR, RADHARANI PARA • JAJPUR ROAD CHORDA BY PASS • JHARSUGUDA, SARBAHAL ROAD, MARWADIPADA • SUNDERGARH, SBI SQUARE MEDICAL CHOWK • TALCHER ROAD,SHARMA CHOWK | TO LOCATE YOUR NEAREST MYJIO STORE, SMS LOCATE <PINCODE> TO 561611




LOVED IN 70 COUNTRIES
BAJAJ
THE WORLD'S FAVOURITE INDIAN
ସବୁଠୁ ବଡ଼,
ସବୁଠୁ ଜବରଦସ୍ତ
125 CC
ପ୍ରାରମ୍ଭିକ ମୂଲ୍ୟ ₹86720/-*
ଆକର୍ଷକ ଡାଉନ୍ ପେମେଣ୍ଟ ₹2999/-*
pulsar
DEFINITELY MALE
72198 21111
BAJAJ FINANCE LTD - AF
BAJAJ SECURE
Authorised Dealers for BAJAJ Auto Ltd.: Bhubaneswar: Lewis Road MSB BAJAJ 7381088720 • Nayapalli BHARAT BAJAJ 7064406721 • Patia BHARAT BAJAJ 7381099444 • Balugaon BHARAT BAJAJ 7381099441 • Puri MSB BAJAJ 7077735752 • Pipili MSB BAJAJ 7077735755 • Cuttack: Badambadi SURAJ BAJAJ 8093066603 • Rahama MAITREE BAJAJ 9668801781, Nayagarh MSB BAJAJ 7790048130 • Rajsunakhala MSB BAJAJ 9668820967 • Daspalla MSB BAJAJ 7873925390 • Phulbani MSB BAJAJ 8917341979 • Keonjhar JR BAJAJ 9937697094 / 9439008692• Angul JAMUNA BAJAJ 7682899351 • Jajpur Road PARIDA BAJAJ 7381012602 • Dhenkanal SHIVAM BAJAJ 7873922722 • Chandikhole TARINI BAJAJ 9937310800. Authorised Service Centre: Balianta 7978570067, Balipatna 9861061389, Khurda 9937785586 Jatni 8339062656, Ersama 8018800801, Jagamara 9777042612, Sundarpada 9777042612, Iginia 7064422415, Nimapada 9437030368, Charichak 8018881850, Kakatpur 9776125534, Tangi 8984562569, Phulnakhara 9437410737, Niali 9437511829, Choudwar 7735864350, Salepur 9040452661, Jagatsinghpur 9437273939, Balikuda 9777683351, JajpurTown 9937888777, Bhuban 9438570111, Rasol 9938656276/9937513419, Kuakhia 9937312014, Chhatia 9040084846, Kamakhyanagar 9437079287, Barbil 9437086335, Jashipur 9437443161/8117041821. Dhenkikote 9437598479 Turmunga 9937428333, Karanjia 7504810975, Udala 9337004355/56. Pallahara 9178494430, Khamar 9437426261, Talcher 9861089073 Mahidharpur 7978559852/9937183086, Banarpal 7077746576, Athgarh 9937289417, Bidharpur 7008503281, Banki 7978336450, Rambha 7381099445. Narsinghpur 7978288573, Badamba 9937643504 Adaspur 9439735529, Pattamundai 7064987720, Balikuda 9861130954, Kendrapara 7008576945, Nischintakoili 8917622159